ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ -୫
## ଗ୍ରାମୀଣ ସମ୍ବଳ ପରିଚାଳନା

ବ୍ଲକ୍

୬ ଅନ୍ତର୍ଭୂକ୍ତ ବିକାଶ

ପ୍ରଥମ ଏକକ
ସାମାଜିକ ଅନ୍ତର୍ଭୂକ୍ତକରଣ

ଦ୍ୱିତୀୟ ଏକକ
ଆର୍ଥିକ ଅନ୍ତର୍ଭୂକ୍ତି

ତୃତୀୟ ଏକକ
ଅନୁସୂଚିତ ଜାତି ଓ ଜନଜାତି ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ

## ବିଶେଷଜ୍ଞ ପରିଷଦ


| | | | |
|---|---|---|---|
| ୧. | ଶ୍ରୀ ଜଗଦାନନ୍ଦ | ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ, ସି.ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା | ଅଧ୍ୟକ୍ଷ |
| ୨. | ଡକ୍ଟର ଶ୍ରୁତି ମହାପାତ୍ର | ମୁଖ୍ୟ ନିର୍ବାହୀ, ସ୍ୱାଭିମାନ, ଭୁବନେଶ୍ୱର | ସଭ୍ୟା |
| ୩. | ଡକ୍ଟର ଧର୍ମବ୍ରତ ମହାପାତ୍ର, | ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ, ସ୍ନାତକୋତ୍ତର ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ | ସଭ୍ୟ |
| ୪. | ଡକ୍ଟର ଏମ୍. ଜି. ବାଗେ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ୫. | ଶ୍ରୀମତୀ ଦୀପ୍ତି ରାୟ, | ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ, ନିଶ୍ୱାସ, ଭୁବନେଶ୍ୱର | ସଭ୍ୟା |
| ୬. | ଡକ୍ଟର ରବିନ୍ଦ୍ର ଗାରାଡ଼େ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ୭. | ଡକ୍ଟର ଏସ୍.ଟି. ରେହମାନ | ଶିକ୍ଷଣୀୟ ପରାମର୍ଶଦାତା, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | ସଂଯୋଜକ |



**ପାଠ୍ୟ ସଂଯୋଜକ ଓ ସମ୍ପାଦକ : ଡକ୍ଟର ବିଳାଶ ଚନ୍ଦ୍ର ମନ୍ତ୍ରୀ**

ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

**ଅନୁବାଦକ ଓ ଡି.ଟି.ପି : ନିରଦବରଣ ଖୁଣ୍ଟିଆ**

ଏନ୍‌ଏସ୍‌ଏସ୍ ୟୁନିଟ୍, ବିପିୟୁଟି, ଭୁବନେଶ୍ୱର।

**ପ୍ରଚ୍ଛଦ ଓ ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବଦ୍ୟାଳୟ, ସମ୍ବଲପୁର।



## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ



© OSOU, 2021. **"ANTARBHUKTA BIKASHA"** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ସାମାଜିକ ଅନ୍ତର୍ଭୂକ୍ତକରଣ

**ବିଷୟ ଗଠନ :**


୧.୦ ପଠନର ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ସାମାଜିକ ଅନ୍ତର୍ଭୂକ୍ତକରଣର ପ୍ରକାରଭେଦ

୧.୩ ସାମାଜିକ ଅନ୍ତର୍ଭୂକ୍ତକରଣ ପ୍ରଚଳନ

୧.୪ ଭାରତରେ ସାମାଜିକ ଅନ୍ତର୍ଭୂକ୍ତକରଣ

୧.୫ ସାମାଜିକ ଅନ୍ତର୍ଭୂକ୍ତକରଣ ପାଇଁ ନୀତି ଓ ବିଭିନ୍ନ ସମୂହ

୧.୬ ସାମାଜିକ ଅନ୍ତର୍ଭୂକ୍ତକରଣ ଏବଂ ବିକାଶ

୧.୭ ସାମାଜିକ ଅନ୍ତର୍ଭୂକ୍ତକରଣ ଏବଂ ବହିଷ୍କାର

୧.୮ ସାରାଂଶ

୧.୯ ମୁଖ୍ୟ ଶବ୍ଦାବଳୀ

୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୧୧ ସହାୟକ ଗ୍ରନ୍ଥସୂଚୀ


## ୧.୦ ପଠନର ଉଦ୍ଦେଶ୍ୟ

ଏହି ଏକକ ସମାପ୍ତ ହେବାପରେ ତୁମେ ସକ୍ଷମ ହେବା ଉଚିତ୍ -

- ବିଭିନ୍ନ ସାମାଜିକ ଅନ୍ତର୍ଭୂକ୍ତକରଣ ବ୍ୟବସ୍ଥାକୁ ବର୍ଣ୍ଣନା କରିବା।
- ଭାରତର ସାମାଜିକ ଅନ୍ତର୍ଭୂକ୍ତକରଣ ନୀତିକୁ ବାଖ୍ୟା କରିବା।
- ସାମାଜିକ ଅନ୍ତର୍ଭୂକ୍ତକରଣ ଏବଂ ବହିର୍ଭୂକ୍ତ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିବା।

## ୧.୧ ଉପକ୍ରମ

ସାମାଜିକ ଅନ୍ତର୍ଭୂକ୍ତକରଣ ଏକ ପ୍ରକ୍ରିୟା ଯେଉଁଥିରେ ପ୍ରତ୍ୟେକ ଶ୍ରେଣୀ, ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଗୋଷ୍ଠୀ, ନିଜ ନିଜର ଦକ୍ଷତା, ସୁଯୋଗ ଏବଂ ଆବଶ୍ୟକତାକୁ ଅନୁଭବ କରି ସମାଜର ସାମୁହିକ ବିକାଶ କରିବା ସହିତ ପ୍ରତ୍ୟେକ ଅବହେଳିତ ବ୍ୟକ୍ତିକୁ ସମାଜର ମୂଖ୍ୟସ୍ରୋତରେ ସାମିଲ କରିବା। ଯେଉଁମାନେ ଅବହେଳିତ ସେମାନଙ୍କୁ ଅନ୍ତର୍ଭୂକ୍ତ କରିବା ଏକ ବିଶ୍ୱସ୍ତରୀୟ ଜଟିଳ ସମସ୍ୟା ଯାହା ବିକଶିତ ତଥା ବିକାଶଶୀଳ ଦେଶକୁ ମଧ୍ୟ ପ୍ରଭାବିତ କରିଥାଏ। କିନ୍ତୁ ଏହା ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରାଗଲେ ଲକ୍ଷ୍ୟ ହାସଲ ହୋଇପାରିବ। ବିଶ୍ୱ

ବ୍ୟାଙ୍କ ଗୋଷ୍ଠୀ ବିଭିନ୍ନ ଜ୍ଞାନ ବିଜ୍ଞାନ, ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଅନ୍ତର୍ଭୂକ୍ତକୁ ପ୍ରୋତ୍ସାହିତ କରିବାକୁ ପ୍ରାଥମିକତା ଦେଇଥାଏ, ପ୍ରତ୍ୟେକ ଦେଶରେ ଆଦିବାସୀ, ପ୍ରବାସୀ ବା ସଂଖ୍ୟାଲଘୁ ପରି ଅନେକ ଗୋଷ୍ଠୀ ସାମାଜିକ ରାଜନୈତିକ ବା ଅର୍ଥନୈତିକ ବିକାଶ ପ୍ରକ୍ରିୟାରେ ସାମିଲ ହୋଇ ପାରନ୍ତି ନାହିଁ। କିଛି ସାମାଜିକ ପ୍ରଥା, ଅନ୍ଧବିଶ୍ୱାସ, ଜାତି, ଧର୍ମ, ଲିଙ୍ଗଗତ ପ୍ରଭେଦତା ହିଁ ସେମାନଙ୍କୁ ମୂଖ୍ୟ ସ୍ରୋତରୁ ଦୁରେଇ ରଖିଥାଏ। ଯାହା ଫଳରେ ସୁସ୍ଥ ସୁରକ୍ଷିତ ଏବଂ ସୁନ୍ଦର ଜୀବନ ଯାପନ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ।

ସାମାଜିକ ବହିଃକରଣକୁ ପ୍ରତିହତ କରିବା ପ୍ରତ୍ୟେକଙ୍କ ପାଇଁ ଏକ ନୈତିକ ଆହ୍ୱାନ ଅଟେ। ଏଭଳି ଅବହେଳିତ ଗୋଷ୍ଠୀଙ୍କୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ରଖାଗଲେ ସମାଜର ବିକାଶ ଧାରାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଏକ ଅଧ୍ୟୟନରୁ ଜଣାଯାଏ, ରୋମାନିଆର ମୂଳ ବାସିନ୍ଦା ରୋମା ସଂପ୍ରଦାୟ ସାମାଜିକ ପ୍ରକ୍ରିୟାର ସମସ୍ତ ସ୍ରୋତରୁ ଦୂରେଇ ଥିବାରୁ, ଦେଶକୁ ୮୮୭ ନିୟୁତ ୟୁରୋ କ୍ଷତିଗ୍ରସ୍ତ ହେବାକୁ ପଡ଼ିଥିଲା। ଏଥି ସହ ମାନବ ପୁଞ୍ଜି ବିକାଶ ପାଇଁ ବହିଃକରଣର ମଧ୍ୟ କ୍ଷତିକାରକ ପରିଣାମ ଘଟିଥାଏ। ଏହାକୁ ସ୍ୱୀକାର କରି ମିଳିତ ଜାତିସଂଘ ଦେଶକୁ ଅନ୍ତର୍ଭୂକ୍ତ ଅଭିବୃଦ୍ଧିରେ ପ୍ରୋତ୍ସାହନ ଦେବା ଓ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ସହିତ ଜଣେ ମଧ୍ୟ କେହି ବାଦ ପଡ଼ିବେ ନାହିଁ ବୋଲି ଲକ୍ଷ୍ୟ ରଖିଛି। ସାମାଜିକ ଅନ୍ତର୍ଭୂକ୍ତିକରଣ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ଓ ସହଭାଗିତା ଦ୍ୱାରା ସାମାଜିକ ଅଭିବୃଦ୍ଧି ହିଁ ବିଶ୍ୱବ୍ୟାଙ୍କ ଗୋଷ୍ଠୀର ମୂଳ ଲକ୍ଷ୍ୟ।

ବିଶ୍ୱ ବ୍ୟାଙ୍କ ଗୋଷ୍ଠୀ ସାମାଜିକ ଅନ୍ତର୍ଭୂକ୍ତିକୁ ଏଭଳି ଭାବେ ବାଖ୍ୟା କରେ : -

୧. ପ୍ରତ୍ୟେକ ବ୍ୟକ୍ତି ଏବଂ ଗୋଷ୍ଠୀ ସମାଜର ବିକାଶ ଧାରାରେ ଅଂଶୀଦାର ହେବା।

୨. ସମାଜରେ ଅବହେଳିତ ବ୍ୟକ୍ତିମାନଙ୍କୁ ସାମାଜିକ ମୂଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ଦକ୍ଷତା, ସୁଯୋଗ ଓ ସମ୍ମାନର ଉନ୍ନତି କରିବ।

## ୧.୨ ସାମାଜିକ ଅନ୍ତର୍ଭୂକ୍ତକରଣର ପ୍ରକାରଭେଦ

ସମାଜରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ବା ଗୋଷ୍ଠୀଙ୍କୁ ଆବଶ୍ୟକୀୟ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ବାସସ୍ଥାନ ଏବଂ ତାଲିମର ସଂପୂର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହିତ ସୁସ୍ଥ, ସୁନ୍ଦର ଏବଂ ସମ୍ମାନର ଜୀବନ ନିର୍ବାହ କରିବାରେ ସହାୟକ ହେବା ହିଁ ସାମାଜିକ ଅନ୍ତର୍ଭୂକ୍ତକରଣ ଅଟେ। ରାଷ୍ଟ୍ର ନିଜର ବିଭିନ୍ନ ସଂପ୍ରଦାୟର ବ୍ୟକ୍ତିମାନଙ୍କୁ ସମାଜରେ ଥିବା ପ୍ରତିବନ୍ଧକକୁ ହଟାଇ ସୁଯୋଗ ସୃଷ୍ଟି କରିବା ସହିତ ବିକାଶଧାରାକୁ ଅବ୍ୟାହତ ରଖି ସମଭାଗିତା ମାଧ୍ୟମରେ ସୁଫଳ ପ୍ରାପ୍ତ ହେବା ହିଁ ସାମାଜିକ ଅନ୍ତର୍ଭୂକ୍ତି ଅଟେ। ସାମାଜିକ ବୈଜ୍ଞାନିକ ଫୁରି (୨୦୦୭)ଙ୍କ ମତରେ ସାମାଜିକ ଅନ୍ତର୍ଭୂକ୍ତିର ମର୍ମ ହେଉଛି ରାଷ୍ଟ୍ରର ସମସ୍ତ ନୀତି ଓ ପ୍ରୟାସ ସମସ୍ତଙ୍କ ମଧ୍ୟରେ ପ୍ରତ୍ୟେକ ପରିସ୍ଥିତିରେ ସମାନ ସୁଯୋଗ ସୃଷ୍ଟି କରିବା ସହିତ ଉପେକ୍ଷିତ ଗୋଷ୍ଠୀ ବା ବ୍ୟକ୍ତିମାନଙ୍କୁ ବିକାଶଧାରାରେ ସାମିଲ କରିବା। ସମଭାବରେ ବିଶ୍ୱ ବ୍ୟାଙ୍କ ମଧ୍ୟ ସର୍ବସାଧାରଣ ଏବଂ ଅବହେଳିତ ବ୍ୟକ୍ତିମାନଙ୍କର ଦକ୍ଷତାକୁ ସୁଯୋଗରେ ବିନିଯୋଗ କରି ସମାଜରେ ସେମାନଙ୍କ ନିଜସ୍ୱ ପରିଚୟ ସ୍ଥାପନ କରିବା ପାଇଁ ଗୁରୁତ୍ୱ ଆରୋପ କରେ।

ବିଭିନ୍ନ ବିକାଶଶୀଳ ରାଷ୍ଟ୍ର ସାମାଜିକ ଅନ୍ତର୍ଭୂକ୍ତି କରଣ କାର୍ଯ୍ୟକ୍ରମ ପ୍ରକ୍ରିୟା ନିମନ୍ତେ ନୀତି ନିର୍ଦ୍ଧାରଣ କରିବା ସହିତ ସ୍ୱତନ୍ତ୍ର ମନ୍ତ୍ରାଳୟ ସୃଷ୍ଟି କରିଛନ୍ତି । ସାମାଜିକ ଅନ୍ତର୍ଭୂକ୍ତିର ପ୍ରଥମ ମନ୍ତ୍ରୀ ଥିଲେ, ଦକ୍ଷିଣ ଅଷ୍ଟ୍ରେଲିଆର ପ୍ରିମିୟର ମାଇକ୍ ରାନ, ଯେ ୨୦୦୪ରେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ ୧୯୯୭ରେ ବ୍ରିଟେନର ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ଦ୍ୱାରା ପ୍ରତିଷ୍ଠିତ ସୋସିଆଲ ଏକ୍ସକ୍ଲୁଜନ ଇଉନିଟ ଆଧାରରେ ମାଇକ୍ ରାନ୍ ସାମାଜିକ ଅନ୍ତର୍ଭୂକ୍ତକରଣ କାର୍ଯ୍ୟକ୍ରମ ୨୦୦୨ରେ ଆରମ୍ଭ କରିଥିଲେ । ମାନସିକୋର ଡ଼େଭିଡ଼ କାପୋ ୟୁନିଟ୍‌ର ମୂଖ୍ୟଭାବେ କାର୍ଯ୍ୟ କରୁଥିବା ସମୟରେ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରାଳୟ ଓ କ୍ୟାବିନେଟ ସହଯୋଗ କରୁଥିଲେ । କାପୋ ଦକ୍ଷିଣ ଅଷ୍ଟ୍ରେଲିଆ କ୍ୟାବିନେଟର କାର୍ଯ୍ୟନିର୍ବାହୀ କମିଟିର ପ୍ରମୁଖ ଥିଲେ ଏବଂ ପରବର୍ତ୍ତି ସମୟରେ ସାମାଜିକ ବୈଷମ୍ୟ ଏବଂ ସମସ୍ୟାକୁ ଦୂର କରିବା ପାଇଁ ବ୍ୟାପକ କ୍ଷମତା ବିଶିଷ୍ଟ ସାମାଜିକ ଅନ୍ତର୍ଭୂକ୍ତ କମିଶନର ଭାବେ ନିଯୁକ୍ତି ହୋଇଥିଲେ । କାପୋ ବିଭିନ୍ନ ସଂସ୍ଥାମାନଙ୍କ ସହିତ ଯୋଗାଯୋଗ କରିବା ଏବଂ କୌଣସି ଗୋଟିଏ ସଂସ୍ଥା ବା ଅନୁଷ୍ଠାନ ଦ୍ୱାରା ନୁହେଁ ବରଂ ସାମୁହିକ ଏବଂ ଅନେକ ଅନୁଷ୍ଠାନ ମାନଙ୍କ ସହଯୋଗରେ ଅଧିକାଂଶ ସାମାଜିକ ସମସ୍ୟାର ସମାଧାନ କରିବା ହିଁ ମୂଖ୍ୟଲକ୍ଷ୍ୟ ରଖିଥିଲେ । ପ୍ରଥମ ପଦକ୍ଷେପ ଭାବରେ ଭୂମିହୀନ ଏବଂ ରାସ୍ତା କଡ଼ରେ ଜୀବନଯାପନ କରୁଥିବା ବ୍ୟକ୍ତି ମାନଙ୍କୁ ସହରର ବିଭିନ୍ନ ଆବାସ ସ୍ଥଳି ପ୍ରଦାନ କରିବା ସହିତ ଆଇ.ସି.ଏନ୍. ମାଧ୍ୟମରେ ନମନୀୟ ଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାର୍ଥୀମାନଙ୍କ ଉପସ୍ଥିତ ହାର ବୃଦ୍ଧି କରାଯାଇଥିଲା । କାପୋଙ୍କ "ଷ୍ଟେପିଙ୍ଗ ଅପ" ରିପୋର୍ଟ ଅନୁଯାୟୀ ମାନସିକ ଅନଗ୍ରସର ଏବଂ ଭିନ୍ନକ୍ଷମଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା କରିବା ସହିତ ସେମାନଙ୍କର ବିକାଶ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବ ସାଧାରଣଙ୍କ ସହଭାଗିତା ଲୋଡ଼ିଥିଲେ । ୨୦୦୭ରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ କେଭିନ୍ ରୁଡ଼ ଜୁଲିଆ ଗିଲାର୍ଡ଼ଙ୍କୁ ଦେଶର ପ୍ରଥମ ସାମାଜିକ ଅନ୍ତର୍ଭୂକ୍ତ ମନ୍ତ୍ରୀ ଭାବରେ ନିଯୁକ୍ତ କରିଥିଲେ ।

ସାମାଜିକ ଅନ୍ତର୍ଭୂକ୍ତି ଅନେକ ପ୍ରକାରର ହୋଇପାରେ :-

- **ଅର୍ଥନୈତିକ ଅନ୍ତର୍ଭୂକ୍ତି** -ନୀତି ପ୍ରଣୟନ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତିର ଅର୍ଥନୈତିକ ବିକାଶକୁ ଅଗ୍ରାଧିକାର ଦେବା ।
- **ପରିବେଶଭିତ୍ତିକ ଅନ୍ତର୍ଭୂକ୍ତି** - ନୀତି ପ୍ରଣୟନ ଓ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ପରିବେଶ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ନିୟମ ପ୍ରଣୟନ ଓ ସ୍ଥାୟୀ ବିକାଶ ଧାରାରେ ଅଂଶୀଦାର ହେବା ଉଚିତ୍ ।
- **ସାମାଜିକ ଅନ୍ତର୍ଭୂକ୍ତି** - ନୀତି ପ୍ରଣୟନ ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅଂଶୀଦାର କରିବା ସହିତ, କେହି ଯେପରି ଉପେକ୍ଷିତ ନ ହୁଅନ୍ତି, ସେଥିପାଇଁ ଦୃଷ୍ଟି ରହିବା ଉଚିତ୍ ।

## ୧.୩ ସାମାଜିକ ଅନ୍ତର୍ଭୂକ୍ତକରଣ ପ୍ରଚଳନ

- ସାମାଜିକ ଅନ୍ତର୍ଭୂକ୍ତିର ପ୍ରୋତ୍ସାହନ ଓ ସମର୍ଥନ ।
- ପରିବହନ ତଥା ଯାତାୟତ ସୁଗମ କରାଯିବା ଦ୍ୱାରା, ସାମୁହିକ କାର୍ଯ୍ୟକ୍ରମରେ ପ୍ରତ୍ୟେକଙ୍କର ଅଂଶୀଦାର ସମ୍ଭବ ।

- ସାମୁହିକ ପ୍ରକଳ୍ପ, ସର୍ବସାଧାରଣ କେନ୍ଦ୍ର ଓ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ଯୋଗାଯୋଗ ବ୍ୟାପକ ହେବାଦ୍ୱାରା ବିଭିନ୍ନ ପିଢ଼ିର ବ୍ୟକ୍ତି ମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ ।
- ପ୍ରତ୍ୟେକ ବ୍ୟକ୍ତିର ଦକ୍ଷତା ଚିହ୍ନଟ ଏବଂ ସମ୍ମାନ ପ୍ରଦାନ, ବୟସ୍କ ବ୍ୟକ୍ତି ମାନଙ୍କ ଦକ୍ଷତା, ଅନୁଭବ ଓ ଅଭିଓ୍ୱତାକୁ ସମ୍ମାନ ଦେଇ ବିକାଶ ଧାରାକୁ ବୃଦ୍ଧି କରିବା ପାଇଁ ପ୍ରୟାସ କରିବା ।
- ସାଧାରଣ ଲୋକମାନଙ୍କୁ ସମାଜ ମଙ୍ଗଳ ଯୋଜନା ପ୍ରସ୍ତୁତରେ ବ୍ୟାପକ ଅଂଶ ଗ୍ରହଣ କରାଇବ ।
- ବିଭିନ୍ନ ସେବା ଏବଂ ଯୋଜନା ପ୍ରସ୍ତୁତ ସମୟରେ ସାଧାରଣ ଲୋକମାନଙ୍କର ମତାମତକୁ ଗୁରୁତ୍ୱ ପ୍ରଦାନ କରିବ ।

ସାମାଜିକ ଅନ୍ତର୍ଭୂକ୍ତକରଣ ଏକ ପ୍ରକ୍ରିୟା ଯେଉଁଥିରେ ସମସ୍ତଙ୍କୁ ସମାନ ସୁଯୋଗ ସୁନିଶ୍ଚିନ୍ତ କରିବା ପାଇଁ ପ୍ରୟାସ କରାଯାଏ । ଏହା ଏକ ବହୁବିଧ ପ୍ରକ୍ରିୟା ଯାହା ପ୍ରତ୍ୟେକ ସ୍ତରର ବ୍ୟକ୍ତିମାନଙ୍କୁ ଅଂଶ ଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବା ସହ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନିଷ୍ପତ୍ତି ଗ୍ରହଣ କରିବାରେ ସମଭାଗିତା ରହିଥାଏ । ସାମାଜିକ ଅନ୍ତର୍ଭୂକ୍ତିକୁ ମଧ୍ୟ ସମାଜରୁ ଦାରିଦ୍ର୍ୟତା ଓ ଭେଦାଭେଦ ଦୂର କରିବାର ଅନ୍ୟ ଏକ ବ୍ୟବସ୍ଥା ଅଟେ । ସାମାଜିକ ଅନ୍ତର୍ଭୂକ୍ତି ଦ୍ୱାରା ଗରିବ ଓ ଅବହେଳିତ ଲୋକମାନଙ୍କୁ ସମାଜର ମୂଖ୍ୟସ୍ରୋତକୁ ଫେରାଇ ଆଣିବା ସହିତ, ବିଶ୍ୱରେ ଘଟୁଥିବା ଦ୍ରୁତ ପ୍ରଗତିର ସୁଯୋଗ ପ୍ରଦାନ ମାଧ୍ୟମରେ ଆର୍ଥିକ ଓ ସାମାଜିକ ସ୍ଥିତି ସୁଦୃଢ଼ କରାଯାଇଥାଏ । ଏହା ସୁନିଶ୍ଚିନ୍ତ କରେ ଯେ ରାଷ୍ଟ୍ରରେ ବିକାଶ ମୂଳକ ନିଷ୍ପତ୍ତିରେ ସାଧାରଣ ଲୋକଙ୍କର ମଧ୍ୟ ଭାଗୀଦାରିତା ଅଛି ଏବଂ ସେମାନେ ସାଧାରଣ ସେବା, ବଜାର ଏବଂ ରାଜନୈତିକ ସାମାଜିକ ଅନୁଷ୍ଠାନର ଅଂଶୀଦାର ମଧ୍ୟ ଯେଉଁଠାରେ ସମାନ ସୁବିଧା ଭୋଗ କରିବା ସହିତ ନିଜ ଜୀବନ ଶୈଳୀରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ । ସାମାଜିକ ଅନ୍ତର୍ଭୂକ୍ତିର ସଂଜ୍ଞା ହେଉଛି ସମସ୍ତଙ୍କୁ ସମ୍ମାନ, ବିବିଧତା ମଧ୍ୟରେ ଏକତା ବୃଦ୍ଧି, ସମାଜର ବିକାଶ ଧାରାରେ ଅଂଶୀଦାରିତା । ବ୍ୟକ୍ତି, ପରିବାର ଓ ଗୋଷ୍ଠି ମଧ୍ୟରେ ସମନ୍ୱୟ ଆଣିବା, ଆର୍ଥିକ ସମ୍ପଦ, ନିଯୁକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା, ଅବସରବିନୋଦନ, ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ସମଭାବରେ ସୁଯୋଗ ପ୍ରଦାନ କରିବା ।

ପ୍ରାୟତଃ ସାମାଜିକ ଅନ୍ତର୍ଭୂକ୍ତି ଏକ ଆତ୍ମକେନ୍ଦ୍ରିକ ବ୍ୟବସ୍ଥା ଏବଂ ଦୀର୍ଘସ୍ଥାୟୀ ହେବା ପାଇଁ ଅନେକ ଗୁଡ଼ିଏ କାରଣ ନିଜ ନିଜ ମଧ୍ୟରେ ପ୍ରଭାବିତ କରିଥାଏ । ମାନସିକ ବିକାରଗ୍ରସ୍ତ ଭିନ୍ନକ୍ଷମ ବ୍ୟକ୍ତିମାନେ ବେଶୀ ଅବହେଳିତ ଯେଉଁମାନେ ନିଜ ପରିବାର ବା ନିଜ ଗୋଷ୍ଠିର କୌଣସି ସହଯୋଗ ବା ସମର୍ଥନ ପାଇବାରୁ ବଞ୍ଚିତ ଅଟନ୍ତି ।

ଆମେ ଗୋଟିଏ ଦେଶ ବା ସମାଜରେ ବସବାସ କରୁ । ଆମର ପ୍ରତ୍ୟେକ କାର୍ଯ୍ୟ ସମାଜକୁ ପ୍ରଭାବିତ କରେ ଏବଂ ସମାଜର ପ୍ରତ୍ୟେକ ଘଟଣା ଆମକୁ ପ୍ରଭାବିତ କରେ । ସମାଜରେ କୌଣସି ଗୋଷ୍ଠୀ ଅବହେଳିତ ବା ରୁଗ୍‌ଣ ହୋଇଗଲେ, ତାହା ସମାଜର ସାମୁହିକ ଭାବରେ ସମସ୍ତଙ୍କୁ ପ୍ରଭାବିତ କରେ ଓ ସମାଜ ମଧ୍ୟ ରୁଗ୍‌ଣ ହୋଇଯାଏ । ତେଣୁ ନିଜର ତଥା ସମାଜର ହିତସାଧନ ପାଇଁ ସାମୁହିକ ଦାୟିତ୍ୱ ନିର୍ବାହ କରିବା ସହିତ କୌଣସି ବ୍ୟକ୍ତି ବା ଗୋଷ୍ଠୀ ଯେପରି ଅବହେଳିତ ନ ହୁଅନ୍ତି ତାହା ପ୍ରତ୍ୟେକଙ୍କର ସାମାଜିକ ଦାୟିତ୍ୱ ଅଟେ ।

ସମାଜ ବିଜ୍ଞାନ ଦୃଷ୍ଟିକୋଣରୁ ଐତିହାସିକ, ଅର୍ଥନୈତିକ, ମନସ୍ତତ୍ତ୍ୱବିତ୍ ଏବଂ ପ୍ରକୃତି ବିଜ୍ଞାନୀ ଯେଉଁ କାର୍ଯ୍ୟ ସମାଜର ହିତସାଧନ ପାଇଁ କରନ୍ତି ତାହା ସାମାଜିକ ଅନ୍ତର୍ଭୂକ୍ତର ସଂଜ୍ଞା ବୁଝିବା ପାଇଁ ସହଜ କରିଥାଏ। ସମାଜ ବିଜ୍ଞାନର ଏକ ଅଂଶ ବିଶେଷ ଭାବରେ ସାମାଜିକ ଅନ୍ତର୍ଭୂକ୍ତ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତିର ସମାଜର ବିକାଶ ପାଇଁ ସହଭାଗିତା, ସମସ୍ତଙ୍କୁ ସମାନ ଦାୟିତ୍ୱ, ସମ୍ମାନ, ସୁଯୋଗ ପ୍ରଦାନ କରାଯିବା ସହିତ, ସାମାଜର ନିମ୍ନସ୍ତରରେ ରହୁଥିବା ବ୍ୟକ୍ତି ମାନଙ୍କର ଉତ୍ଥାନ ହିଁ ଶ୍ରେୟ ଅଟେ। ସମାଜ ବିଜ୍ଞାନ ହିଁ ପ୍ରତ୍ୟେକ ବ୍ୟକ୍ତିର ଅର୍ଥନୈତିକ ଏବଂ ପ୍ରାକୃତିକ ସକ୍ଷମତା ପାଇଁ ସୁଯୋଗ ପ୍ରଦାନ କରେ। ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ଦ୍ୱାରା ବନ୍ଧୁ, ପରିଜନ, ଜ୍ଞାତି କୁଟୁମ୍ବ, ଆଗନ୍ତୁକ ଓ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ଭାବ ସୃଷ୍ଟି ହେବା ସହିତ ସମାଜର ବିକାଶର ଧାରା ମଜଭୁତ ହୋଇଥାଏ।

## ୧.୪ ଭାରତରେ ସାମାଜିକ ଅନ୍ତର୍ଭୂକ୍ତକରଣ

ଭାରତରେ ସାମାଜିକ ଅର୍ଥନୈତିକ ଏବଂ ରାଜନୈତିକ ନୀତି ଓ ନିଷ୍ପତ୍ତି ଗ୍ରହଣ ସମୟରେ ଉପେକ୍ଷିତ, ଅବହେଳିତଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରାଯାଇଥାଏ। ଯେଉଁମାନେ ସମାଜର ମୁଖ୍ୟସ୍ରୋତ ଠାରୁ ଅନେକ ଦୂରରେ, ସମସ୍ତ ଅଧିକାର, ସୁଯୋଗ ଓ ସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ ନିଯୁକ୍ତି ଗଣତାନ୍ତ୍ରିକ ନିଷ୍ପତ୍ତିର ଭାଗିଦାରିତାରୁ ବଞ୍ଚିତ, ସେମାନଙ୍କୁ ବିକାଶ ଧାରାରେ ଯୋଡ଼ିବା ପାଇଁ ପୃଥିବୀର ଅନେକ ରାଷ୍ଟ୍ର ଉଦ୍ୟମ ଜାରି ରଖିଥିବା ସମୟରେ ଭାରତ ମଧ୍ୟ ନୀତି, ନିଷ୍ପତ୍ତି ଏବଂ ଯୋଜନା ମାଧ୍ୟମରେ ପ୍ରୟାସ କରି ଆସୁଅଛି। ଯାହାକି ସାମାଜିକ ଐକିକରଣର ମାର୍ଗ ଉନ୍ମୁକ୍ତ କରିଅଛି। ସାଧାରଣତଃ ଭୋଟ ଅଧିକାରରୁ ବଞ୍ଚିତ ବ୍ୟକ୍ତିମାନେ ନିଜ ଗୋଷ୍ଠୀର ସହଯୋଗ, ଶିକ୍ଷା ସୁଯୋଗ ଏବଂ ଅନ୍ୟ ନାଗରିକ ମାନେ ଉପଭୋଗ କରୁଥିବା ସୁବିଧା ପାଇବାରେ ସକ୍ଷମ ହୋଇନଥାନ୍ତି। ଭିନ୍ନକ୍ଷମ, ସଂଖ୍ୟାଲଘୁ ଲିଙ୍ଗଗତ ସ୍ଥାଣୁତା ଦ୍ୱାରା ଅବହେଳିତ ବ୍ୟକ୍ତିମାନେ ଏଭଳି ସମସ୍ୟାରେ ଅଧିକ ଆକ୍ରାନ୍ତ। ତେଣୁ ରାଷ୍ଟ୍ରର ଦାୟିତ୍ୱ ଏମାନଙ୍କୁ ବିଶେଷ ଧ୍ୟାନ ପ୍ରଦାନ କରି ସ୍ୱତନ୍ତ୍ର ପ୍ରଚେଷ୍ଟା ମାଧ୍ୟମରେ ମୁଖ୍ୟ ସ୍ରୋତରେ ସାମିଲ କରିବା। ମାନସିକ ସ୍ତରରେ ଏମାନଙ୍କ ମନୋବଳ ସୁଦୃଢ଼ କରିବା ପାଇଁ ଆର୍ଥିକ ଅବସ୍ଥାର ଉନ୍ନତି ଆଣିବା ପାଇଁ, ସାମାଜିକ, ରାଜନୈତିକ ସମଭାଗିତାର ଆବଶ୍ୟକତାକୁ ଅନୁଭବ କରି ରାଷ୍ଟ୍ର ନିଷ୍ପତ୍ତି ନେବା ଶ୍ରେୟ ଅଟେ।

## ୧.୫ ସାମାଜିକ ଅନ୍ତର୍ଭୂକ୍ତକରଣ ପାଇଁ ନୀତି ଓ ବିଭିନ୍ନ ସମୂହ

ଭାରତରେ ଜନସଂଖ୍ୟାର ଅଧିକାଂଶ ଆଦିବାସୀ, ହରିଜନ, ସଂଖ୍ୟାଲଘୁ, ମହିଳା, ଶିଶୁ ଓ ଭିନ୍ନକ୍ଷମ ଏବେ ବି ସାଧାରଣ ବିକାଶ କ୍ଷେତ୍ରରେ ପଛରେ ପଡ଼ି ରହିଛନ୍ତି। ସେଥିପାଇଁ ସାମାଜିକ ବ୍ୟବସ୍ଥା, ପୈତ୍ରିକୈନ୍ଦ୍ରିକ ପରିବାର, ବୈଷମ୍ୟ ଭାବନା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ସରକାରୀ ଯୋଜନାର ସଠିକ୍ ରୂପାୟନରେ ବିଫଳତା ହିଁ ଅନେକାଂଶରେ ଦାୟୀ। ଏହି ପ୍ରସଙ୍ଗରେ ଦୀର୍ଘ ଷାଠିଏ ବର୍ଷ ଧରି ଯେଉଁ ଜନସଂଖ୍ୟା ରାଷ୍ଟ୍ରର ନୀତି ନିଷ୍ପତ୍ତି ଓ ଯୋଜନାର ସୁଫଳ ପାଇନାହାନ୍ତି, ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ଅଛି। ୧୯୭୦ ମସିହାଠାରୁ ଭାରତ ସରକାର ସାଧାରଣ ପୁଞ୍ଜିରୁ ଅର୍ଥ ବିନିଯୋଗ କରି ଏହି ଅବହେଳିତ ଗୋଷ୍ଠୀଙ୍କୁ ସିଧାସଳଖ ସୁବିଧା ପହଞ୍ଚାଇବା ପାଇଁ ବିଭିନ୍ନ ନୀତି ପ୍ରଣୟନ କରିଅଛି। ଆଦିବାସୀ ଉପଯୋଜନା (ଟି.ଏସ୍.ପି.) ଏବଂ ସ୍ୱତନ୍ତ୍ର ଉପାଦାନ ଯୋଜନା (ଏସ୍.ସି.ପି.) ଯଥାକ୍ରମେ ଅନୁସୂଚିତ ସଂପ୍ରଦାୟ ଓ ଅନୁସୂଚିତ ଜାତିକି ପାଇଁ ପ୍ରଧାନମନ୍ତ୍ରୀ

ପଞ୍ଚଦଶମୂଖୀ ଯୋଜନା ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଏହି ଯୋଜନା ମାଧ୍ୟମରେ ନିଷ୍ପେଶିତ ଓ ଅବହେଳିତ ବ୍ୟକ୍ତି ବା ଗୋଷ୍ଠୀମାନେ ଯେଉଁ ସମସ୍ୟା ଭୋଗ କରୁଛନ୍ତି, ତାହା ଦୂରେଇବା ସହିତ ସେମାନଙ୍କୁ ସମାଜର ବିକାଶଧାରାର ମୂଖ୍ୟସ୍ରୋତରେ ସାମିଲ କରିବା ହିଁ ମୂଳ ଲକ୍ଷ୍ୟ ଅଟେ। ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ଏହି ଲକ୍ଷ୍ୟରେ ଯୋଡ଼ିବା ସହିତ, ଏହାର ଆର୍ଥିକ ବ୍ୟବସ୍ଥା ଏବଂ ଆବଶ୍ୟକତାକୁ ସମୀକ୍ଷା କରିବାର ଦାୟୀତ୍ୱ ସି.ବି.ଜି.ଏ. ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି।

## ୧.୬ ସାମାଜିକ ଅନ୍ତର୍ଭୂକ୍ତକରଣ ଏବଂ ବିକାଶ

ସୁସ୍ଥ ମନ ଓ ସୁସ୍ଥ ଶରୀର ହିଁ ବିକାଶର ମୂଳ ମନ୍ତ୍ର ଅଟେ। ଯଦି ସାଧାରଣ ମଣିଷ ସୁସ୍ଥ ନରୁହେ, ତେବେ କୌଣସି ସମସ୍ୟାକୁ ଠିକ୍ ଭାବରେ ସମ୍ମୁଖୀନ ହୋଇପାରେ ନାହିଁ। ସମସ୍ତଙ୍କ ପାଖରେ ମୌଳିକ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚିବା ହିଁ ପ୍ରତି ସରକାର ପାଇଁ ଏକ ଆହ୍ୱାନ ଅଟେ। ମହିଳା, ଶିଶୁ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭାବେ ସ୍ୱାସ୍ଥ୍ୟ ସୁବିଧା ଓ ସୁଯୋଗ ଦେବା ପାଇଁ ପ୍ରୟାସ କରାଯାଇଅଛି। ଏଥି ସହିତ ପ୍ରତ୍ୟେହ ଯୋଗ ଓ ବ୍ୟାୟାମ ଦ୍ୱାରା ସୁସ୍ଥ ଜୀବନ ଯାପନ ପାଇଁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଅଛି। ଏଥିପାଇଁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ସଂଖ୍ୟାଲଘୁ କଲ୍ୟାଣ ବିଭାଗ, ଦାରିଦ୍ର୍ୟ ଦୂରୀକରଣ ଓ ବିକାଶ ପାଇଁ ପ୍ରଚେଷ୍ଟାରତ।

## ୧.୭ ସାମାଜିକ ଅନ୍ତର୍ଭୂକ୍ତକରଣ ଏବଂ ବହିଷ୍କାର

ସାମାଜିକ ଅନ୍ତର୍ଭୂକ୍ତି ଏକ ମାଧ୍ୟମ ଯାହାଦ୍ୱାରା ସମାଜରେ ବସବାସ କରୁଥିବା ସମସ୍ତ ବ୍ୟକ୍ତି ବା ଗୋଷ୍ଠୀ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବ୍ୟବସ୍ଥାର ଅଂଶୀଦାର ହେବା ସହିତ ବିକାଶ ଧାରାରେ ଅନ୍ତର୍ଭୂକ୍ତ ହୋଇପାରେ। ସମସ୍ତଙ୍କର ସମାନ ଭାଗୀଦାରିତା ରୁହେ। ପ୍ରତ୍ୟେକ ବର୍ଗର ବ୍ୟକ୍ତି ସମ୍ମାନ ପାଇଁ ଯୋଗ୍ୟ ଅଟନ୍ତି। ପ୍ରତ୍ୟେକ କ୍ଷେତ୍ର ଅଂଶଗ୍ରହଣ କରିବାର ସୁଯୋଗ ପ୍ରତ୍ୟେକଙ୍କୁ ଦିଆଯାଇଥାଏ।

ସାମାଜିକ ଅବହେଳା ବା ବହିଷ୍କାର ହେଉଛି ସେହିଭଳି ଏକ ବ୍ୟବସ୍ଥା ଯେଉଁଠାରେ ଅନେକ ସାମାଜିକ, ଅର୍ଥନୈତିକ, ରାଜନୈତିକ ମୂଖ୍ୟଧାରାଠାରୁ ଦୂରେଇ ଯାଇଥାନ୍ତି। ଏଠି ସାଧାରଣ ମଣିଷର ସ୍ୱର ଶୁଣାଯାଏ ନାହିଁ। ବିଭିନ୍ନତା ମଧ୍ୟରେ ଏକତା ନଥାଏ, କେହି କାହାର ମୂଲ୍ୟ ବୁଝନ୍ତି ନାହିଁ। ବିକାଶର ମୂଖ୍ୟସ୍ରୋତଠାରୁ ଅନେକ ଦୂରରେ ରହିଯାନ୍ତି।

ତେଣୁ ସାମାଜିକ ଅନ୍ତର୍ଭୂକ୍ତ ଦ୍ୱାରା ସମାଜରେ ଥିବା ଅସମାନତା ଓ ବିଭେଦକୁ ଦୂରୀଭୂତ କରିବା ସହିତ, ସମସ୍ତେ ଗୋଟିଏ ସାମାଜିକ ସୂତ୍ରରେ ବାନ୍ଧି ହୋଇ, ସାମୂହିକ ବିକାଶରେ ଅଂଶୀଦାର ହୋଇପାରିବେ।

## ୧.୮ ସାରାଂଶ

ପ୍ରତ୍ୟେକ ବ୍ୟକ୍ତି ସମାଜର ପ୍ରତ୍ୟେକ କ୍ଷେତ୍ରରେ ସମାନ ଭାବରେ ନିଜକୁ ଅଂଶୀଦାର କରି ସମାଜର ବିକାଶ ଧାରାରେ ସଂପୃକ୍ତି କରିବା ହିଁ ସାମାଜିକ ଅନ୍ତର୍ଭୂକ୍ତିର ଲକ୍ଷ୍ୟ ଅଟେ। ବିଶ୍ୱ ବ୍ୟାଙ୍କ ଏହି ପ୍ରକ୍ରିୟାକୁ କେବଳ

ଯୋଜନା ଭିତ୍ତିକ ନରଖି ଦୀର୍ଘସ୍ଥାୟୀ ସୁଫଳ ପ୍ରାପ୍ତ ହେବା ହିଁ ଉଦ୍ଦେଶ୍ୟ ରଖିଅଛି। ଯେଉଁମାନେ ଅବହେଳିତ, ଉପେକ୍ଷିତ, ଦଳିତ ସେମାନଙ୍କୁ ରାଷ୍ଟ୍ର ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶର ମୂଖ୍ୟସ୍ରୋତକୁ ଆଣି ସମାଜର ବିକାଶ କରାଇପାରିଲେ ଏହାର ମୂଳ ଲକ୍ଷ୍ୟ ସାଧିତ ହୋଇପାରିବ। ଦାରିଦ୍ର୍ୟ ଦୂରୀକରଣ ସହିତ ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ସୁଯୋଗ ପହଞ୍ଚାଇ ପାରିଲେ, ଏହି ଲକ୍ଷ୍ୟ ହାସଲ ହୋଇପାରିବ।

## ୧.୯ ମୁଖ୍ୟ ଶବ୍ଦାବଳୀ

- ସାମାଜିକ ଅନ୍ତର୍ଭୂକ୍ତିକରଣ : ଏହା ଏକ ପ୍ରକ୍ରିୟା ଯେଉଁଥିରେ ବ୍ୟକ୍ତି ଓ ଦଳମାନଙ୍କର ସହଭାଗିତାକୁ ଉନ୍ନତ କରି ପ୍ରତ୍ୟେକ ଗରିବ ଓ ଅବହେଳିତମାନଙ୍କୁ ସଶକ୍ତିକରଣ କରି ବିଶ୍ୱସ୍ତରୀୟ ବ୍ୟବସ୍ଥାରେ ସହଭାଗିତା କରିବା ପାଇଁ ସୁଯୋଗ ଦେବା।
- ସାମାଜିକ ବହିର୍ଭୂକ୍ତିକରଣ : ଏହା ଏକ ପ୍ରକ୍ରିୟା ଯେଉଁଥିରେ ବ୍ୟକ୍ତିମାନେ ଏବଂ ଦଳଗୁଡ଼ିକ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପଦ୍ଧତିରୁ ବାଦ୍ ପଡ଼ନ୍ତି।

## ୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ସାମାଜିକ ସମାବେଶନ ପଦ୍ଧତିର ବିଭିନ୍ନ ପ୍ରକାରଭେଦ ଲେଖ।

## ୧.୧୧ ସହାୟକ ଗ୍ରନ୍ଥସୂଚୀ


- Tony Geudens(2003) “Social Inclusion”, Council of Europe
- T. K. Oommen(2016)”Social Inclusion in Independent India : Dimensions and Approaches

# ଦ୍ୱିତୀୟ ଏକକ : ଆର୍ଥିକ ଅନ୍ତର୍ଭୂକ୍ତି

**ବିଷୟ ଗଠନ :**

୨.୦ ପଠନର ଉଦ୍ଦେଶ୍ୟ
୨.୧ ଉପକ୍ରମ
୨.୨ ଆର୍ଥିକ ଅନ୍ତର୍ଭୂକ୍ତର ଇତିହାସ ଓ କ୍ରମବିକାଶ
୨.୩ ଆର୍ଥିକ ଅନ୍ତର୍ଭୂକ୍ତର ବିଶେଷତ୍ୱ
୨.୪ ଆର୍ଥିକ ଅନ୍ତର୍ଭୂକ୍ତି ପାଇଁ ଆହ୍ୱାନ
୨.୫ ଆର୍ଥିକ ଅନ୍ତର୍ଭୂକ୍ତିର ଉପକାରିତା
୨.୬ ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ଗୁରୁତ୍ୱ
୨.୭ ଆର୍ଥିକ ଅନ୍ତର୍ଭୂକ୍ତି ଓ ବିକାଶ
୨.୮ ବ୍ୟାଙ୍କ ଏବଂ ମହିଳା – ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ଏକ ନୂତନ ପଥ
୨.୯ ସାରାଂଶ
୨.୧୦ ମୁଖ୍ୟ ଶବ୍ଦାବଳୀ
୨.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୧୨ ସହାୟକ ଗ୍ରନ୍ଥସୂଚୀ

## ୨.୦ ପଠନର ଉଦ୍ଦେଶ୍ୟ

- ଏହି ଏକକରେ ପଠନ ଦ୍ୱାରା ଆର୍ଥିକ ଅନ୍ତର୍ଭୂକ୍ତିର ଅର୍ଥ ବୁଝିବା ଏବଂ ବାଖ୍ୟା କରିବା ସହଜ ହେବ।
- ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୂକ୍ତି ପାଇଁ ନିଆଯାଇ ଥିବା ପଦକ୍ଷେପ ଆଲୋଚିତ ହେବ।
- ଆର୍ଥିକ ଅନ୍ତର୍ଭୂକ୍ତି ଦ୍ୱାରା କେଉଁ କେଉଁ ଫାଇଦା ହେଉଛି ତାହା ବାଖ୍ୟା କରାଯିବ।

## ୨.୧ ଉପକ୍ରମ

ଆର୍ଥିକ ଅନ୍ତର୍ଭୂକ୍ତର ଅର୍ଥ ହେଉଛି, ସମାଜର ଅବହେଳିତ ଏବଂ ସ୍ୱଳ୍ପ ଆୟ ଗୋଷ୍ଠୀର ବ୍ୟକ୍ତି ମାନଙ୍କ ପାଖରେ, ବିଭିନ୍ନ ଆର୍ଥିକ ସେବା ପହଞ୍ଚାଇବା ସହିତ ସମାଜର ମୂଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରାଇବା। ଆର୍ଥିକ ସେବା କହିଲେ ସ୍ୱଳ୍ପ ସଂଚୟ, ଦେୟ ଓ ପ୍ରାପ୍ୟ ସୁବିଧା ପହଞ୍ଚାଇବା। ସର୍ବଭାରତୀୟ ସ୍ତରରେ ୨ ବିଲିୟନ କାର୍ଯ୍ୟକ୍ଷମ ବୟସ୍କ ବ୍ୟକ୍ତିଙ୍କ ପାଖରେ ଆର୍ଥିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ପହଞ୍ଚିପାରି ନାହିଁ। ସାହାରା ଆଫ୍ରିକାରେ କେବଳ ୨୪% ଲୋକଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ ଅଛି ଯଦିଓ କିଛି ବର୍ଷ ମଧ୍ୟରେ ଏହା

ବୃଦ୍ଧି ପାଇଛି ଯେତେ ଅଧିକ ଲୋକ ଆର୍ଥିକ ସେବା ସହିତ ଯୋଡ଼ି ହେବେ ଆର୍ଥିକ ସେବାର ଉପଲବ୍ଧତା ସେତିକି ପରିମାଣରେ ଉପଭୋକ୍ତା ମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିପାରିବ। ଆର୍ଥିକ ଅନ୍ତର୍ଭୂକ୍ତି ପ୍ରସଙ୍ଗ ୨୦୦୦ ଦଶକ ଆରମ୍ଭରୁ ଗୁରୁତ୍ୱ ହାସଲ କରି ଆସୁଛି, ଯାହାର ଦାରିଦ୍ର୍ୟ ଦୂରୀକରଣ ସହିତ ପ୍ରତ୍ୟେକ୍ଷ ସଂପର୍କ ରହିଅଛି।

ମିଳିତ ଜାତିସଂଘ ଆର୍ଥିକ ଅନ୍ତର୍ଭୂକ୍ତିକୁ ନିମ୍ନମତେ ପ୍ରକାଶ କରେ -

୧. ପ୍ରତ୍ୟେକ ଗୃହକୁ ଆର୍ଥିକ ସେବାର ଅନ୍ତର୍ଭୂକ୍ତ କରିବା। ସଞ୍ଚୟ, ଜମା, ଉଠାଣ, ଦେୟ ତଥା ସ୍ଥାନାନ୍ତର ସେବା ଏହାର ଅଂଶ ବିଶେଷ ଅଟେ।

୨. ସ୍ୱଚ୍ଛ ନିୟମାବଳୀ ଏବଂ ଶିଳ୍ପ କାର୍ଯ୍ୟଦକ୍ଷତା ମାନ ଦ୍ୱାରା ପରିଚାଳିତ ଆର୍ଥିକ ଅନୁଷ୍ଠାନ ପ୍ରତିଷ୍ଠା।

୩. ଆର୍ଥିକ ଅନୁଷ୍ଠାନ ଗୁଡ଼ିକର ସ୍ଥିରତା, ନିବେଶର ନିରନ୍ତରତା ଏବଂ ନିଶ୍ଚିନ୍ତତାକୁ ନିଶ୍ଚିନ୍ତ କରିବ।

୪. ଗ୍ରାହକ ମାନଙ୍କୁ ସୁଲଭତା ଓ ନିଶ୍ଚିତ ସେବା ପ୍ରଦାନ କରିବ।

ମିଳିତ ଜାତିସଂଘର ପୂର୍ବତନ ସେକ୍ରେଟେରୀ ଜେନେରାଲ କୋଫି ଆନନ୍ ଡ଼ିସେମ୍ବର ୨୯,୨୦୦୩ରେ କହିଥିଲେ ଯେ ପ୍ରକୃତ ବାସ୍ତବତା ହେଉଛି, ସମାଜର ଅଧିକାଂଶ ଗରିବ ଲୋକେ ନିରନ୍ତର ଆର୍ଥିକ ସେବାରୁ ବଞ୍ଚିତ ଅଟନ୍ତି। ଏହି ପ୍ରତିବନ୍ଧକକୁ ସମାଧାନ କରିବା ପାଇଁ ମିଳିତ ଭାବରେ ଅନ୍ତର୍ଭୂକ୍ତ ଆର୍ଥିକ କ୍ଷେତ୍ର ଗଠନ କରିବାକୁ ପଡ଼ିବ ଏବଂ ଲୋକମାନଙ୍କୁ ସେମାନଙ୍କ ଜୀବନରେ ଉନ୍ନତି ଆଣିବାକୁ ପଡ଼ିବ। ସମ୍ପ୍ରତି, ଆଲାଏନ୍ସ ଫର ଫାଇନାନ୍ସିଆଲ ଇନକ୍ଲୁସନ (ଏ.ଏଫ୍.ଏଫ୍.ଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲଫ୍ରେଡ଼ ହାନିଗ ଆଏମ୍ଏଫ୍ ୱାଲ୍ଡ ବ୍ୟାଙ୍କ ୨୦୧୩ ସମ୍ମିଳନୀରେ ପ୍ରକାଶ କରିଥିଲେ ଯେ ଆର୍ଥିକ ଅନ୍ତର୍ଭୂକ୍ତି କେବଳ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ, ଏହା ଏବେ ଗୁରୁତ୍ୱପୂର୍ଣ୍ଣ ମାନ୍ୟତା ପାଇଛି। ଦେଶର ଅର୍ଥନୈତିକ ବିକାଶର ମୂଖ୍ୟସ୍ରୋତ ଅଟେ। ଜାତୀୟ କୃଷି ଓ ଗ୍ରାମୀଣ ବ୍ୟାଡ଼ (ନାବାର୍ଡ଼) ସହ ସହଭାଗିତାରେ ଜାତିସଂଘ ଲକ୍ଷ୍ୟ ରଖିଛି ଯେ ଗରିବଙ୍କ ଆର୍ଥିକ ଅନ୍ତର୍ଭୂକ୍ତିକୁ ସେମାନଙ୍କ ପାଇଁ ଉପଯୁକ୍ତ ଆର୍ଥିକ ଉତ୍ପାଦନ ବିକଶିତ କରି, ଉପଲବ୍ଧ ଆର୍ଥିକ ସେବା ଉପରେ ସଚେତନ ସୃଷ୍ଟି କରିବା ସହିତ ମହିଳା ମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ବୃଦ୍ଧି କରାଯିବ।

ଏପ୍ରିଲ ୨୦୦୫ରେ ପ୍ରଥମ ଥର ପାଇଁ ଭାରତରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗଭର୍ଣ୍ଣର ୱାଇ.ଭେନୁଗୋପଲ ରେଡ଼ିଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୂକ୍ତି ପ୍ରସଙ୍ଗ ଓ ନୀତି ଉପସ୍ଥାପିତ କରାଯାଇଥିଲା। ବ୍ୟାଙ୍କ ଗୁଡ଼ିକ ସେମାନଙ୍କ ପୂର୍ବ ବ୍ୟବସ୍ଥାକୁ ପରିବର୍ତ୍ତନ କରି ଆର୍ଥିକ ଅନ୍ତର୍ଭୂକ୍ତିକୁ ଗୁରୁତ୍ୱଦେବା ପାଇଁ କୁହାଯାଇଥିଲା। ଜୁଲାଇ ୨୦୦୫ରେ ଗ୍ରାମୀଣ କ୍ରେଡ଼ିଟ ଓ ମାଇକ୍ରୋ ଫାଇନାନ୍ସ ସମ୍ବନ୍ଧୀୟ ଇସୁଗୁଡ଼ିକ ପରୀକ୍ଷା କରିବା ପାଇଁ ଆଭ୍ୟନ୍ତରୀଣ କମିଟିର ରିପୋର୍ଟକୁ ଆଧାର କରି ଭେନୁଗୋପାଲ ରେଡ଼ି ଏହା ଘୋଷଣା କରିବା ସହିତ ଗଭୀର ଚିନ୍ତାପ୍ରକଟ କରିଥିଲେ। ୨୦୦୫-୦୬ରେ ପୁନର୍ବାର ଆର୍ଥିକ ଅନ୍ତର୍ଭୂକ୍ତି ବିଶେଷ ଗୁରୁତ୍ୱଲାଭ କଲା ଯେତେବେଳେ ଇଣ୍ଡିଆନ ବ୍ୟାଙ୍କର ଚେୟାରମ୍ୟାନ କେ.ସି. ଚକ୍ରବର୍ତ୍ତି ଦୋହରାଇଥିଲେ। ମଙ୍ଗଳଂ ପଣ୍ଡିଚେରୀରେ ପ୍ରଥମ ଗ୍ରାମ ଯେଉଁଠାରେ ଗ୍ରାମର ସମସ୍ତ ପରିବାରକୁ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ ଗରିବ ଓ ଅବହେଳିତ ବ୍ୟକ୍ତିକୁ କ୍ରେଡ଼ିଟ କାର୍ଡ଼ ଯୋଗାଇ ଦିଆଯାଇଥିଲା। ଜାନୁୟାରୀ ୨୦୦୬ରେ ରିଜର୍ଭ ବ୍ୟାଙ୍କ ସମସ୍ତ ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକୁ ଅନୁମତି ଦେଇ ଘୋଷଣା କରିଥିଲେ ଯେ ସ୍ୱେଚ୍ଛାସେବୀ ସଂଗଠନ ସ୍ୱୟଂ ସହାୟିକା ଗୋଷ୍ଠୀ ଯୁବକ

ସଂଘମାନେ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନମାନେ ଏହି ବ୍ୟାଙ୍କ ଗୁଡ଼ିକ ମାଧ୍ୟମରେ ଆର୍ଥିକ ସେବାର ସୁଯୋଗ ନେଇପାରିବେ। ଏହି ଅନୁଷ୍ଠାନ ଗୁଡ଼ିକ ମଧ୍ୟସ୍ଥି ଭାବରେ ବ୍ୟବସାୟିକ ସୁବିଧାକାରୀ ବା ବ୍ୟବସାୟୀ ସମ୍ବାଦଦାତା ଭାବରେ ସାଧାରଣ ଲୋକଙ୍କ ପାଖରେ ବ୍ୟାଙ୍କ ଗୁଡ଼ିକର ଆର୍ଥିକ ସେବା ପହଞ୍ଚାଇବାରେ ସାହାଯ୍ୟ କରିବେ। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଅଭିଯାନର ପରିଣାମ ସ୍ୱରୂପ, ପଣ୍ଡୁଚେରୀ, ହିମାଚଳ ପ୍ରଦେଶ ଏବଂ କେରଳ ପରି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସେମାନଙ୍କର ସମସ୍ତ ଜିଲ୍ଲାରେ ଶତ ପ୍ରତିଶତ ଆର୍ଥିକ ଅନ୍ତର୍ଭୂକ୍ତି କରିବାକୁ ଘୋଷଣା କରିଛନ୍ତି। ୨୦୨୦ ପାଇଁ ରିଜର୍ଭ ବ୍ୟାଙ୍କର ଦୂରଦୃଷ୍ଟି ହେଉଛି ପ୍ରାୟ ୬୦୦ ନିୟୁତ ଗ୍ରାହକଙ୍କ ଆକାଉଣ୍ଟ ଖୋଲିବ ଏବଂ ଆଇଟି ବ୍ୟବହାର କରି ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ସେମାନଙ୍କୁ ସେବା ପ୍ରଦାନ କରିବା। ତଥାପି ଅଶିକ୍ଷା ଏବଂ ସ୍ୱଳ୍ପ ସଞ୍ଚୟ ଏବଂ ଗ୍ରାମାଞ୍ଚଳରେ ବ୍ୟାଙ୍କ ଶାଖାର ଅଭାବ ଅନେକ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିର ଏକ ଅବରୋଧ ହୋଇ ରହିଛି ଏବଂ ସେଠାରେ ପର୍ଯ୍ୟାପ୍ତ ଆଇନ ଏବଂ ଆର୍ଥିକ ସଂଗଠନ ନାହିଁ।

ଭାରତ ସରକାର ନିକଟରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଘୋଷଣା କରିଛନ୍ତି, ଯାହାକି ଅତି କମ୍‌ରେ ୭୫ ନିୟୁତ ଲୋକଙ୍କୁ ବ୍ୟାଙ୍କ ଆକାଉଣ୍ଟ ଖୋଲାଇବା ସହିତ ଆର୍ଥିକ ସେବା ଯୋଗାଇବାରେ ସହାୟକ ହେବ। ଏହି ମାଇଲଖୁଣ୍ଟ ହାସଲ କରିବା ପାଇଁ ଉଭୟ ସେବା ପ୍ରଦାନକାରୀ ଏବଂ ନୀତି ନିର୍ମାତା ମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ବିଭିନ୍ନ ଷ୍ଟାର୍ଟଅପ ବୃହତ ସଂଗଠନ ଆର୍ଥିକ ଅନ୍ତର୍ଭୁକ୍ତିର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ସମ୍ପ୍ରତି ଭାରତ ସରକାର ଟଙ୍କା ବିନିମୟ ନାମରେ ଏକ ନୀତି ଆପଣେଇଛନ୍ତି ଯାହାର ଉଦ୍ଦେଶ୍ୟ ହେଉଛି ଟିକସ ଡ଼ିଫଲଟରଙ୍କ ଉପରେ କଟକଣା ଲଗାଇବା, ଦୁର୍ନିତିଗ୍ରସ୍ତ ଅଧିକାରୀଙ୍କୁ ଟ୍ରାକ କରିବା। ସାଧାରଣ ଜନତାଙ୍କୁ ଆର୍ଥିକ ସେବା ଯୋଗାଇବା ସହ ଦେଶର ଆର୍ଥିକ ସ୍ଥିତିର ସୁଧାର ଆଣିବ। ଭାରତରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଅଧିକ ଆର୍ଥିକ ଅନ୍ତର୍ଭୂକ୍ତିକୁ ହାସଲ କରିବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରିଛି, ଯେପରିକି ନୋ-ଫିଲ୍ସ ଆକାଉଣ୍ଟ ଛୋଟ ବଡ଼ ଋଣ ପ୍ରଦାନ, କେଓ୍ୱାଇସିରେ କୋହଳତା ଇତ୍ୟାଦି-ଏଭଳି ଆକାଉଣ୍ଟରେ ଛୋଟ ଓଭରଡ୍ରାଫଟ୍ ଯୋଗାଇବାକୁ ବ୍ୟାଙ୍କ ମାନଙ୍କୁ ପରାମର୍ଶ ଦିଆଯାଇଛି।

ବ୍ୟବସାୟ ସମ୍ବାଦଦାତା ବା ମଧ୍ୟସ୍ଥି ନିଯୋଜିତ- ଜାନୁୟାରୀ ୨୦୦୬ରେ ଆରବିଆ ଆର୍ଥିକ ତଥା ବ୍ୟାଙ୍କିଙ୍ଗ ସେବା ତ୍ୱରାନ୍ୱିତ କରିବା ପାଇଁ ବ୍ୟବସାୟ ସୁବିଧାକାରୀ ବା ମଧ୍ୟସ୍ଥି ମାନଙ୍କୁ ନିଯୁକ୍ତି କରିବାକୁ ଅନୁମତି ଦେଇଅଛି। ବ୍ୟାଙ୍କ ଗୁଡ଼ିକର ସେବା ପ୍ରତ୍ୟେକ ବ୍ୟକ୍ତିର ଦ୍ୱାର ପାଖରେ ପହଞ୍ଚାଇବା, ସାଧାରଣ ଲୋକମାନଙ୍କୁ ଆର୍ଥିକ ସେବା ସଂପର୍କରେ ବୁଝାଇବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ମଧ୍ୟସ୍ଥି ମାନଙ୍କର କାର୍ଯ୍ୟ। ବ୍ୟବସାୟିକ ପରାମର୍ଶଦାତା ବା ମଧ୍ୟସ୍ଥି ଭାବରେ ନିଯୋଜିତ ବ୍ୟକ୍ତି ବା ସଂସ୍ଥା ଗୁଡ଼ିକର ତାଲିକା ସମୟ ସମୟରେ ପ୍ରକାଶିତ ହୋଇଥାଏ। ସେପ୍ଟେମ୍ବର ୨୦୧୦ଠାରୁ ଲାଭକାରୀ କମ୍ପାନୀ ଗୁଡ଼ିକ ମଧ୍ୟ ମଧ୍ୟସ୍ଥି ଭାବରେ ନିଯୋଜିତ ହେବା ପାଇଁ ଅନୁମତି ପାଇଛନ୍ତି। ତୃଣମୂଳ ସ୍ତରରେ ବ୍ୟବସାୟ ସଂବାଦଦାତା, ଗ୍ରାମପଞ୍ଚାୟତ ସହାୟତାରେ ସାଧାରଣ ସେବା କେନ୍ଦ୍ର ଗୁଡ଼ିକରେ ଇକୋସିଷ୍ଟମ ସ୍ଥାପନ କରି ଆର୍ଥିକ ସେବାର ସୁଯୋଗ ପ୍ରଦାନ କରିବାରେ ସହାୟକ ହୋଇଥାନ୍ତି।

- **ଟେକ୍ନୋଲୋଜିର ବ୍ୟବହାର :** ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ପ୍ରସାରଣ ତଥା ଋଣ ବିତରଣର ସମସ୍ୟାର ସମାଧାନ କରିବାରେ ପ୍ରଯୁକ୍ତି ବିଦ୍ୟାର ସହାୟତାର ଆବଶ୍ୟକତା ଅନୁଭବ କରି ବ୍ୟାଙ୍କ ଗୁଡ଼ିକ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ପ୍ରଭାବଶାଳୀ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ମଧ୍ୟସ୍ଥି ମାନଙ୍କ ମାଧ୍ୟମରେ ଗ୍ରାମାଞ୍ଚଳର ଅଶିକ୍ଷିତ ଗରିବ ଲୋକମାନଙ୍କ ପାଖରେ ଆର୍ଥିକ ସେବାର ସୁଯୋଗ ପହଞ୍ଚିପାରିଛି।
- **ବ୍ୟାଙ୍କ ଗୁଡ଼ିକରେ ଇ.ବି.ଟି. ବ୍ୟବସ୍ଥା :** ଇଲେକ୍ଟ୍ରୋନିକ ବ୍ୟବସ୍ଥା ମାଧ୍ୟମରେ ସାଧାରଣ ଗ୍ରାହକ ମାନଙ୍କୁ ଆର୍ଥିକ ସେବା ଯୋଗାଇ ଦେବାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଆର୍ଥିକ ଓ ସାମାଜିକ ସୁରକ୍ଷା ପ୍ରଦାନ କରାଯିବା ସହ ପ୍ରତ୍ୟେକ ଦ୍ୱାର ଦେଶରେ ବ୍ୟାଙ୍କ ଗୁଡ଼ିକର ସେବା ପହଞ୍ଚାଇ ଦିଆଯାଇ ପାରୁଛି।
- **ଜି.ସି.ସି. :** ପ୍ରତ୍ୟେକ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ବ୍ୟାଙ୍କ ଗୁଡ଼ିକ ସାଧାରଣ କ୍ରେଡ଼ିଟ କାର୍ଡ଼ ବ୍ୟବସ୍ଥା ଆପଣେଇବା ପାଇଁ କୁହାଯାଇଅଛି। ଗ୍ରାମାଞ୍ଚଳ ବ୍ୟାଙ୍କ ଗୁଡ଼ିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ବିନିମୟ ସୁବିଧା ଯୋଗାଇ ପାରିବେ। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି, ଆର୍ଥିକ ସୁରକ୍ଷା ପ୍ରଦାନ କରିବା ସହିତ ନଗଦ ଅର୍ଥ ପ୍ରବାହର ମୂଲ୍ୟାଙ୍କନ ଉପରେ ଗ୍ରାହକଙ୍କୁ ଅସୁବିଧା ମୁକ୍ତ ଋଣ ପ୍ରଦାନ କରିବା।
- **ସରଳୀକୃତ ଶାଖା ପ୍ରାଧିକରଣ :** ବ୍ୟାଙ୍କ ଶାଖାଗୁଡ଼ିକର ଅସମାନ ପ୍ରସାର ସମସ୍ୟାର ସମାଧାନ ପାଇଁ ଡ଼ିସେମ୍ବର ୨୦୦୯ରେ ଘରୋଇ ନିର୍ଦ୍ଧାରିତ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ସାଧାରଣ ଅନୁମତି ଅନୁଯାୟୀ ୫୦୦୦୦ରୁ କମ୍ ଜନସଂଖ୍ୟା ବିଶିଷ୍ଟ ତୃତୀୟ ପର୍ଯ୍ୟାୟ କେନ୍ଦ୍ରରେ ମୁକ୍ତ ଭାବରେ ଶାଖା ଖୋଲିବାକୁ ଅନୁମତି ପାଇଲେ। ଉତ୍ତରପୂର୍ବ ରାଜ୍ୟ ଏବଂ ସିକିମରେ ଘରୋଇ ନିର୍ଦ୍ଧାରିତ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ବର୍ତ୍ତମାନ ଗ୍ରାମାଞ୍ଚଳ, ଅର୍ଦ୍ଧ ସହରୀ ଏବଂ ସହରାଞ୍ଚଳ ଗୁଡ଼ିକରେ ଶାଖା ଖୋଲିପାରିବେ। ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ କ୍ଷେତ୍ରରେ ଆରବିଆଇର ଅନୁମତି ନେବା ଆବଶ୍ୟକ ନାହିଁ।
- **ଗ୍ରାମାଞ୍ଚଳରେ ବ୍ୟାଙ୍କ ସୁବିଧା ନଥିବା ସ୍ଥାନରେ ବ୍ୟାଙ୍କ ଖୋଲିବା :** ଗ୍ରାମାଞ୍ଚଳରେ ଶାଖା ଖୋଲିବାକୁ ଆହୁରି ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବ୍ୟାଙ୍କିଙ୍ଗ ଅନୁପ୍ରବେଶ ଓ ଆର୍ଥିକ ଅନ୍ତର୍ଭୁକ୍ତିକୁ ଶୀଘ୍ର ସୁଦୃଢ଼ କରିବା ପାଇଁ ବ୍ରିକ୍ସ ଓ ମୋଟାର ଶାଖା ଖୋଲିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ତଦନୁସାରେ ବ୍ୟାଙ୍କ ଗୁଡ଼ିକ ଏପ୍ରିଲ ମୁଦ୍ରା ନୀତି ବିବୃତ୍ତିରେ ଏକ ବର୍ଷ ମଧ୍ୟରେ ଖୋଲିବାକୁ ଥିବା ସମୁଦାୟ ଶାଖାର ଅତିକମ୍‌ରେ ୨୫% ବଣ୍ଟନ କରିବାକୁ ବାଧ୍ୟତାମୂଳକ କରାଯାଇଛି।
- **ଆର୍ଥିକ ଅନ୍ତର୍ଭୂକ୍ତି ସୂଚାଙ୍କ :** ୨୫ ଜୁନ୍ ୨୦୧୩ରେ ସି.ଆର.ଆଇ.ଏସ୍.ଆଇ.ଏଲ୍. ଭାରତର ଅଗ୍ରଣୀ କ୍ରେଡ଼ିଟ୍ ରେଟିଂ ଏବଂ ଅନୁସନ୍ଧାନ କମ୍ପାନୀ ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ସ୍ଥିତି ମାପିବା ପାଇଁ ଏକ ସୂଚାଙ୍କ ଆରମ୍ଭ କରିଥିଲେ। ଇଣ୍ଡେକ୍ସ ଇନକ୍ଲୁସିଭ ଏକ ରିପୋର୍ଟ ସହିତ ତତ୍‌କାଳୀନ ଭାରତର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କର ଦ୍ୱାରା ନୂଆଦିଲ୍ଲୀରେ ଏକ ବ୍ୟାପକ ପ୍ରସାରିତ କାର୍ଯ୍ୟକ୍ରମରେ ପ୍ରକାଶ ପାଇଛି। ସି.ଆର.ଆଇ.ଏସ୍.ଆଇ.ଏଲ୍. ଇନକ୍ଲୁସିକ୍ସ ହେଉଛି ୬୩୨ଟି ଜିଲ୍ଲା ପର୍ଯ୍ୟନ୍ତ ଭାରତରେ ଅନ୍ତର୍ଭୂକ୍ତିର ପରିମାଣ ମାପିବା ପାଇଁ ଏକ ପ୍ରକାର ସୂଚାଙ୍କ। ଏହା ୦ରୁ ୧୦୦ ସ୍କେଲରେ ଏକ ଆପେକ୍ଷିକ ସୂଚାଙ୍କ ଏବଂ ମୌଳିକ ବ୍ୟାଙ୍କିଙ୍ଗ ସେବା ଗୁଡ଼ିକରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ପାରାମିଟର-ଶାଖା ଅନୁପ୍ରବେଶ, ଜମା ଅନୁପ୍ରବେଶ ଓ କ୍ରେଡ଼ିଟ୍ ଅନୁପ୍ରବେଶକୁ ଏକ

ମେଟ୍ରିକରେ ମିଶ୍ରଣ କରେ ଏହି ରିପୋର୍ଟରେ ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତି କାର୍ଯ୍ୟକ୍ରମର ଅନେକ ଅଜ୍ଞାତ ଦିଗ ଦର୍ଶାଯାଇଛି । ଏଥିରେ ପ୍ରକାଶିତ ଆର୍ଥିକ ଅନ୍ତର୍ଭୂକ୍ତିର ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ମୂଲ୍ୟାଙ୍କନ ତିନିବର୍ଷର ସମୟ ସୀମା ମଧ୍ୟରେ ଅନ୍ତର୍ଭୂକ୍ତିର ଧାରା ଉପରେ ପ୍ରଥମ ବିଶ୍ଳେଷଣ ରହିଛି ।

ଏହି ରିପୋର୍ଟରେ ପ୍ରଦତ୍ତ ମୂଖ୍ୟ ସିଦ୍ଧାନ୍ତ ଗୁଡ଼ିକ ହେଉଛି:

- ୪୦.୧ରେ ଅଲଇଣ୍ଡିଆ ସି.ଆର.ଆଇ.ଏସ୍.ଆଇ.ଏଲ୍. ଇନକ୍ଲୁସିକ୍ସ ସ୍କୋର ଅଟେ, ଏହି ସ୍କୋର ୨୦୦୯ରେ ୩୫.୪ରୁ ଉନ୍ନିତ ହୋଇଅଛି ।
- ଜମା ଅନୁପ୍ରବେଶ ହେଉଛି ଆର୍ଥିକ ଅନ୍ତର୍ଭୂକ୍ତିର ପ୍ରମୁଖ କାର୍ଯ୍ୟ, ସଞ୍ଚୟ ଆକାଉଣ୍ଟ ସଂଖ୍ୟା ୬୨୪ ମିଲିୟନକୁ ବୃଦ୍ଧି ଯାହା ଋଣ ଆକାଉଣ୍ଟ ସଂଖ୍ୟା ୧୬୦ ମିଲିୟନ ଠାରୁ ପ୍ରାୟତଃ ୪ ଗୁଣ ।
- ୨୦୦୯-୧୧ ମଧ୍ୟରେ ୬୩୨ଟି ଜିଲ୍ଲା ମଧ୍ୟରୁ ୬୧୮ଟିରେ ସେମାନଙ୍କ ସ୍କୋରରେ ଉନ୍ନତି ହୋଇଥିବା ରିପୋର୍ଟ ମିଳିଛି ।
- ଶ୍ରେଷ୍ଠ ୩ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ହେଉଛି ପୁଡୁଚେରୀ, ଚଣ୍ଡିଗଡ଼ ଓ କେରଳ । ଶ୍ରେଷ୍ଠ ତିନୋଟି ଜିଲ୍ଲା ହେଉଛି ପଠାନମିତ (କେରଳ), କରାଇଲାଲ (ପୁଡୁଚେରୀ) ଓ ଥିରୁଅନନ୍ତପୁରମ୍ (କେରଳ) ।

- **ବିବାଦ :** ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତି ଯାହା ମାଇକ୍ରୋକେଡ୍ରିଟ୍ ସହ ଘନିଷ୍ଠ ଭାବରେ ଜଡ଼ିତ ଏବଂ ଏହା କୌଣସି ଭାବରେ ଗ୍ରାହକମାନଙ୍କ ସଚେତନତା ଓ ଶିକ୍ଷା ପ୍ରତି ଧ୍ୟାନ ନଦେଇ ପ୍ରବର୍ତ୍ତିତ ହୋଇଥିଲା । ପରିଣାମ ସ୍ୱରୂପ ଗ୍ରାହକ ମାନେ ଶୀଘ୍ର ଋଣଗ୍ରସ୍ତ ହୋଇ ଦେୟ ନ ଫେରାଇବା ଦୃଷ୍ଟିରୁ ଆତ୍ମହତ୍ୟା ଜନିତ ଘଟଣାମାନ ଘଟୁଅଛି । ଏହାର ଅନ୍ୟତମ ପରିଣାମ ସ୍ୱରୂପ ରାଜନେତା ମାନଙ୍କ ଦ୍ୱାରା ଋଣ ଛାଡ଼ ପାଇଁ ଉଦ୍ୟମ ଫଳରେ ଅନେକ ଗ୍ରାହକ ଋଣ ପରିଶୋଧ ନକରିବା ଫଳରେ ବର୍ଷକୁ ପ୍ରାୟତଃ ୪ ବିଲିୟନ କ୍ଷତି ମାଇକ୍ରୋ କ୍ରେଡ଼ିଟ୍ ବ୍ୟାଙ୍କ ମାନଙ୍କୁ ସହ୍ୟ କରବାକୁ ପଡ଼ିଅଛି । ଏହା ଯୁକ୍ତରାଷ୍ଟ୍ର ଆମେରିକାର ବନ୍ଧକ ଋଣ ସମସ୍ୟା ପରି ଘଟଣା ଘଟେଇବାକୁ ଯାଉଛି ।

- **ବଜେଟ ସମୀକ୍ଷା ମାଧ୍ୟମରେ ଉପଯୁକ୍ତ ନିୟାମକ ଏବଂ ଆର୍ଥିକ ଅନ୍ତର୍ଭୂକ୍ତି :** ଯଦିଓ ଆର୍ଥିକ ଅନ୍ତର୍ଭୂକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହା ମଧ୍ୟ ଆକଳନ କରିବା କଥା ଯେ ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ, ସେହି ହିତାଧିକାରୀମାନେ କେତେଦୂର ଉପକୃତ ହେଉଛନ୍ତି । ୧୯୯୦ ଦଶକରୁ ଉଭୟ ସରକାରୀ ସଂସ୍ଥା ଏବଂ ନାଗରିକ ସମାଜର ପାଣ୍ଠି ପ୍ରବାହ ପ୍ରକ୍ରିୟା ଉପରେ ନଜର ରଖିବା ଏବଂ ବଜେଟ୍ ଟ୍ରାକିଂ ମାଧ୍ୟମରେ ସାଧାରଣ ଖର୍ଚ୍ଚର ଫଳାଫଳ ଉପରେ ନଜର ରଖିବା ପାଇଁ ଗୁରୁତର ଉଦ୍ୟମ ଚାଲିଛି । ଆନ୍ତର୍ଜାତିକ ବଜେଟ ପାଟନରସିପ (ଆଇ.ବି.ପି.) ପରି ସଙ୍ଗଠନ ଗୁଡ଼ିକ ୧୦୦ରୁ ଅଧିକ ଦେଶରେ ସର୍ଭେ କରୁଛନ୍ତି । ଯାହା ବଜେଟ ପ୍ରସ୍ତୁତ ପ୍ରକ୍ରିୟାରେ ଖୋଲାଖୋଲି ଅଧ୍ୟୟନ କରିବା ସହିତ ସହଯୋଗ କରୁଅଛି । ଜନସାଧାରଣଙ୍କ ଖର୍ଚ୍ଚକୁ ଟ୍ରାକ କରିବା ପାଇଁ ବିଭିନ୍ନ ନାଗରିକ ସମାଜ ଗୋଷ୍ଠୀ ଦ୍ୱାରା ପ୍ରୟାସ ଜାରି କରାଯାଉଅଛି । ସାମାଜିକ ଅଡ଼ିଟ ଓ ଜନସାଧାରଣ ଉତ୍ତରଦାୟୀତ୍ୱ ସର୍ବେକ୍ଷଣର କାର୍ଯ୍ୟଦକ୍ଷତା ମନିଟରିଂକୁ ଅନ୍ତର୍ଭୂକ୍ତ କରିପାରେ । ଭାରତରେ ସୂଚନା ଅଧିକାର ଆଇନ ନାଗରିକ ଗୋଷ୍ଠୀ ପାଇଁ ବଜେଟ୍ ଟ୍ରାକିଂ ଏବଂ ସାମାଜିକ ଅନ୍ତର୍ଭୂକ୍ତିର ଓକିଲାତି ପାଇଁ ଏକ ସହାୟକ ଉପକରଣ ହୋଇପାରିଛି ।

- **ପ୍ରଧାନମନ୍ତ୍ରୀଙ୍କ ଜନଧନ ଯୋଜନା :** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣରେ ୧୫ ଅଗଷ୍ଟ ୨୦୧୪ରେ ଆର୍ଥିକ ଅନ୍ତର୍ଭୂକ୍ତିର ଯୋଜନା ଘୋଷଣା କରିଛନ୍ତି । ସମାଜରେ ଆର୍ଥିକ ସେବା ବହିର୍ଭୁତ ଓ ବଞ୍ଚିତ ଲୋକମାନଙ୍କ ନିକଟରେ ବିଭିନ୍ନ ବ୍ୟାଙ୍କ ସେବା ଅତି ସହଜ ଉପାୟରେ ପହଞ୍ଚାଇବା। ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା । ଆର୍ଥିକ ଅନ୍ତର୍ଭୂକ୍ତିକୁ ବ୍ୟାପକ କରି ଦେଶର ସମସ୍ତ ପରିବାରକୁ ଏକୀକୃତ ଭାବେ ସାମିଲ କରିବା ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ମୂଳ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ କୌଣସି ବ୍ୟାଙ୍କରେ ଖାତା ନଥିବା ଭାରତୀୟ ନାଗରିକ ଯେ କୌଣସି ବ୍ୟାଙ୍କ ଶାଖା ବା ବ୍ୟାଙ୍କିଙ୍ଗ ସହଯୋଗୀଙ୍କ ପାଖରେ ଶୂନ୍ୟ ଜମାରାଶିରେ ମୌଳିକ ସଞ୍ଚୟ ଖାତା ଖୋଲିପାରିବେ । ସମସ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଯଥା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା ବାବଦ ମଜୁରୀ, ପେନସନ ଆଦି ସିଧାସଳଖ ବ୍ୟାଙ୍କ ଜମାଖାତାକୁ ଯାଇଥାଏ । ମୂଳତଃ ୫୦୦୦ଟଙ୍କା ସରକାରଙ୍କ ଆର୍ଥିକ ସହାୟତା, ଦୁର୍ଘଟଣା ଜନିତ ୧ ଲକ୍ଷ ଟଙ୍କା ଜୀବନ ବୀମାର ସହାୟତା ଏହି ଯୋଜନା ଦ୍ୱାରା ହିତାଧିକାରୀଙ୍କ ପାଖରେ ପହଞ୍ଚିଥାଏ । ନିଜେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ବ୍ୟାଙ୍କର ମୁଖ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପଠାଇ ୭୫ ମିଲିୟନ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୂକ୍ତ କରିବା ପାଇଁ କହିଥିଲେ । ଏହି ଯୋଜନାର ଉଦ୍‌ଘାଟନି ଦିବସରେ ସମଗ୍ର ଦେଶରେ ୧୫ ମିଲିୟନ ନୂଆ ବ୍ୟାଙ୍କ ଆକାଉଣ୍ଟଖୋଲାଯାଇଥିଲା ।

## ୨.୨ ଆର୍ଥିକ ଅନ୍ତର୍ଭୂକ୍ତର ଇତିହାସ ଓ କ୍ରମବିକାଶ

ନୀତି ନିର୍ମାତାମାନେ ଔପନିବେଶ ସମୟରୁ ଅନୈପଚାରିକ କ୍ଷେତ୍ର ପରିସର ହ୍ରାସ କରିବା ପ୍ରସଙ୍ଗକୁ ଗଭୀରତାର ସହ ଚିନ୍ତା କରି ଆସୁଥିଲେ । ନିକୋଲାସଙ୍କ ରିପୋର୍ଟ (୧୮୮୫) ପ୍ରଥମ ଥର ପାଇଁ ମହାଜନି କାରବାର ଅର୍ଥ ଲଗାଣ ବ୍ୟକ୍ତି ମାନଙ୍କର ଦୌରାତ୍ମ୍ୟରୁ ମୁକ୍ତି ନିମନ୍ତେ ବିକଳ୍ପ ଭାବରେ ଲ୍ୟାଣ୍ଡ ବ୍ୟାଙ୍କସ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଆରୋପ କରିଥିଲା । ସମବାୟ କ୍ରେଡ଼ିଟ ସୋସାଇଟି ଅଧିନିୟମ ୧୯୦୪ ଅନୁଯାୟୀ ସମବାୟ ଋଣ ଏକ ଆଇନଗତ ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଥିଲା । ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ଭାରତୀୟ ଜନସଂଖ୍ୟାର ଏକ ବୃହତବିଭାଗ ଏବେ ମଧ୍ୟ ବ୍ୟାଙ୍କ ସେବାରୁ ବଞ୍ଚିତ । ଏହି ଅସୁବିଧା ନିମ୍ନ ଆୟ ବର୍ଗରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରି ଅଛି । ଯେଉଁ ମାନଙ୍କର କୌଣସି ଆର୍ଥିକ ଉତ୍ପାଦନ ବା ଆର୍ଥିକ ସେବାର ସୁଯୋଗ ନାହିଁ ।

### ଐତିହାସିକ ଦୃଷ୍ଟିକୋଣ

- ୧୯୫୪-ସର୍ବ ଭାରତୀୟ ଗ୍ରାମୀଣ କ୍ରେଡ଼ିଟ ସର୍ଭେ କମିଟି ରିପୋର୍ଟର ପ୍ରସ୍ତାବ-ଗ୍ରାମାଞ୍ଚଳ ଏବଂ କୃଷି କ୍ଷେତ୍ରକୁ ଆର୍ଥିକ ସହାୟତା ପାଇଁ ମଲ୍ଟି ଏଜେନ୍ସି ପ୍ରସ୍ତାବ ।
- ୧୯୬୩ କୃଷି ପୁନଃ ଆର୍ଥିକ କର୍ପୋରେସନ ଗଠନ ।
- ୧୯୬୯-୧୪ଟି ପ୍ରମୁଖ ଘରୋଇ ବ୍ୟାଙ୍କର ଜାତୀୟ କରଣ କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ଦ୍ରୁତଗତିରେ ଋଣ ପ୍ରବାହ ବୃଦ୍ଧି ।
- ୯୭୨-ବାଧ୍ୟତାମୂଳକ ଭାବେ ପ୍ରାଥମିକ କ୍ଷେତ୍ରଗୁଡ଼ିକ ଋଣ ପ୍ରଦାନ ।

- ୧୯୭୫-ଆର.ଆର.ବି. ପ୍ରତିଷ୍ଠା ।
- ୧୯୮୦-ଆଉ ୬ଟି ଘରୋଇ ବ୍ୟାଙ୍କର ଜାତୀୟକରଣ ।
- ୧୯୮୨- ନାବାର୍ଡ଼ ପ୍ରତିଷ୍ଠା । କୃଷି କ୍ଷେତ୍ରକୁ ଅଗ୍ରାଧିକାର । ସରକାରଙ୍କ ଅଧୀନରେ ବ୍ୟାଙ୍କ କ୍ରେଡ଼ିଟ ଯୋଗାଣ ପ୍ରାୟୋଜିତ ସବସିଡ଼ି ସ୍କିମ୍, କୃଷି କ୍ରେଡ଼ିଟ ଲକ୍ଷ୍ୟକୁ ୧୮% ବ୍ୟକ୍ତିଗତ ବ୍ୟାଙ୍କର ନେଟ୍ ବ୍ୟାଙ୍କ କ୍ରେଡ଼ିଟ ସହିତ ସଂଯୋଗ ।
- ୧୯୯୦-ପି.ଏସ୍.ବି. ଏବଂ ଆର.ଆର.ବି.ଏସ୍.ର ପ୍ରତ୍ୟେକ ଗ୍ରାମାଞ୍ଚଳ, ଅର୍ଦ୍ଧସହରୀ ଏବଂ ସହରାଞ୍ଚଳ ଶାଖା ପାଇଁ ଦିଆଯାଇଥିବା ୧୫ରୁ ୨୦ଟି ଗ୍ରାମକୁ ଋଣ ଯୋଗାଣର ସଂକଳ୍ପକୁ କାର୍ଯ୍ୟକାରୀ କରିବ ।
- ପ୍ରତ୍ୟେକ ଜିଲ୍ଲାରେ ନାବାର୍ଡ଼ ଦ୍ୱାରା ବାର୍ଷିକ ସ୍ୱଚ୍ଛଳ କ୍ରେଡ଼ିଟ ଯୋଜନା ପ୍ରସ୍ତୁତ କରିବା ।
- ରିଲିଫ୍ ସ୍କିମ ଏବଂ ଆର୍ଥିକ କ୍ଷେତ୍ର ସଂସ୍କାର ଏବଂ କୃଷି ଋଣ ଛାଡ଼ ବ୍ୟବସ୍ଥା ।
- ଏସ୍.ଏଚ୍.ଜି. ଏବଂ ବ୍ୟାଙ୍କ ସଂପର୍କକୁ ତ୍ୱରାନ୍ୱିତ କରି ନାବାର୍ଡ଼ ମାଧ୍ୟମରେ ଋଣ ବ୍ୟବସ୍ଥା ।
- ୨୦୦୦ ମସିହାରେ କୃଷି ଋଣ ପ୍ରଦାନରେ ସଂସ୍କାର ।
- କୃଷି ଋଣ ପ୍ରଦାନକୁ ଦ୍ୱିଗୁଣିତ କରିବା ।
- ବାର୍ଷିକ ସ୍ୱତନ୍ତ୍ର କୃଷି ଋଣ ଯୋଜନା ପ୍ରସ୍ତୁତ ।

କୃଷି ଋଣ ଯୋଜନା ଆର୍ଥିକ ଅନ୍ତର୍ଭୂକ୍ତ ଏବଂ ଆର୍ଥିକ ସାକ୍ଷରତା ପାଇଁ ଗୁରୁତ୍ୱପୂର୍ଣ୍ଣ ନୀତିର ଲକ୍ଷ୍ୟ ଅଟେ । ବଜେଟ ଭାଷଣରେ ଆର୍ଥିକ ଅନ୍ତର୍ଭୂକ୍ତିକୁ ଅନ୍ତର୍ଭୂକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ଥିକ ଅନ୍ତର୍ଭୂକ୍ତିକୁ ନେଇ ଏକ ବଡ଼ ଧରଣର ଯୋଜନା ବିଷୟରେ ସୂଚନା ଦେଇଛନ୍ତି । ବିଭିନ୍ନ ଆର୍ଥିକ ସଂସ୍ଥାର ଅଧିକାରୀ ମାନେ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଯୋଜନା ବା ସଂପୂର୍ଣ୍ଣ ବିତ୍ତିୟ ସବାକେଶନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହେବା ନିଶ୍ଚିନ୍ତ ଭାବରେ ଉତ୍ସାହପ୍ରଦ ଅଟେ ।

- ◆ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଯାହା ସଂପୂର୍ଣ୍ଣ ଭାବରେ ସି.ଏଫ୍.ଆଇ.ପି. ଉପରେ ଆଧାରିତ ହେବ ଏବଂ ଏହାର ସବିଶେଷ ତଥ୍ୟକୁ ଅପେକ୍ଷା କରାଯାଇଛି ।
- ◆ ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ଏକ ଦୀର୍ଘ ଇତିହାସ ଅଛି । ଯାହାର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ବସତି ସ୍ଥାପନ କରିଥିବା ସମସ୍ତ ପରିବାର ନିକଟରେ ଆର୍ଥିକ ସେବା ପହଞ୍ଚାଇବା । ଗ୍ରାମାଞ୍ଚଳରେ ଅଧିକ ପରିମାଣରେ ବ୍ୟାଙ୍କ ଶାଖା ଖୋଲିବା ତାହାର ଏକ ଅଂଶ ବିଶେଷ । ସବସିଡ ପ୍ରଦାନରେ ବିଭିନ୍ନ ତ୍ରୁଟି ପ୍ରସଙ୍ଗରେ, ଟେକ୍ନୋଲୋଜି ବ୍ୟବହାର କରି ପ୍ରତ୍ୟେକ୍ଷ ସେବା ପ୍ରଦାନ ବିଷୟରେ ଚିନ୍ତା କରାଯାଉଛି । ହିତାଧିକାରୀଙ୍କର ଅତି କମରେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ରହିବା ଉଚିତ୍ । ଆର୍ଥିକ ଅନ୍ତର୍ଭୂକ୍ତ ପାଇଁ ଏହି ଯୋଜନାରେ ଟେକ୍ନୋଲୋଜି ବିନିଯୋଗ ଏକ ପ୍ରମୁଖ ବୈଶିଷ୍ଟ୍ୟ ଅଟେ ।
- ◆ ନିକଟ ଅତୀତରେ ଆରବିଆଇ ଆହୁରି ଅନେକ ପଦକ୍ଷେପ ନେଇଛି । ସଂପ୍ରତି ଏହା ପେମେଣ୍ଟ ବ୍ୟାଙ୍କ ଏବଂ ଛୋଟ ବ୍ୟାଙ୍କକୁ ଲାଇସେନ୍ସ ପ୍ରଦାନ ପାଇଁ ଦୁଇସେଟ ଗାଇଡ଼ ଲାଇନର ସାର୍ବଜନୀନ ମନ୍ତବ୍ୟ ପାଇଁ

ପ୍ରଚାର କରାଯାଇଥିଲା । ସାଧାରଣ ବାଣିଜ୍ୟିକ ବ୍ୟାଙ୍କ ଅପେକ୍ଷା କମ୍ ଏଣ୍ଟ୍ରିଲେବଲ ଆଦର୍ଶ ଥିବା ଏହି ନିକ୍ ବ୍ୟାଙ୍କ ଗୁଡ଼ିକ ଅଧିକ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ । ଏହି ବ୍ୟାଙ୍କ ଗୁଡ଼ିକ କାର୍ଯ୍ୟଦକ୍ଷ ହେବା ପାଇଁ ଆଉ କିଛି ଦିନ ସମୟ ଲାଗିବ । ଏହା ସ୍ପଷ୍ଟ ଯେ ଯେଉଁମାନେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ବାହାରେ ରହିଛନ୍ତି ସେମାନଙ୍କୁ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଆରବିଆଇ ପ୍ରୟାସ ଜାରି ରଖିଛି । ସଂପ୍ରତି ଆରବିଆଇ ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ସଂକଳ୍ପ ବଦ୍ଧ ଭାବରେ କ'ଣ ଅନ୍ତର୍ଭୂକ୍ତ ହେବା ଉଚିତ୍ ତାହା ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି "ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ସରଳତା ଏବଂ ବିଶ୍ୱସନୀୟତା, ଯଦିଓ ଏହା ଏକ ଉପସମ ନୁହେଁ, ତଥାପି ଗରିବ ମାନଙ୍କୁ ଉଦାସୀନ ଭାବେ ଦିଆଯାଇଥିବା ଜନସାଧାରଣ ସେବା ଉପରେ ନିର୍ଭରଶୀଳତା ଏବଂ ରାଜନେତାଙ୍କଠାରୁ ମୁକ୍ତ କରିବାର ଏକ ମାଧ୍ୟମ ହୋଇପାରେ । ଆହୁରି ମଧ୍ୟ ଗରିବ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଉତ୍ପାଦଗୁଡ଼ିକ ସେମାନଙ୍କର ଆବଶ୍ୟକତାକୁ ସଞ୍ଚୟ କରିବା ପାଇଁ ଏକ ନିରାପଦ ସ୍ଥାନ, ଟଙ୍କା ପଠାଇବା ଏବଂ ଗ୍ରହଣ କରିବାର ଏକ ନିର୍ଭରଯୋଗ୍ୟ ଉପାୟ, ଆବଶ୍ୟକତା ସମୟରେ ଋଣ କରିବାର ସୁଯୋଗ ଆର୍ଥିକ ଅନ୍ତର୍ଭୂକ୍ତିର ଅଂଶ ବିଶେଷ ଅଟେ ।

- ଯେତେବେଳେ ସରକାର ଅନେକ ବର୍ଷ ଧରି ବ୍ୟାଙ୍କ ସେବାକୁ ପର୍ଯ୍ୟାପ୍ତ କରିବା ପାଇଁ ଚେଷ୍ଟିତ ତା ସତ୍ତ୍ୱେ ୨୪.୬୭ କୋଟି ପରିବାର ମଧ୍ୟରୁ ୧୦.୧୯ କୋଟି ପରିବାରଙ୍କ ପାଖରେ ଏ ପର୍ଯ୍ୟନ୍ତ ବ୍ୟାଙ୍କ ସେବା ପହଞ୍ଚି ପାରି ନାହିଁ । ଗ୍ରାମାଞ୍ଚଳରେ ୪୪ ପ୍ରତିଶତ ସହରାଞ୍ଚଳରେ ୩୩ ପ୍ରତିଶତ ପରିବାରରେ ଏବେ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ନାହିଁ ।
- ସରକାରଙ୍କ ନୂତନ ଯୋଜନା ସି.ଏଫ୍.ଆଇ.ପି. ବା ସଂପୂର୍ଣ୍ଣ ବିତ୍ତୟନ ସମାବେଶନ ମାଧ୍ୟମରେ ଆର୍ଥିକ ସେବାକୁ ଏହି ବଞ୍ଚିତ ପରିବାରଙ୍କ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି ।
- ଅତ୍ୟାଧୁନିକ ଅନ୍ତର୍ଭୂକ୍ତି ଯୋଜନାରେ ଭୌଗଳିକ କ୍ଷେତ୍ରକୁ ଦୃଷ୍ଟିରେ ନରଖି ଜନସଂଖ୍ୟା ବା ପରିବାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଖାତାଗୁଡ଼ିକର ସନ୍ତୋଷଜନକ ବ୍ୟବହାର ପରେ ଯୁକ୍ତିଯୁକ୍ତ ଆବଶ୍ୟକତା ଭିତ୍ତିକ କ୍ରେଡ଼ିଟ ସୁବିଧା ପ୍ରଦାନ କରିବାକୁ ପ୍ରସ୍ତାବ ରହିଛି । ଯେଉଁଥିପାଇଁ ଓଭରଡ୍ରାଫ୍ଟ ସୁବିଧା ମଞ୍ଜୁର ହେବ । ଗ୍ରାହକଙ୍କୁ ବିସି ବିନା ସେମାନଙ୍କ ଆକାଉଣ୍ଟ ଚଳାଇବାକୁ ସକ୍ଷମ କରାଇବା ପାଇଁ ଏକ ସ୍ମାର୍ଟ କାର୍ଡ଼ (ରୂ ପେ କାର୍ଡ଼) ପ୍ରଦାନ କରାଯିବ । ଆର୍ଥିକ ଦୃଷ୍ଟିରୁ ବାଦ ଦିଆଯାଇ ଥିବା ଲୋକଙ୍କ ମଧ୍ୟରେ ଏକକାଳୀନ ଉପଯୁକ୍ତ ସଚେତନତା ସୃଷ୍ଟି ହେବ ।
- ଦ୍ୱିତୀୟ ପର୍ଯ୍ୟାୟରେ ଅସଂଗଠିତ କ୍ଷେତ୍ରରେ ଚିହ୍ନିତ ବ୍ୟକ୍ତିଙ୍କ ପାଇଁ ଏକ ପେନସନ ସ୍କିମ ଉପଲବ୍ଧ କରାଇବା ଏବଂ ସରକାରୀ ମାଲିକାନା ବୀମା କମ୍ପାନୀ ମାଧ୍ୟମରେ ମାଇକ୍ରୋ ଫାଇନାନ୍ସ ଉତ୍ପାଦ ପ୍ରଦାନ କରିବାକୁ ଏକ ପ୍ରସ୍ତାବ ରହିଛି ।
- ଜନଧନ ଯୋଜନାକୁ ସଫଳ କରାଇବା ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ । ବ୍ୟାଙ୍କ ଗୁଡ଼ିକୁ ସର୍ବସାଧାରଣ ସେବାରେ ନିଆଯିବା ସହିତ ମଧ୍ୟସ୍ଥି କରୁଥିବା ବା ବ୍ୟାଙ୍କ ସେବା ପାଇଁ କାର୍ଯ୍ୟରତ ସମ୍ବାଦଦାତା ମାନଙ୍କୁ ଭତ୍ତା ବା ଦରମା ବାବଦ ନିଯୁକ୍ତି ଦେଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ । କେୱାଇସି ମାଧ୍ୟମରେ ବ୍ୟାପକ

ସଚେତନ କାର୍ଯ୍ୟକ୍ରମ ନିଆଯିବ। ଏଥିରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି। ବାଣିଜ୍ୟିକ କାର୍ଯ୍ୟଦକ୍ଷତା ଯୋଜନାର ସଫଳତାର ଚାବିକାଠି ଉପଯୁକ୍ତ ପ୍ରୋତ୍ସାହନ ବିନା ଅଫର ଉପରେ ଥିବା ସୁବିଧା ପ୍ରକୃତ ଅଭାବୀ ବ୍ୟକ୍ତି ଦ୍ୱାରା ବ୍ୟବହୃତ ହୋଇପାରେ ନାହିଁ। ବହୁ ସଂଖ୍ୟକ ସୁପ୍ତ ଆକାଉଣ୍ଟକୁ ସଚଳ କରାଯିବ। ଯେହେତୁ ଫୋନ ମାଧ୍ୟମରେ ମୋବାଇଲ ବ୍ୟାଙ୍କିଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଟେ। ଟେଲିଫୋନ କମ୍ପାନୀ ଓ ବ୍ୟାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସମନ୍ୱୟ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯିବ।

## ୨.୩ ଆର୍ଥିକ ଅନ୍ତର୍ଭୂକ୍ତର ବିଶେଷତ୍ୱ

ନୀତି ନିର୍ମାତାମାନେ ମୂଖ୍ୟତଃ ତିନୋଟି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପାଇଁ ଭାରତୀୟ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ଗ୍ରାମାଞ୍ଚଳର ଆର୍ଥିକ ଅନ୍ତର୍ଭୂକ୍ତିକୁ ଧ୍ୟାନ ଦେଉଛନ୍ତି। ସ୍ୱଳ୍ପ ଆୟ ଅର୍ଥ ବର୍ଗ ମଧ୍ୟରେ ସଂଚୟ କରିବାର ଅଭ୍ୟାସ ସୃଷ୍ଟି କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରସ୍ତୁତ କରିବ। ସଂଚୟ ଅଭାବରୁ ସଂଚୟର ଅନୁପସ୍ଥିତ ସେମାନଙ୍କୁ ଏକ ସାମାଜିକ ଅସୁରକ୍ଷିତ ସ୍ଥାନରେ ରଖିଥାଏ। ବ୍ୟାଙ୍କିଙ୍ଗ ସେବା ଓ ଉତ୍ପାଦ ଗୁଡ଼ିକର ଉପସ୍ଥିତ ସଂଚୟ ଅଭ୍ୟାସକୁ ଜାଗ୍ରତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହର ଲକ୍ଷ୍ୟ ରହିଛି। ଆର୍ଥିକ ଅନ୍ତର୍ଭୂକ୍ତି ପଦକ୍ଷେପ ଗ୍ରହଣ ହେବା ପରେ ଦେଶରେ ପୁଞ୍ଜି ଗଠନ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଯେହେତୁ ଲୋକମାନେ, ଜମି, ଘରଦ୍ୱାର, ସମ୍ପତ୍ତି ବାଡ଼ି ଇତ୍ୟାଦିରେ ସେମାନଙ୍କ ସଂଚୟ କାରବାର ଠାରୁ ଦୂରେଇ ଯାଉଛନ୍ତି। ଏ ପର୍ଯ୍ୟନ୍ତ ବ୍ୟାଙ୍କ ବିହିନ ଜନବସତିରେ ଆନୁଷ୍ଠାନିକ ଋଣ ସୁଯୋଗ କମ ରହିଅଛି। ଏହି ଅଂଚଳରେ ଆବଶ୍ୟକ ସମୟରେ ପରିବାରର ସଂପର୍କିୟ, ବନ୍ଧୁ, ମହାଜନ କାରବାର କରୁଥିବା ବ୍ୟକ୍ତି ମାନଙ୍କଠାରୁ ଋଣ ଆଣିବାକୁ ପଡ଼ିଥାଏ। ତେଣୁ ମାଇକ୍ରୋ ଫାଇନାନ୍ସ ବା କ୍ଷୁଦ୍ର ଋଣ ସଂସ୍ଥା ଏହି ଅଂଚଳରେ ବ୍ୟାପକ ଋଣ କାରବାରର ସୁବିଧା ଯୋଗାଇପାରେ। ସାର୍ବଜନୀନ ସବସିଡ଼ ବା କଲ୍ୟାଣ ଯୋଜନା ସର୍ବସାଧାରଣଙ୍କ ପାଖରେ ଗରିବ ଲୋକଙ୍କ ପାଖରେ ପହଞ୍ଚେ ନାହିଁ। ସରକାରୀ ଅମଲାତନ୍ତ୍ରର ବୃହତ ବ୍ୟବସ୍ଥା ମାଧ୍ୟମରେ ଏହି ଅର୍ଥ ବିସ୍ତାର କରୁଥିବା ବେଳେ ଏହାର ଅଧିକାଂଶ ଉଦ୍ଦିଷ୍ଟ ଗରିବ ଲୋକମାନଙ୍କ ପାଖରେ ପହଞ୍ଚିବାରେ ଅସମର୍ଥ। ତେଣୁ ସରକାର ସବସିଡ଼ ଦେବା ଏବଂ ନଗଦ ଦେୟ ଦେବା ପରିବର୍ତ୍ତେ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରତ୍ୟେକ୍ଷ ଭାବରେ ନଗଦ ପ୍ରାପ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଅଛି। ଏହି ପ୍ରଶଂସନୀୟ ପ୍ରୟାସରେ ସରକାରଙ୍କ ସବସିଡ଼ ବିଲ ହ୍ରାସ ହେବ ବୋଲି ଆଶା କରାଯାଉଛି ଏବଂ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବ।

## ୨.୪ ଆର୍ଥିକ ଅନ୍ତର୍ଭୂକ୍ତି ପାଇଁ ଆହ୍ୱାନ

ଜନଧନ ଆକାଉଣ୍ଟକୁ ନେଇ କିଛି ସାଂପ୍ରତିକ ରିପୋର୍ଟ ଆସିଛି। ଏହି ପରିପ୍ରେକ୍ଷୀରେ ଆର୍ଥିକ ଅନ୍ତର୍ଭୂକ୍ତିକୁ ପ୍ରଭାବିତ କରୁଥିବା ତୃଣମୂଳ ସ୍ତରରେ ଚାଲେଞ୍ଜ ଗୁଡ଼ିକ ଜାଣିବା କୌତୁହଳପ୍ରଦ ହୋଇପାରେ। ଭାରତରେ ଯେଉଁଠାରେ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଅଶିକ୍ଷିତ ଓ ଦାରିଦ୍ର୍ୟ ସୀମାରେଖା ତଳେ ସେଠାରେ ଆର୍ଥିକ ଅନ୍ତର୍ଭୂକ୍ତିକୁ ସୁନିଶ୍ଚିନ୍ତ କରିବା ନିଶ୍ଚୟ କଷ୍ଟସାଧ୍ୟ। ଦାରିଦ୍ର୍ୟତା ଓ ନିରକ୍ଷରତା ଦୁଇଟି ସୂଚକ, ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଅଟେ। ଆସାମ, ବିହାର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼

ଓ ମଣିପୁର ଭଳି ରାଜ୍ୟର ଗ୍ରାମାଞ୍ଚଳରେ ୩୦%ରୁ ଅଧିକ ଦାରିଦ୍ର୍ୟତା ମଧ୍ୟରେ ବସବାସ କରନ୍ତି । ଗ୍ରାମାଞ୍ଚଳର ଦାରିଦ୍ର୍ୟକୁ ଚାଷର ଆୟ କମ, ସ୍ଥାୟୀ ଜୀବିକା ଅଭାବ, କୁଶଳୀ କାରିଗରଙ୍କ ପାଇଁ କାମର ଅଭାବ ଏବଂ ବେରୋଜଗାର ଅବସ୍ଥା ଆହୁରି ଦୟନୀୟ ଅଟେ ।

## ଅଶିକ୍ଷା କାରଣରୁ ଜାଲିଆତି ଓ ଦୁର୍ନିତି :

ଭାରତରେ ସାକ୍ଷରତା ହାର ୭୩ ପ୍ରତିଶତ । ବିହାର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ରାଜ୍ୟରେ ସାକ୍ଷରତା ହାର ୬୨ରୁ ୭୦ ପ୍ରତିଶତ । ବ୍ୟାଙ୍କ ଆକାଉଣ୍ଟରେ ବାୟୋମେଟ୍ରିକ ପ୍ରବେଶ ସୁନିଶ୍ଚିନ୍ତ କରି ଅଶିକ୍ଷିତତା ହେତୁ ସୃଷ୍ଟି ହେଉଥିବା ଠକେଇକୁ ଅଟକାଇବା ପାଇଁ ବ୍ୟାଙ୍କ ଗୁଡ଼ିକ ଉପାୟ ପ୍ରସ୍ତୁତ କରୁଛନ୍ତି । ଆକାଉଣ୍ଟ ଗୁଡ଼ିକ ପିଚ କରିବା ପାଇଁ କମ୍ପ୍ୟୁଟରର ସାମାନ୍ୟତମ ବ୍ୟବହାର ଜାଣିଥିବା ଦରକାର ଯେହେତୁ ସମସ୍ତ ସଂଖ୍ୟା ଇଂରାଜୀରେ ଅଛି, କେବଳ ବ୍ୟାଙ୍କର କର୍ମଚାରୀ ବା ବ୍ୟବସାୟ ସମ୍ବାଦଦାତା ଆଧାର ନମ୍ବର ପିଚ କରିପାରିବେ । ସେହିଭଳି ବ୍ୟାଙ୍କରୁ ମୋବାଇଲ ଫୋନରେ ଗ୍ରହଣ କରାଯାଇଥିବା ବାର୍ତ୍ତା ମଧ୍ୟ ଇଂରାଜୀରେ ଅଛି, ତେଣୁ ଅଶିକ୍ଷିତ ବ୍ୟକ୍ତିଙ୍କୁ ବାର୍ତ୍ତାକୁ ବୁଝିବା ପାଇଁ କାହାର ସାହାଯ୍ୟ ନେବାକୁ ପଡ଼ିବ । ଉପରୋକ୍ତ କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ବାଲାନ୍ସର ଗୋପନୀୟତା ଉଲ୍ଲଙ୍ଘନ ହୁଏ । ବ୍ୟବସାୟିକ ସହଜତାକୁ ସୁନିଶ୍ଚିନ୍ତ କରିବା ପାଇଁ ଏକ ଗ୍ରାମରେ ଥିବା ସମସ୍ତ ବାସିନ୍ଦାଙ୍କୁ ସମାନ ବ୍ୟକ୍ତିଗତ ପରିଚୟ ନମ୍ବର ପ୍ରଦାନ କରୁଥିବାର ଉଦାହରଣ ମଧ୍ୟ ଅଛି ।

ପ୍ରଧାନମନ୍ତ୍ରୀ ଜନଧନ ଆକାଉଣ୍ଟ ଉଦ୍‌ଘାଟନ ଉତ୍ସବରେ ଏହାକୁ ସାର୍ବଜନୀନ କରିବା ପ୍ରତ୍ୟେକଙ୍କର ବ୍ୟାଙ୍କ ଆକାଉଣ୍ଟ ସୁନିଶ୍ଚିନ୍ତ କରିବା ଘୋଷଣା କରାଯାଇଥିଲା । ଗତ ଦୁଇ ବର୍ଷରେ ୨୫ କୋଟି ଏହି ଯୋଜନାରେ ଆକାଉଣ୍ଟ ଖୋଲା ଯାଇଅଛି । ଆର୍ଥିକ ଅନ୍ତର୍ଭୂକ୍ତି ଇତିହାସରେ ଏହା ଏକ ଅତୁଳନୀୟ ଉଦାହରଣ ଅଟେ । ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପବ୍ଲିକ ସେକ୍ଟର ବ୍ୟାଙ୍କ ଗୁଡ଼ିକର ଦାୟିତ୍ୱ ଅଟେ ।

ବର୍ତ୍ତମାନ ସମୟରେ ଅନେକ ନିୟାମକ କର୍ତ୍ତୃପକ୍ଷ ଅଛନ୍ତି ଯେଉଁ ମାନଙ୍କର ଦାୟିତ୍ୱ ଆର୍ଥିକ ଅନ୍ତର୍ଭୂକ୍ତ କାର୍ଯ୍ୟକ୍ରମଙ୍କୁ ତ୍ୱରାନ୍ୱିତ କରିବା ସେଗୁଡ଼ିକ ହେଲା- ରିଜର୍ଭ ବ୍ୟାଙ୍କ, ନାବାର୍ଡ଼, ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ଼ ଅଫ ଇଣ୍ଡିଆ ଏବଂ ମୁଦ୍ରା ବ୍ୟାଙ୍କ । ଜନଧନ ଯୋଜନାକୁ ସୁନିଶ୍ଚିନ୍ତ କରିବା ଏହି ଅନୁଷ୍ଠାନ ମାନଙ୍କର ଦାୟିତ୍ୱ ଅଟେ । ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ନାବାର୍ଡ଼ର ଏକ ସ୍ୱତନ୍ତ୍ର ପରିସର ରହିଛି । ଏହି ଚାଲେଞ୍ଜକୁ ଗ୍ରହଣ କରିବା ପାଇଁ ନାବାର୍ଡ଼ର ବର୍ତ୍ତମାନ କ୍ଷମତା ନଥାଇପାରେ କିନ୍ତୁ ଆଗାମୀ କିଛି ବର୍ଷରେ ନିଶ୍ଚିନ୍ତ ଭାବରେ ପର୍ଯ୍ୟାୟକ୍ରମେ ପ୍ରସ୍ତୁତ ହୋଇ ପାରିବ ।

ନିରନ୍ତର ପ୍ରୟାସ ସତ୍ତ୍ୱେ ଏବେ ବି ଗ୍ରାମାଞ୍ଚଳରେ ମହାଜନି କାରବାର ଦେଖିବାକୁ ମିଳେ । ବ୍ୟାଙ୍କିଙ୍ଗ ସେବାର ୩୦ ପ୍ରତିଶତ ଏବେ ମଧ୍ୟ ମହାଜନି କାରବାର କରୁଥିବା ବ୍ୟକ୍ତି ମାନଙ୍କ ହାତରେ ରହିଅଛି । ବ୍ୟାଙ୍କ ଗୁଡ଼ିକର ପର୍ଯ୍ୟାପ୍ତ ସମବାୟ ସଂସ୍ଥା, ସ୍ୱୟଂ ସହାୟିକା ଗୋଷ୍ଠୀ ଇତ୍ୟାଦିର ଉପସ୍ଥିତି ସତ୍ତ୍ୱେ ତୃଣମୂଳ ସ୍ତରରେ ମହାଜନି କାରବାର ବା ଅର୍ଥଲଗାଣକାରୀ ମାନଙ୍କର କାରବାର କାହିଁକି ହୁଏ ତାହା ପରୀକ୍ଷା ନିରୀକ୍ଷା କରିବା ଦରକାର ।

## ୨.୫ ଆର୍ଥିକ ଅନ୍ତର୍ଭୂକ୍ତିର ଉପକାରିତା

ଆର୍ଥିକ ବହିଷ୍କରଣ ଦ୍ୱାରା ସମାଜରେ ଅସମାନତା ବୃଦ୍ଧି ଘଟେ, ଉଚ୍ଚ ନୀଚ ଭେଦଭାବ ଅଧିକ ଥାଏ। ଆର୍ଥିକ ଅନ୍ତର୍ଭୂକ୍ତି ଦ୍ୱାରା ସମାଜରେ ମୂଖ୍ୟ ସ୍ରୋତରେ ସମସ୍ତଙ୍କୁ ସାମିଲ କରିବା ସହିତ ପ୍ରତ୍ୟେକଙ୍କ ଜୀବନ ଶୈଳୀରେ ସୁଧାର ଆଣିବା ସହିତ ସାମାଜିକ ବୈଷମ୍ୟ ଦୂର ହୋଇଥାଏ। ନିମ୍ନ ଆୟ ଏବଂ ଅସମାନତା ଥିବା ଦେଶ ଗୁଡ଼ିକରେ ଆର୍ଥିକ ଅନ୍ତର୍ଭୂକ୍ତ କାର୍ଯ୍ୟକ୍ରମର ସୂଚାଙ୍କ ମଧ୍ୟ କମ ଥାଏ। ସ୍ୱେଡ଼ନରେ ୨୦୦୦ ମସିହା ପର୍ଯ୍ୟନ୍ତ ୨ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ବ୍ୟାଙ୍କ ଆକାଉଣ୍ଟ ହିଁ ଥିବା ସ୍ଥଳେ ପର୍ତ୍ତୁଗାଲରେ ୧୭ ପ୍ରତିଶତ ବୟସ୍କଙ୍କ ପାଖରେ କୌଣସି ଆକାଉଣ୍ଟ ନଥିଲା। ଉଭୟ ସ୍ୱେଡ଼ନ ଏବଂ ପର୍ତ୍ତୁଗାଲରେ ଆର୍ଥିକ ଅନ୍ତର୍ଭୂକ୍ତ କାର୍ଯ୍ୟକ୍ରମର ବୃଦ୍ଧି ଘଟିଛି। ଭଲ ବିକଶିତ ଏବଂ ବ୍ୟାପକ ବିସ୍ତାରିତ ଆର୍ଥିକ ବ୍ୟବସ୍ଥା ସେହିମାନଙ୍କ ପାଇଁ କ୍ରେଡ଼ିଟ ସୁବିଧା ବିସ୍ତାର କରେ, ଯେଉଁ ମାନଙ୍କର ନିଜ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ କିନ୍ତୁ ବ୍ୟବସାୟିକ ଚିନ୍ତାଧାରା ଏବଂ ଉଦ୍ୟୋଗୀ କାର୍ଯ୍ୟକଳାପ ବହନ କରିବାକୁ ଆଗ୍ରହ ଥାଏ, ଯାହାଦ୍ୱାରା ଅଭିବୃଦ୍ଧି ତ୍ୱରାନ୍ୱିତ ହୁଏ।

କ୍ଷୁଦ୍ର ଉଦ୍ୟୋଗ ପାଇଁ ଆର୍ଥିକ ସମସ୍ୟା ଅନେକ ଥାଏ, ଯଥା-

୧. ନଗଦ ଆର୍ଥିକ ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳତା।

୨. ବ୍ୟବସାୟ ଚକ୍ରକୁ ସାମନା କରିବାକୁ ଅକ୍ଷମତା।

୩. ଆୟୁ ଓ ସୁଧ ପ୍ରଦାନରୁ ଲାଭ ପାଇବାର ଆଶଙ୍କା।

୪. ଦୀର୍ଘ କାଳୀନ ଆର୍ଥିକ ସୁରକ୍ଷା ଏବଂ ଯୋଜନାର ଅଭାବ।

୫. ଜରୁରୀକାଳୀନ ସମୟରେ ଡ଼ାକ୍ତରଖାନାରେ ଭର୍ତ୍ତି ହେବା ଏବଂ ଚିକିତ୍ସା ବିଲ।

୬. ପୁଞ୍ଜି ନିରାପତ୍ତାର ଅଭାବ।

**କ୍ଷୁଦ୍ର ଶିଳ୍ପରେ ଥିବା ସୁବିଧା :**

କ. ଉତ୍ତମ ଉତ୍ପାଦନ

ଖ. ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି

ଗ. ଆୟ ଅସମାନତା ହ୍ରାସ

ଘ. ବ୍ୟାପକ ବିକାଶର ସମ୍ଭାବନା

ଙ. ବିଶ୍ୱବ୍ୟାପୀ ପ୍ରଶଂସା ଏବଂ ସ୍ୱୀକୃତି, ଦାରିଦ୍ର୍ୟତା ହ୍ରାସ

ଚ. ଜାତୀୟ ଆୟରେ ବୃଦ୍ଧି

ଛ. ରୋଜଗାର ଏବଂ ଆୟର ସୁଯୋଗ ବୃଦ୍ଧି

ଜ. ସବସିଡ଼ିର ଅଧିକ ପ୍ରଭାବଶାଳୀ ବଣ୍ଟନ

ଝ. ସାମାଜିକ ସୁରକ୍ଷା ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟରେ ସହାୟକ ଯେପରିକି ବିଧବାଭତ୍ତା, ବୃଦ୍ଧାବସ୍ଥା, ପେନସନ ବ୍ୟବସ୍ଥା ଇତ୍ୟାଦି।

ଞ. ସବସିଡ଼ର ପରୋକ୍ଷ ବଣ୍ଟନ ପରିବର୍ତ୍ତେ ଧାର୍ଯ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କ୍ରେଡ଼ିଟ ମାଧ୍ୟମରେ ସବସିଡ଼ର ପ୍ରତ୍ୟେକ୍ଷ ବଣ୍ଟନ।

ଟ. ବାଟମାରଣାକୁ ପ୍ରତିହତ।

ପ୍ରମୁଖ ମାଇକ୍ରୋସ୍ତରର ଲାଭ ଗୁଡ଼ିକ ହେଉଛି -

କ. ବ୍ୟବହାର ଓ ଉପଯୋଗକୁ ସୁଗମ କରିବା

ଖ. ଅନାବଶ୍ୟକ ଖର୍ଚ୍ଚକୁ ଏଡ଼ାଇବା

ଗ. ପ୍ରମୁଖ ବ୍ୟାଘାତରୁ ସମ୍ପତ୍ତିର ସୁରକ୍ଷା

ଘ. ଉତ୍ତମ ଆୟ

ଙ. ସଂଚୟର ଯୁକ୍ତିଯୁକ୍ତ ବ୍ୟବହାର

ଚ. ଅର୍ଥଲଗାଣକାରୀ କବଳରୁ ମୁକ୍ତି

ଛ. ବିପଦ ମୁକାବିଲା କ୍ଷମତା ବୃଦ୍ଧି

ଜ. ଜୀବିକା ସୁଯୋଗ ବୃଦ୍ଧି

ଝ. ସାମୟିକ ସାମାଜିକ ସୁରକ୍ଷା ଦେୟ ସଂଗ୍ରହରେ ସମୟ ସଂଚୟ

ଞ. ଆତ୍ମସମ୍ମାନ ବୃଦ୍ଧି

**ବ୍ୟାଙ୍କ ଗୁଡ଼ିକର ଫାଇଦା ବା ଲାଭ :**

ଆରମ୍ଭରେ ବ୍ୟାଙ୍କ ଗୁଡ଼ିକ ଅନୁଭବ କରନ୍ତି ଯେ ସହରୀ ଆର୍ଥିକ ଅନ୍ତର୍ଭୁକ୍ତିକୁ ସେମାନଙ୍କ ଉପରେ ବୋଝ ସଦୃଶ ଏବଂ ଏହା ସେମାନଙ୍କ ଲାଭ ଉପରେ ପ୍ରଭାବ ପକାଇବ। କିନ୍ତୁ ବାସ୍ତବତା ସଂପୂର୍ଣ୍ଣ ଅଲଗା ଅଟେ। ଧରବୀ ଅଭିଜ୍ଞତା ସେମାନଙ୍କୁ ଆର୍ଥିକ ସୁଗମ ସଂପର୍କରେ ଧାରଣା ଦେବ ନିଶ୍ଚୟ। ବ୍ୟାଙ୍କ ମାନଙ୍କୁ ମିଳୁଥିବା ଲାଭକୁ ନିମ୍ନରେ ସୂଚିତ କରାଯାଇପାରେ -

- ସ୍ୱଳ୍ପ ମୂଲ୍ୟର ଜମା ବ୍ୟାଙ୍କ ଗୁଡ଼ିକୁ କର୍ପୋରେଟ ଏଚ୍.ଏନ୍.ଆଇ.ର ବହୁଳ ଜମା ଉପରେ ନିର୍ଭରଶୀଳତା ହ୍ରାସ କରିବାର ସୁଯୋଗ ପ୍ରଦାନ କରିବ।
- ସ୍ୱଳ୍ପ ମୂଲ୍ୟର ଜମା ମଧ୍ୟମରୁ ଦୀର୍ଘ ମିଆଦି ଦୃଷ୍ଟିକୋଣ ସହିତ ଲାଭ ବୃଦ୍ଧି କରିବ।
- ନିମ୍ନସ୍ତରରେ ଥିବା ଗ୍ରାହକମାନଙ୍କୁ ଉଚ୍ଚ ସୋପାନକୁ ଯିବା ପାଇଁ ସାହାଯ୍ୟ କରିବ।
- ଏହା କୁହାଯାଇଛି ଯେ ଆର୍ଥିକ ସମ୍ବଳ ଉପରେ ବ୍ୟବସାୟ ସୁଯୋଗ ନିର୍ଭରଶୀଳ। ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ଏଭଳି ପ୍ରବେଶ ବିଶେଷ ଉପଯୋଗୀ, ଯେଉଁଠାରେ ସୁଯୋଗ ଅନେକ। ଆର୍ଥିକ ଅନ୍ତର୍ଭୁକ୍ତି କରଣ ସଂଚୟ, ପୁଞ୍ଜି ବିନିଯୋଗ ଏବଂ ଋଣ ଲାଭ କରିବାର ସୁଯୋଗ ପ୍ରଦାନ କରେ।

## ୨.୬ ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ଗୁରୁତ୍ୱ

ଆର୍ଥିକ ବହିଷ୍କୃତ ପରିବାରକୁ ହିସାବ କଲେ ଭାରତ ସମଗ୍ର ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି । ଦେଶରେ ଆଜି ମଧ୍ୟ ୧୩୫ ନିୟୁତ ପରିବାର ଋଣ ଉପଲବ୍ଧରୁ ବଞ୍ଚିତ । ୨୦୧୨ ଡ଼ିସେମ୍ବର ୮ ତାରିଖରେ ହିନ୍ଦୁ ପତ୍ରିକାରେ ପ୍ରକାଶିତ ରିଜର୍ଭ ବ୍ୟାଙ୍କର ଡ଼େପୁଟି ଗଭର୍ଣ୍ଣର ଡ଼. କେ.ସି. ଚକ୍ରବର୍ତ୍ତୀଙ୍କ ମତ ଅନୁଯାୟୀ ଗରିବ ବର୍ଗର ଲୋକଙ୍କୁ ଆର୍ଥିକ ଅନ୍ତର୍ଭୂକ୍ତ କରିବା ପାଇଁ ଭାରତକୁ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ଅଛି । ଆର୍ଥିକ ବହିଷ୍କାରର ମୂଖ୍ୟ କାରଣ ହେଉଛି ସଚେତନତାର ଅଭାବ, ସ୍ୱଳ୍ପ ଆୟ, ଦାରିଦ୍ର୍ୟତା, ନିରକ୍ଷରତା । ଅପରପକ୍ଷରେ ବ୍ୟାଙ୍କ ସହାୟତା ଦୃଷ୍ଟିରୁ କାଗଜପତ୍ର କାମ କରିବାରେ କଷ୍ଟ ଅନୁଭବ କରିବ । ଭାଷା ସମସ୍ୟା, କର୍ମଚାରୀଙ୍କ ମନୋଭାବ ଇତ୍ୟାଦି । ତେଣୁ ଆମ ଦେଶରେ ଆର୍ଥିକ ଅନ୍ତର୍ଭୂକ୍ତିର ସ୍ଥିତିର ଉନ୍ନତି ଆଣିବା ପାଇଁ ତୁରନ୍ତ ଆବଶ୍ୟକତା ଅଛି ଏବଂ ଏହାକୁ ମୂଳ ସ୍ତରରୁ ଆରମ୍ଭ କରିବାକୁ ପଡ଼ିବ । ଆର୍ଥିକ ଅନ୍ତର୍ଭୂକ୍ତ ସମାଜର ବିକାଶରେ ସହାୟକ ହୋଇଥାଏ । ଆର୍ଥିକ ଅନ୍ତର୍ଭୂକ୍ତି ସାମାଜିକ, ଆର୍ଥିକ ଓ ରାଜନୈତିକ ଉଦ୍ଦେଶ୍ୟ ପୂରଣ କରେ । ଅର୍ଥନୈତିକ ଦୃଷ୍ଟିରୁ ସମାଜର ସମାନ ଅଭିବୃଦ୍ଧି ଘଟାଏ, ଅଭାବୀ ବୃହତ ବଜାରକୁ ସଂଚୟ ସଂଗ୍ରହର ବିକାଶ ଧାରା ସୃଷ୍ଟି କରିବାରେ ସହାୟକ ହୋଇଥାଏ । ସାଧାରଣ ଲୋକଙ୍କ ବିକାଶ ଏବଂ ସରକାରୀ ଯୋଜନା ଫଳପ୍ରଦ ହେବା ଦ୍ୱାରା ସାମାଜିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ସାଧିତ ହୋଇଥାଏ । ତେଣୁ ସମାଜର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଆଣିବା ଦୃଢ଼ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତା ଅଛି । ଏହି ବିକାଶ ଧାରାରେ ଅନେକ ପ୍ରତିବନ୍ଧକ ଆସେ ଯାହାକୁ ଅତିକ୍ରମ କରିବାର ଆବଶ୍ୟକତା ଅଛି । ଆମେ ବର୍ତ୍ତମାନ ଆମର ଅଧ୍ୟୟନକ ସୀମିତ କରି ଦୁଇଟି କେସ ଷ୍ଟଡ଼ି ଉପରେ ଧ୍ୟାନ ଦେବୁ ଯାହା ଆମକୁ ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ସମସ୍ୟା ବିଶ୍ଳେଷଣ କରିବାରେ ସାହାଯ୍ୟ କରିବ ।

**କେସ ଷ୍ଟଡ଼ି-୧- ଝାଡ଼ଖଣ୍ଡର ଅର୍ଥନୈତିକ ପଛୁଆ ଅଂଚଳ :**

ଭାରତରେ ସର୍ବୋଚ୍ଚ ବ୍ୟାଙ୍କ ଭାବରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଗ୍ରାମାଞ୍ଚଳର ଆର୍ଥିକ ଅନ୍ତର୍ଭୂକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ବାଣିଜ୍ୟିକ ବ୍ୟାଙ୍କକୁ ନିର୍ଦ୍ଦେଶାବଳୀ ଦେଇଥିଲା । ଝାଡ଼ଖଣ୍ଡର ଦାରିଦ୍ର୍ୟତାର ଦୀର୍ଘସ୍ଥାୟୀ ଅବସ୍ଥା ରହିଥିଲା ଏବଂ ଏହାକୁ କେବଳ ଆର୍ଥିକ ଅନ୍ତର୍ଭୂକ୍ତ ଦ୍ୱାରା ବିକାଶଧାରା ପରିବର୍ତ୍ତିତ କରାଯାଇପାରିବ । ଅତି ଘନ ଜନସଂଖ୍ୟା, ସାକ୍ଷରତାର ହାର ବହୁତ କମ୍ । ୫୩.୬ ପ୍ରତିଶତ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ହାରାହାରି ସଂଖ୍ୟା ୪୦.୨ ପ୍ରତିଶତ ପ୍ରଭୃତି କାରଣ ପାଇଁ ବିକାଶର ମୂଖ୍ୟ ସ୍ରୋତଠାରୁ ଏହି ରାଜ୍ୟଟି ପଛରେ ଥିଲା । ଆରବିଆଇର ମୂଖ୍ୟ ସ୍ରୋତଠାରୁ ଏହି ରାଜ୍ୟଟି ପଛରେ ଥିଲା । ଆରବିଆଇର ମୂଖ୍ୟ ଅଧିକାରୀମାନେ ବହୁ ଚିନ୍ତିତ ଥିଲେ, କେଉଁଭଳି ଭାବରେ ଆର୍ଥିକ ଅନ୍ତର୍ଭୂକ୍ତ କାର୍ଯ୍ୟକ୍ରମ ଏଠାରେ ସଫଳତା ପାଇପାରିବ । ଆର୍ଥିକ ଅନ୍ତର୍ଭୂକ୍ତିକୁ ପ୍ରସ୍ରୋହିତ କରିବା ପାଇଁ ରାଞ୍ଚିରେ ଆରବିଆଇର ଏକ ଶାଖା ପ୍ରତିଷ୍ଠା କରାଯାଇଥିଲା । ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ, ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ପାଇଁ ଅନ୍ୟ ଦିଗ ଗୁଡ଼ିକୁ ଧ୍ୟାନରେ ରଖି ଏହି ଅଞ୍ଚଳର ଆର୍ଥିକ ଅନ୍ତର୍ଭୂକ୍ତିକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ । ଯଦିଓ ଝାଡ଼ଖଣ୍ଡର ଜନସଂଖ୍ୟାର ଏକ ବଡ଼ ଅଂଶ ଗ୍ରାମାଞ୍ଚଳରେ ବାସ କରନ୍ତି । ଗ୍ରାମାଞ୍ଚଳରେ ମୋଟ ଶାଖା ସଂଖ୍ୟାରେ ଘରୋଇ ବ୍ୟାଙ୍କ ଗୁଡ଼ିକ ମାତ୍ର ୧୩ ପ୍ରତିଶତ ଅଛି । ଦାରିଦ୍ର୍ୟତା, ଆର୍ଥିକ ଅନ୍ତର୍ଭୂକ୍ତିର କମ୍ ଚାହିଦା ପର୍ଯ୍ୟାପ୍ତ ମାନବ ସମ୍ବଳର ଅଭାବ ଓ ଅନୁପଯୁକ୍ତ ପ୍ରଯୁକ୍ତି ବିଦ୍ୟା

କାରଣରୁ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଏଠାରେ ଶାଖା ଖୋଲିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ, ଏଥିରେ କ୍ଷତି ହେବାର ସଂଭାବନା ଅଧିକ ଥିଲା। କିନ୍ତୁ ଲୋକମାନଙ୍କୁ ଆର୍ଥିକ ଅନ୍ତର୍ଭୂକ୍ତିର ଭାବନା ସୃଷ୍ଟି କରିବା ବ୍ୟାଙ୍କର ଦାୟିତ୍ୱ ବୋଲି ବିବେଚନା କରାଯାଏ। ବ୍ୟାଙ୍କ ଅଫ ଇଣ୍ଡିଆ ଯେ ପ୍ରଥମେ ଆଗକୁ ଆସି ଝାଡ଼ଖଣ୍ଡରେ ଆର୍ଥିକ ଅନ୍ତର୍ଭୂକ୍ତିକୁ ଦୃଷ୍ଟିରେ ରଖି ସରକାରୀ କ୍ଷେତ୍ରରେ ବ୍ୟାଙ୍କର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଥିଲା। ଝାଡ଼ଖଣ୍ଡରେ ବ୍ୟାଙ୍କ ଅଫ ଇଣ୍ଡିଆ ୩୮୫ଟି ଶାଖା ସ୍ଥାପନ କରିଛି, ଏହା ଏକ ପ୍ରଶଂସନୀୟ କାର୍ଯ୍ୟ। ପ୍ରଦାନ କରାଯାଇଥିବା ସୁବିଧା ଗୁଡ଼ିକ ହେଲା-କିସାନ କ୍ରେଡ଼ିଟ କାର୍ଡ଼, ଜେନେରାଲ କ୍ରେଡ଼ିଟ କାର୍ଡ଼, ମାଇକ୍ରୋ ଫାଇନାନ୍ସ ଏବଂ ମାଇକ୍ରୋ ଇନ୍‌ସୁରାନ୍ସ ଚଳାଇବା ପାଇଁ ଋଣ ବ୍ୟବସ୍ଥା। ବିଭିନ୍ନ ବେସରକାରୀ ସଂସ୍ଥା ଏବଂ ଏସ୍.ଏଚ୍. ଗ୍ରୁପକୁ ମାଧ୍ୟମରେ ଗରିବ ଲୋକଙ୍କୁ ବ୍ୟାଙ୍କ ସେବା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଥିଲା। ନାବାର୍ଡ଼ ମଧ୍ୟ ଏସ୍.ଏଚ୍.ଜି. ବ୍ୟାଙ୍କ ଲିଙ୍କେଜ ପ୍ରୋଗ୍ରାମ (ଏସ୍.ବି.ଏଲ୍.ପି.) ନାମକ ଏକ ବୃହତ କାର୍ଯ୍ୟକ୍ରମ ଗ୍ରହଣ କରିଥିଲା। ଏସ୍.ଏଚ୍.ଜି. ମାଧ୍ୟମରେ ପ୍ରାୟ ୫୨୬୫ଟି ସଂଚୟ ଖାତା ଖୋଲାଯାଇଥିଲା।

ଯଦିଓ ପ୍ରାରମ୍ଭିକ ପ୍ରୟାସଦ୍ୱାରା ସଫଳତାର ଦିଗଟି ଦେଖା ଯାଉଥିଲା କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ଥିଲା। ବେସରକାରୀ ସଂସ୍ଥା ବା ଏନ୍.ଜି.ଓ. ଏବଂ ଏସ୍.ଏଚ୍.ଜି. ଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଏବଂ ବୈଷୟିକ ଜ୍ଞାନ କୌଶଳ ଦୃଷ୍ଟିର ଯଥେଷ୍ଟ ନଥିଲେ। ସଫଳତା ପାଇଁ ସର୍ବସାଧାରଣଙ୍କ ଅଂଶଗ୍ରହଣ କରାଇବା ସହିତ ସେମାନଙ୍କୁ ତାଲିମ ଦେବା ମୌଳିକ ଆର୍ଥିକ ଶିକ୍ଷା ଓ ବୈଷୟିକ କୌଶଳ ସହିତ ପରିଚିତ କରିବା ଆବଶ୍ୟକ ଥିଲା। ଏହିପରି ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ବିପଦ ପରିଚାଳନାର ତାଲିମ ଏବଂ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଦ୍ୱାରା ବୈଷୟିକ ସଶକ୍ତିକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ସମ୍ଭବ ହୋଇପାରିଥାନ୍ତା। ସେମାନଙ୍କୁ ଆର୍ଥିକ ସହାୟତା ମଧ୍ୟ ଆବଶ୍ୟକ ଥିଲା। ଝାଡ଼ଖଣ୍ଡର ଅଧିବାସୀମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଏବଂ ସେଥିରେ ମଧ୍ୟ ଆୟର ନିୟମିତତା ନଥାଏ। ଆର୍ଥିକ ପରିସ୍ଥିତିକୁ ପ୍ରତ୍ସାହିତ କରିବା ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଫଳ ହେବା ପରେ ଏହା ପରିସ୍ଥିତିକୁ ଆହୁରି ଖରାପ କରି ଦେଇଅଛି। ଝାଡ଼ଖଣ୍ଡର କୃଷକମାନେ ନିଜର ଫସଲ ଉତ୍ପାଦନର ଅନେକ ସମସ୍ୟା ଥିବାରୁ କୌଣସି ଆର୍ଥିକ ଅନୁଦାନର ସୁଯୋଗ ପାଉ ନଥିଲେ। ତେଣୁ କୃଷକ ମାନଙ୍କୁ ଆର୍ଥିକ ଅନ୍ତର୍ଭୂକ୍ତିକରଣ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ବୀମା ବାଣିଜ୍ୟର ରାସ୍ତା ସୃଷ୍ଟି କରିବାର ଆବଶ୍ୟକତା ଥିଲା। ରାଜ୍ୟରେ ଆର୍ଥିକ ଅନ୍ତର୍ଭୂକ୍ତିର ସ୍ଥିତିରେ ଉନ୍ନତି ଆଣିବା ପାଇଁ ମୋବାଇଲ ବ୍ୟାଙ୍କିଙ୍ଗ ସେବାଗୁଡ଼ିକର ବିକାଶ ଏକ ଉତ୍ତମ ଉପାୟ ହୋଇପାରେ। ଅଧିକାଂଶ ଲୋକ ନିଜ ଭାଷା ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣନ୍ତି ନାହିଁ, ଏଭଳି ପରିସ୍ଥିତିରେ ଏଟିଏମ୍ ମେସିନ୍ ପରି ଟେକ୍ନୋଲୋଜି ଭିତ୍ତିକ ଉଦ୍ଦେଶ୍ୟକୁ ବୁଝିବା ସହଜ ନୁହେଁ ଏବଂ ଆର୍ଥିକ ଅନ୍ତର୍ଭୂକ୍ତି ସମ୍ଭବ ହୁଏ ନାହିଁ। ଆରବିଆଇ ଏବଂ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଏହି ସମସ୍ୟାକୁ ନେଇ ସଠିକ୍ ନିୟନ୍ତ୍ରଣ ଓ ଅଧିକ ଗବେଷଣା କରିବାର ଆବଶ୍ୟକତା ଥିଲା। ବ୍ୟାଙ୍କ ଗୁଡ଼ିକ ପ୍ରତିବର୍ଷ ଆଭ୍ୟନ୍ତରୀଣ ଅଡ଼ିଟ୍ କରିବା ସହିତ ପ୍ରୋତ୍ସାହନ ପ୍ରକ୍ରିୟାରେ ସେମାନଙ୍କ ସଫଳତା ଉପରେ ମଧ୍ୟ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ଅଛି। ଏଥିପାଇଁ ଉତ୍ତମ ଆଭିମୂଖ୍ୟ ଓ ଉତ୍ତମ ଯୋଜନା କରିବା ଦରକାର।

### କେସ୍ ଷ୍ଟଡ଼ି-୨- ରସ ଗ୍ରାମ ଗୁଜୁରାଟ :

ଏହି ଗ୍ରାମ ଝାଡ଼ଖଣ୍ଡର ଗ୍ରାମ ତୁଳନାରେ ଅଧିକ ବିକଶିତ ଏବଂ ପ୍ରଗତିଶୀଳ ଗ୍ରାମ ଅଟେ। ଗୁଜରାଟରେ ବୈପ୍ଳବିକ ଅମୁଲ ସମବାୟ ଆନ୍ଦୋଳନରେ ରସ ଗ୍ରାମର ଅନେକ ଅବଦାନ ଅଛି। ଏହି ଗାଁରେ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସରକାରୀ କ୍ଷେତ୍ର ବ୍ୟାଙ୍କର ଶାଖା ଥିଲା। ଏକ ରିପୋର୍ଟ ଅନୁଯାୟୀ ୩୧ ମାର୍ଚ୍ଚ ୨୦୦୭ରେ ମୋଟ ୨୫୦ ଡ଼ଲାର ମୁଦ୍ରା ଏହି ବ୍ୟାଙ୍କରେ ଜମା ଆଧାର ଅଟେ ଯାହାର ୫୦ ପ୍ରତିଶତ ଅଣ ବାସିନ୍ଦା ଭାରତୀୟ ମାନଙ୍କର ଜମା ଅର୍ଥ। ଉପରୋକ୍ତ ଗ୍ରାମଟି ଭାରତୀୟ ମାନଦଣ୍ଡ ଅନୁଯାୟୀ ଏକ ସୁନ୍ଦର ଓ ପ୍ରଗତିଶୀଳ ଗ୍ରାମ ଥିଲା, ଯେଉଁଠାରେ ଦୁଗ୍ଧ ଉତ୍ପାଦନ ଲୋକଙ୍କ ଜୀବନ ଧାରଣରେ ଉନ୍ନତି ଆଣିବାରେ ସାହାଯ୍ୟ କରିଛି। ରସ ଗ୍ରାମର ଅଧିକ ହେଉ ବା କମ୍ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ବ୍ୟାଙ୍କ ବା ଅନ୍ୟାନ୍ୟ ଆର୍ଥିକ ସେବା ସହିତ ପରିଚିତ ଥିଲେ। ଅର୍ଥନୈତିକ ଗବେଷଣାରୁ ଜଣାପଡ଼େ ଯେ ୭୫.୨ ପ୍ରତିଶତ ଗ୍ରାମବାସୀଙ୍କର ବ୍ୟାଙ୍କ ଆକାଉଣ୍ଟ ଅଛି ଏବଂ ୨୬.୭ ପ୍ରତିଶତ ଋଣ ପାଇବା ପାଇଁ ସକ୍ଷମ ହେଉଛନ୍ତି। ବ୍ୟାଙ୍କର କାର୍ଯ୍ୟରେ ଦକ୍ଷତା, ପର୍ଯ୍ୟାପ୍ତତା, ସମୟାନୁବର୍ତ୍ତିତା, ମୂଲ୍ୟ ସୁରକ୍ଷା, ସୁବିଧା କର୍ମଚାରୀ ଏବଂ କାରବାର ଉପରେ ଆଧାର କରି ପ୍ରାୟ ୬୬ ପ୍ରତିଶତ ଗ୍ରାମବାସୀ ଭବିଷ୍ୟତରେ ଋଣ ସୁବିଧା ପ୍ରତି ଦୃଷ୍ଟି ରଖିଥିଲେ। ଗୋରୁ ଋଣ, ବ୍ୟବସାୟିକ ଋଣ, ଗୃହ ଋଣ ନେବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଥିଲା। ଗ୍ରାମବାସୀ ମାନଙ୍କର ଋଣ ସେବା ପ୍ରାପ୍ତ ନିମନ୍ତେ ଆଗ୍ରହ ଥିଲା। କିନ୍ତୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଛି ଯାହା ରସ ଗ୍ରାମରେ ବିଦ୍ୟମାନ ଥିଲା ଏବଂ ତାହା ଏହି ସୁବିକଶିତ ସମବାୟ ଦୁଗ୍ଧ ସଂଗ୍ରହ ପ୍ରଣାଳୀକୁ ଆଗେଇ ନେଇଥିଲା। ଏହି ସଂପ୍ରଦାୟ ଆଗକୁ ଆଦି ଦୁଗ୍ଧ ସମବାୟ ଗଠନ କରିଥିବାରୁ ସେମାନେ ପୂର୍ବରୁ ସ୍ଥିର ସ୍ଥିତିରେ ଥିଲେ। ବ୍ୟାଙ୍କ ଗୁଡ଼ିକ ସେମାନଙ୍କୁ ସହଯୋଗ କରିଥିବାରୁ ଗାଁର ଉନ୍ନତି ହୋଇଥିଲା। ବ୍ୟାଙ୍କ ଗୁଡ଼ିକ ଗ୍ରାହକ ଏବଂ ଗ୍ରାମ ସମବାୟ ଦୁଗ୍ଧ ସଂଗ୍ରହ କେନ୍ଦ୍ର ସହିତ ଚୁକ୍ତି କରିବା ଲାଭଦାୟକ ଥିଲା। କେବଳ ସଂପୃକ୍ତ ଗାଁ ନୁହେଁ, ସମଗ୍ର ଗୁଜରାଟ ବ୍ୟାଙ୍କିଙ୍ଗ ଅର୍ଥନୀତିରେ ଖୁବ୍ ଦୃଢ଼ ଗତିରେ ବିକାଶଶ କରିଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସର୍ବସାଧାରଣ ଗ୍ରାହକ ଏବଂ ସମବାୟ ବ୍ୟାଙ୍କଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବ୍ୟାଙ୍କ ଆକାଉଣ୍ଟ ଧାରଣ କରିବ ଏବଂ ସେମାନଙ୍କର ଆୟ, ଶିକ୍ଷା, ସଂପତ୍ତି ଧାରଣ ସ୍ଥିତି ଓ ଜୀବନ ଜୀବିକା ଧାରଣ ଅବସ୍ଥା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂପର୍କ ଥିଲା। ଏହି ଗାଁର ଗ୍ରାମବାସୀମାନେ ମଧ୍ୟମ ଧରଣର ସଂପତ୍ତି ଧାରଣ ସହିତ ଆର୍ଥିକ ଦୃଷ୍ଟିରୁ ସ୍ଥିର ଥିଲେ ଏବଂ ସହଜରେ ଋଣ ପାଇ ପାରୁଥିଲେ। ସଠିକ୍ ଢ଼ଙ୍ଗରେ ଅର୍ଥ ବିନିମୟ କରି ଆତ୍ମ ନିର୍ଭରଶୀଳ ହୋଇପାରୁଥିଲେ।

## ୨.୭ ଆର୍ଥିକ ଅନ୍ତର୍ଭୂକ୍ତି ଓ ବିକାଶ

ଆର୍ଥିକ ବ୍ୟବସ୍ଥା ଅର୍ଥନୈତିକ ବିକାଶ ପାଇଁ ଏକ ଅନୁକ୍ରମଣିକା ଭାବରେ କାର୍ଯ୍ୟ କରେ। ଆନୁଷ୍ଠାନିକ ଆର୍ଥିକ ସଂଗଠନ ଗୁଡ଼ିକ ସଂଚୟ ଓ ପାଣ୍ଠି ସଂଗ୍ରହ ଏବଂ ପାଣ୍ଠି ଫେରସ୍ତ ଲକ୍ଷ୍ୟରେ ବିଭିନ୍ନ ପ୍ରକଳ୍ପରେ ପାଣ୍ଠି ନିବେଶ କରିବା ସହିତ କୌଣସି ଉଦ୍ୟୋଗୀ ବ୍ୟବସାୟ ପରିବାର ବା ସରକାରଙ୍କ ବିଭିନ୍ନ ଯୋଜନାରେ ପାଣ୍ଠି ବଣ୍ଟନ କରନ୍ତି। ଏହା ଅର୍ଥନୈତିକ ବିକାଶ ପାଇଁ ଆଧାର ସୃଷ୍ଟି କରେ। ଆର୍ଥିକ ବ୍ୟବସ୍ଥା ଆନ୍ତଃ ମଧ୍ୟସ୍ଥତାର ଭୂମିକା ଗ୍ରହଣ କରେ ଏବଂ ଉତ୍ପାଦନକାରୀ କାର୍ଯ୍ୟକଳାପ ପାଇଁ ସଂଚୟ ଆବଣ୍ଟନରେ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ।

ମୁଦ୍ରାସ୍ଫିତି ଚାପକୁ ଏଡ଼ାଇବା ଏବଂ ଅଭିବୃଦ୍ଧି ବଜାୟ ରଖିବା ପାଇଁ ଆର୍ଥିକ ପରିଚାଳନା କରିବା ହେଉଛି ଆର୍ଥିକ ବ୍ୟବସ୍ଥାର କାର୍ଯ୍ୟ। ଏହା ଫାର୍ମ ଏବଂ ବ୍ୟବସାୟ ଦ୍ୱାରା ସମ୍ମୁଖୀନ ହେଉଥିବା ବିପଦକୁ ଏଡ଼ାଇବା ପାଇଁ ପୋର୍ଟଫୋଲିଓ ବିବିଧକରଣର ଉନ୍ନତି, ବ୍ୟବସାୟ ଓ ଲୋକମାନଙ୍କର ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ଆର୍ଥିକ ଉପକରଣର ଉପଲବ୍ଧତା ଏବଂ ବାହ୍ୟ ଅର୍ଥନୈତିକ ପରିବର୍ତ୍ତନର ପ୍ରଭାବକୁ ଅବଶୋଷଣ କରିବାରେ ସାହାଯ୍ୟ କରେ। ଆନୁମାନିକ ୨ ବିଲିୟନରୁ ଅଧିକ ବା ବିଶ୍ୱର ଅଧାରୁ ଅଧିକ କାର୍ଯ୍ୟ ଦକ୍ଷ ବୟସ୍କ ବ୍ୟକ୍ତିଙ୍କର କୌଣସି ଆର୍ଥିକ ଅନୁଷ୍ଠାନରେ ବା ବ୍ୟାଙ୍କରେ ଆକାଉଣ୍ଟ ନାହିଁ। ଆର୍ଥିକ ଅନ୍ତର୍ଭୂକ୍ତ ନିଶ୍ଚିନ୍ତ ଭାବରେ ପ୍ରୟାସ କରେ ଯେ ସମସ୍ତ ପରିବାର ଏବଂ ବ୍ୟବସାୟ ଆୟ ସ୍ତର ନିର୍ବିଶେଷରେ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଆବଶ୍ୟକ ଉପଯୁକ୍ତ ଆର୍ଥିକ ସେବାକୁ ବ୍ୟବହାର କରିପାରିବେ। ସଂପ୍ରତି ବିଶ୍ୱରେ ଗରିବ ମାନେ ଅନୈପଚାରିକ ଅର୍ଥନୀତିର ପ୍ରଭାବରେ ବଞ୍ଚିବା ପାଇଁ କାର୍ଯ୍ୟ କରନ୍ତି। ଯଦିଓ ସେମାନଙ୍କ ପାଖରେ ଅଳ୍ପ ଅର୍ଥ ଅଛି, ତଥାପି ସେମାନେ ଦିନିକିଆ ଖର୍ଚ୍ଚ, ସଂଚୟ ଏବଂ ଜୀବନ ଜୀବିକା ପରିଚାଳନା କରନ୍ତି। କୌଣସି ବ୍ୟାଙ୍କର ସହାୟତା ନ ନେଇ ମଧ୍ୟ ନିଜର ସଂଚୟ, ଋଣ ଏବଂ ନିତିଦିନର ଖର୍ଚ୍ଚ କରନ୍ତି ଏବଂ ନିଜର ସୀମିତ ଆୟକୁ ଉତ୍ତମ ପରିଚାଳନାରେ ବ୍ୟୟ କରନ୍ତି। ବେଳେବେଳେ ଏପରି ଜୀବନ ଆର୍ଥିକ ସଂକଟ ସୃଷ୍ଟି କରେ, ଅପ୍ରତ୍ୟାଶିତ ଆବଶ୍ୟକତାକୁ ପୁରଣ କରିପାରେ ନାହିଁ।

ଆର୍ଥିକ ଅନ୍ତର୍ଭୂକ୍ତିର ଲାଭ କେବଳ ବ୍ୟକ୍ତି ବିଶେଷଙ୍କ ପାଇଁ ନୁହେଁ ବରଂ ଅର୍ଥନୀତି ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ଅନ୍ତର୍ଭୂକ୍ତି ଗୋଟିଏ ଦେଶର ଅର୍ଥନୈତିକ ଏବଂ ସାମାଜିକ ବିକାଶ ସହିତ, ଜଡ଼ିତ ଏବଂ ଚରମ ଦାରିଦ୍ର୍ୟ ହ୍ରାସ କରିବାରେ ଏକ ଭୂମିକା ଗ୍ରହଣ କରିଥାଏ। ସାଂପ୍ରତିକ ଗବେଷଣା ସୂଚିତ କରେ ଯେ ଆର୍ଥିକ ଅନ୍ତର୍ଭୂକ୍ତିକୁ କେବଳ ଅଭିବୃଦ୍ଧି ଏବଂ ରୋଜଗାର ସହିତ ସକାରାତ୍ମକ ଭାବେ ସଂଯୁକ୍ତ କରାଯାଇ ନାହିଁ, କିନ୍ତୁ ଏହା ଅଭିବୃଦ୍ଧିର ପ୍ରତ୍ୟେକ କାରଣ ପ୍ରଭାବିତ କରଥାଏ। ଏହା ଏକ ଦେଶର ବିକାଶର ଧାରାକୁ ତ୍ୱରାନ୍ୱିତ କରିଥାଏ।

## ୨.୮ ବ୍ୟାଙ୍କ ଏବଂ ମହିଳା - ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତିର ଏକ ନୂତନ ପଥ

ପରବର୍ତ୍ତୀ ପିଢ଼ିକୁ ବଂଚାଇବା ଏବଂ ବିକଶିତ କରିବା ପାଇଁ, ନିଜ ପରିବାରର ଦାୟିତ୍ୱ ନିର୍ବାହ କରିବା ପାଇଁ ଜୀବନ ଜୀବିକା ଉଦ୍ୟୋଗର ବିକାଶ ପାଇଁ ମହିଳା ମାନଙ୍କ ସହାୟତା ନିମନ୍ତେ ବ୍ୟାଙ୍କ ସେବା ପର୍ଯ୍ୟାପ୍ତ ଭାବରେ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଛି। ଭାରତରେ କେବଳ ୨୬ ପ୍ରତିଶତ ମହିଳାଙ୍କର ଏକ ଆନୁଷ୍ଠାନିକ ଆର୍ଥିକ ପ୍ରତିଷ୍ଠାନରେ ଆକାଉଣ୍ଟ ଅଛି। ଭାରତରେ ୧୫ ପ୍ରତିଶତରୁ କମ୍ ମହିଳା ଉଦ୍ୟୋଗୀ ଭାବରେ ବ୍ୟାଙ୍କ ସେବାର ସୁଯୋଗ ପାଇଛନ୍ତି। ଭାରତ ଆଗୁଆ ଥିବା ସତ୍ତ୍ୱେ, ଉଭୟ ସରକାରୀ ତଥା ବେସରକାରୀ କ୍ଷେତ୍ରର ପ୍ରମୁଖ ବ୍ୟାଙ୍କ ଗୁଡ଼ିକ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଥିଲେ ମଧ୍ୟ ଭାରତରେ ମହିଳାମାନଙ୍କ ପାଇଁ ଆର୍ଥିକ ସୁବିଧା କମ୍ ରହିଛି। ବ୍ୟାଙ୍କ ଗୁଡ଼ିକ ଜାଣିଶୁଣି ମହିଳାମାନଙ୍କୁ ବାଦ ଦେଉ ନାହିଁ ପ୍ରଚଳିତ ବ୍ୟବସ୍ଥାରେ କିଛି କାମ ହୋଇପାରି ନାହିଁ। ମହିଳାମାନେ ଉଦ୍ୟୋଗୀ ହେବା ପାଇଁ କମ୍ ପ୍ରୟାସ କରିଛନ୍ତି। ଏଥିପାଇଁ ସଚେତନତାର ଅଭାବ ପୁରୁଷ ପ୍ରଭାବି ସମାଜରେ ମହିଳା ଆର୍ଥିକ ସେବା ପାଇବାରେ ପଛରେ ରହିଯାଇଛି। ଏକ ଅଧ୍ୟୟନରୁ ଜଣାଯାଏ ଯେ ମହିଳା ଗ୍ରାହକଙ୍କ ପାଖରେ ଅନେକ ସକରାତ୍ମକ ଗୁଣ ରହିଛି ଯାହା କମ୍ ସଂକଟ ସଂଭାବନା ସହିତ ବ୍ୟାଙ୍କ ପାଇଁ

ଅଧିକ ଲାଭଦାୟକତା ଏବଂ ଉତ୍ତମ ଧାରଣ ହାରକୁ ବହନ କରିଥାଏ। ମହିଳାମାନେ ସେମାନଙ୍କର ଆର୍ଥିକ ପ୍ରତିଷ୍ଠାନ ସହିତ ଗଭୀର ସଂପର୍କ ସ୍ଥାପନ କରନ୍ତି। ବ୍ୟାଙ୍କ ଗୁଡ଼ିକ ସେମାନଙ୍କ ପୁରୁଷ ଗ୍ରାହକଙ୍କ ଅପେକ୍ଷା ଅଧିକ ସଫଳତା ସହିତ ଅତିରିକ୍ତ ଉତ୍ପାଦ ଏବଂ ସେବା ଓ ବିକ୍ରୟ କରିବାକୁ ଅନୁମତି ଦିଅନ୍ତି। ମହିଳାମାନେ ପ୍ରାୟତଃ ଗୋଟିଏ ଅନୁଷ୍ଠାନରୁ ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରଣ କରିବାକୁ ପସନ୍ଦ କରନ୍ତି। ଆମେ ଦେଖୁଛୁ ଯେ ବିକଶିତ ଅର୍ଥନୀତିରେ ପୁରୁଷଙ୍କ ତୁଳନାରେ ମହିଳାମାନେ ବେଶୀ ପ୍ରଭାବିତ। ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା ହେଉଛି ଗୋଟିଏ ପଦକ୍ଷେପ ଯେଉଁଥିରେ ମହିଳାଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବାରେ ସହାୟକ ହେବ। ସରକାରଙ୍କ ନିକଟରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ମୁଦ୍ରା ଯୋଜନା ଏହାର ଅନ୍ୟ ଏକ ଉଦାହରଣ। ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଭାରତରେ ମହିଳା ମାନଙ୍କ ପାଇଁ ବ୍ୟାଙ୍କିଙ୍ଗର ଚେହେରା ବଦଳାଇ ଦେବ। ଏହାଦ୍ୱାରା ସମାଜରେ ତଥା ଦେଶର ଅଭିବୃଦ୍ଧିରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଭାରତ ସରକାର ସ୍ୱୀକୃତି ଦେବା ସହ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବି କରାଇବା ପାଇଁ ପ୍ରୟାସ ଜାରି ରହିଛି। ଆର୍ଥିକ ସାକ୍ଷରତା ଓ ସଚେତନତା ହିଁ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମୂଖ୍ୟ ଭୂମିକା ଗ୍ରହଣ କରିବ।

## ୨.୯ ସାରାଂଶ

ଆର୍ଥିକ ଅନ୍ତର୍ଭୂକ୍ତି ହିଁ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିଥାଏ। ଏକ ଅନ୍ତର୍ଭୂକ୍ତ ଅଭିବୃଦ୍ଧି ପାଇଁ ଆମକୁ ଦେଶର ଅଣ ବିକଶିତ ଅଂଚଳ ଗୁଡ଼ିକୁ ବିକଶିତ ଅଂଚଳ ସହିତ ସମାନ ଭାବରେ ଦୃଷ୍ଟି ଦେବାକୁ ପଡ଼ିବ। ଦୁଇଟି କେସ୍ ଷ୍ଟଡ଼ିଜରୁ ଏହା ପ୍ରମାଣିତ ଯେ ଆମ ଦେଶରେ ଭିନ୍ନ ଭିନ୍ନତାର ଉଦାହରଣ ଅଛି ଯାହା କେବଳ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ଅନୁଷ୍ଠାନ ମାଧ୍ୟମରେ ସେତୁ ଗଢ଼ାଯାଇପାରିବ। ବ୍ୟାଙ୍କ ଗୁଡ଼ିକ ଜମା ଏବଂ କ୍ରେଡ଼ିଟ ବ୍ୟତୀତ ବୀମା, ମ୍ୟୁଚୁଆଲ ଫଣ୍ଡ ପ୍ରବର୍ତ୍ତନ କରିବ। ଆର୍ଥିକ ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଉତ୍ତମ ଯୋଜନା ପ୍ରବର୍ତ୍ତନ କରିବା ଏବଂ ଉତ୍ତମ ଭାବରେ ସଂକଟ ପରିଚାଳନା କରିବା ପାଇଁ ପ୍ରୟାସ କରିବା ଉଚିତ୍। ଆର୍ଥିକ ଅନ୍ତର୍ଭୂକ୍ତି ପାଇଁ ଗ୍ରାମୀଣ ଭିତ୍ତିଭୂମି ପ୍ରତିଷ୍ଠାର ଆବଶ୍ୟକତା ଅଛି। ଗ୍ରାମାଞ୍ଚଳର ଯୁବକମାନଙ୍କ ପାଇଁ ଧନ୍ଦାମୂଳକ ତାଲିମ ଦେବା ସହ ସାଧାରଣ କର୍ମଜୀବିଙ୍କୁ ଅଧିକ କାର୍ଯ୍ୟଦକ୍ଷ କରିବା ନିମନ୍ତେ ଆର୍ଥିକ ସେବା ପହଞ୍ଚାଇଦେବା ଆବଶ୍ୟକ ଅଟେ। ଗରିବ ଲୋକମାନଙ୍କୁ ଦାରିଦ୍ର୍ୟତାରୁ ବାହାରିବା ପାଇଁ ସକ୍ଷମ କରାଇବା। ଆର୍ଥିକ ଅନ୍ତର୍ଭୂକ୍ତିର ଏକ ମୂଳ ଲକ୍ଷ୍ୟ ଅଟେ। ସମଗ୍ର ଦେଶରେ ଲକ୍ଷ ଲକ୍ଷ ମାଇକ୍ରୋ ଉଦ୍ୟୋଗୀ ସୃଷ୍ଟି ନହେବା ପର୍ଯ୍ୟନ୍ତ ଅନ୍ତର୍ଭୂକ୍ତି ଅଭିବୃଦ୍ଧିର ସ୍ୱପ୍ନ ସଂପୂର୍ଣ୍ଣ ହେବ ନାହିଁ। ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନେ ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ ଥିବା ଅଭାବ ପୂରଣ ପାଇଁ କାର୍ଯ୍ୟ କରିବା ଉଚିତ୍। ମୋଟାମୋଟି କହିବାକୁ ଗଲେ ଆର୍ଥିକ ଅନ୍ତର୍ଭୂକ୍ତ ହେଉଛି ଏକ ରାସ୍ତା ଯାହା ଭାରତକୁ ବିଶ୍ୱସ୍ତରରେ ଆଗରେ ରହିବା ପାଇଁ ଯାତ୍ରାର ସୁଯୋଗ ପ୍ରଦାନ କରିବ। ଅନ୍ତର୍ଭୂକ୍ତି ଅଭିବୃଦ୍ଧି ସଶକ୍ତିକରଣର ଉତ୍ସ ଭାବରେ କାର୍ଯ୍ୟ କରିବ ଏବଂ ଲୋକଙ୍କୁ ଅର୍ଥନୈତିକ ଏବଂ ସାମାଜିକ ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ଭାବରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରିବ।

## ୨.୧୦ ମୁଖ୍ୟ ଶବ୍ଦାବଳୀ

ଆର୍ଥିକ ଅନ୍ତର୍ଭୂକ୍ତୀକରଣ : ସମାଜରେ ଅବହେଳିତ ଓ ସ୍ୱଳ୍ପ ଆୟ କରୁଥିବା ବର୍ଗମାନଙ୍କୁ ସୁଲଭ ମୂଲ୍ୟରେ ଆର୍ଥିକ ସେବା ଯୋଗାଇଦେବା ପ୍ରକ୍ରିୟାକୁ ଆର୍ଥିକ ଅନ୍ତର୍ଭୂକ୍ତୀକରଣ କୁହାଯାଏ।

**ବ୍ୟବସାୟ ସମ୍ବାଦଦାତା :** ଆର୍ଥିକ ଏବଂ ବ୍ୟାଙ୍କ୍ ସେବାଗୁଡ଼ିକ ପ୍ରଦାନ କରିବା ପାଇଁ ମଧ୍ୟସ୍ତକାରୀକୁ ବ୍ୟବସାୟ ସମ୍ବାଦଦାତା କୁହାଯାଏ।

## ୨.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ଆର୍ଥିକ ଅନ୍ତର୍ଭୂକ୍ତୀକରଣର ଅର୍ଥ କ'ଣ ?

୨) ଭାରତରେ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ଆବଶ୍ୟକତା କାହିଁକି ?

୩) ଅଧିକ ଆର୍ଥିକ ଅନ୍ତର୍ଭୂକ୍ତୀକରଣ କରିବା ପାଇଁ RBI ଦ୍ୱାରା କେଉଁ ସବୁ ପଦକ୍ଷେପ ନିଆଯାଇଛି।

## ୨.୧୨ ସହାୟକ ଗ୍ରନ୍ଥସୂଚୀ


- N. Mani (2015), Financial Inclusion in India: Policies and Programmes", New Century Publications
- S.V. Shinde (2014)"Financial Inclusion in India", Laxmi book Publication, Solapur

# ତୃତୀୟ ଏକକ : ଅନୁସୂଚିତ ଜାତି ଓ ଜନଜାତି ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବିକାଶ ମୂଳକ କାର୍ଯ୍ୟକ୍ରମ

**ବିଷୟ ଗଠନ :**


୩.୦ ପଠନର ଉଦ୍ଦେଶ୍ୟ

୩.୧ ଉପକ୍ରମ

୩.୨ ଐତିହାସିକ ପୃଷ୍ଠଭୂମି

୩.୩ ବିକାଶ ପ୍ରୟାସ

୩.୪ ଅନୁସୂଚିତ ଜାତି ବିକାଶ ନିଗମ

୩.୫ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

୩.୬ ପବ୍ଲିକ ସେକ୍ଟର ବ୍ୟାଙ୍କମାନଙ୍କ ଭୂମିକା

୩.୭ ଅନୁସୂଚିତ ଜାତିର ବିକାଶ ପାଇଁ କାର୍ଯ୍ୟକ୍ରମ

୩.୮ ଅନୁସୂଚିତ ଜନଜାତି

୩.୯ ବିକାଶ ରଣନୀତିର ବୈଶିଷ୍ଟ୍ୟ

୩.୧୦ ଅନୁସୂଚିତ ଜନଜାତି ପାଇଁ ବିକାଶ ମୂଳକ କାର୍ଯ୍ୟକ୍ରମ

୩.୧୧ ମୁଖ୍ୟ ଶବ୍ଦାବଳୀ

୩.୧୨ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୧୩ ସହାୟକ ଗ୍ରନ୍ଥସୂଚୀ


## ୩.୦ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ :-

- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ସଂଜ୍ଞା
- ଜାତି ପ୍ରଥାର ଐତିହାସିକ ପୃଷ୍ଠଭୂମି
- ପବ୍ଲିକ ସେକ୍ଟର ବ୍ୟାଙ୍କ ଗୁଡ଼ିକର ଅନୁସୂଚିତ ଜାତି ଓ ଜନଜାତିର ବିକାଶ ପାଇଁ ଭୂମିକା
- ଅନୁସୂଚିତ ଜାତି ଓ ଜନଜାତିର ବିକାଶ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚିତ ହେବ

## ୩.୧ ଉପକ୍ରମ

ଏହି ୟୁନିଟ୍‌ର ମୂଳ ଲକ୍ଷ୍ୟ ହେଉଛି ଅନୁସୂଚିତ ଜାତିର ବିକାଶ ସହିତ ଜଡ଼ିତ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ସହିତ ପରିଚିତ କରାଇବା । ତଥାପି ମୂଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିବା ପୂର୍ବରୁ ଜାତି ପ୍ରଣାଳୀର ଅର୍ଥ, ଅସ୍ପୃଶ୍ୟତାର ପ୍ରଭାବ, ଅନୁସୂଚିତ ଜାତିର ସାମ୍ବିଧାନିକ ସ୍ଥିତି ବିଷୟରେ ଆଲୋକପାତ ହେବା ଉଚିତ୍ । ଅନୁସୂଚିତ ଜାତି ଭାରତୀୟ ସମାଜର ସବୁଠାରୁ ବଞ୍ଚିତ ତଥା ଦଳିତ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟନ୍ତି । ସେମାନେ ଶୋଷଣ, ଅବନତି ଓ ଅମାନୁଷିକ ବ୍ୟବହାରର ଚରମ ରୂପ ଅନୁଭବ କରିଛନ୍ତି । ଶତାବ୍ଦୀ ଧରି ସେମାନେ ଅସ୍ପୃଶ୍ୟତାର ବର୍ବର ବ୍ୟବହାରର ଚରମ ରୂପ ଅନୁଭବ କରି ଆସିଛନ୍ତି ଏବଂ ଅତ୍ୟଧିକ ଦୁଃଖ ଓ ଦାରିଦ୍ର୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହୁଅନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରେ ହିଁ ସାମାଜିକ ଅର୍ଥନୈତିକ ଅବସ୍ଥାର ଉନ୍ନତି ଆଣିବା ପାଇଁ ଆମର ଜାତୀୟ ନେତାମାନେ ଗଭୀର ଭାବରେ ଚିନ୍ତା ପ୍ରଦର୍ଶନ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ସମ୍ବିଧାନ ଧର୍ମ ଓ ଜାତି, ଧର୍ମ ଓ ଜାତି ଉପରେ ଆଧାରିତ ସମସ୍ତ ପ୍ରକାର ଭେଦଭାବକୁ ସମାପ୍ତ କରିବା ପାଇଁ ପ୍ରୟାସ କରିଛି । ଅସ୍ପୃଶ୍ୟତାର କଦର୍ଯ୍ୟ ରୂପର ବିଲୋପ ପାଇଁ ପଦକ୍ଷେପ ମାନ ନିଆଯାଇଛି । ନିମ୍ନ ଜାତିର ସଦସ୍ୟମାନେ ଦେଶର ସମ୍ବିଧାନ ଅନୁଯାୟୀ ସମାନ ନାଗରିକତ୍ୱ ଅଧିକାର ପ୍ରାପ୍ତ ହୋଇଛନ୍ତି । ଏହା ବ୍ୟତୀତ ସେମାନଙ୍କୁ ଅନୁସୂଚିତ ଜାତିର ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯାଇଅଛି । ଏହି ଜାତିର ସୁରକ୍ଷା ଏବଂ ଉନ୍ନତି ପାଇଁ ସମ୍ବିଧାନରେ ବିଭିନ୍ନ ବ୍ୟବସ୍ଥା କରା ଯାଇଅଛି । ସେବେଠାରୁ ଅନୁସୂଚିତ ଜାତିର ବିକାଶ ଦେଶ ତଥା ରାଜ୍ୟ ଶାସନର ଏଜେଣ୍ଡାରେ ରହି ଆସିଛି ।

**ଜାତି :** ଜାତି ପ୍ରଣାଳୀ ହେଉଛି ଭାରତୀୟ ସମାଜର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ଏହା ସମାଜର କ୍ରମିକ ବିଭାଜନକୁ ସୂଚିତ କରେ । ମୂଳତଃ ଶୁଦ୍ଧତା ପ୍ରଦୁ୍ୟଷଣ ଧାରଣା ଉପରେ ଗଠିତ, ଧାର୍ମିକ ପ୍ରତିବନ୍ଧକ ଏବଂ ଆଦର୍ଶ ମାଧ୍ୟମରେ ବୈଧ କରାଯାଇଛି । ମୋଟ ଉପରେ ଜାତି ବ୍ୟବସ୍ଥା ହେଉଛି ମଣିଷ ସମାଜରେ ଭେଦଭାବର ଏକ କ୍ରୁର ନମୂନା । ସାମାଜିକ ଦୃଷ୍ଟିରୁ ଏହି ଜାତିଗୁଡ଼ିକ ଉନ୍ନତ ବା ନିମ୍ନ ମାନ୍ୟତା ଭାବରେ ବର୍ଣ୍ଣିତ ହୋଇଛି । ଏକ ଜାତିର ନିମ୍ନଲିଖିତ ବୈଶିଷ୍ଟ୍ୟ ରହିଥାଏ ।

କ. ଜାତି ଅନ୍ତର୍ଗତ ବିବାହ

ଖ. ବଂଶଗତ ଭାବରେ ବୃଦ୍ଧି

ଗ. ପରମ୍ପରା ଦ୍ୱାରା ବନ୍ଧା

ଘ. ଜାତି ପରିଷଦ ଯାହା ବୟୋଜ୍ୟେଷ୍ଠଙ୍କ ଦ୍ୱାରା ଗଠିତ ତାହା ଜାତିକୁ ଶୃଙ୍ଖଳିତ କରେ ।

ଙ. ଜାତି ଗୁଡ଼ିକ ଉଚ୍ଚରୁ ନୀଚ କ୍ରମରେ ସାମାଜିକ ମାନ୍ୟତା ଲାଭ କରିଥାଏ ।

ଜାତି ଜାତି ମଧ୍ୟରେ ସାମାଜିକ ସଂପର୍କ ସାଧାରଣତଃ ପାରିପାର୍ଶ୍ୱିକ ଅଟେ । ସମାଜ ବିଜ୍ଞାନୀଙ୍କ ପାଇଁ ଜାତି ହେଉଛି ସାମାଜିକ ସ୍ତରର ଏକ ବିଶ୍ଳେଷଣାତ୍ମକ ବର୍ଗ । ଜାତି ପ୍ରଣାଳୀକୁ ବିଶ୍ଳେଷଣ କରି ସମାଜର କାର୍ଯ୍ୟକଳାପକୁ ବୁଝିବାକୁ ଚେଷ୍ଟା କରନ୍ତି ।

## ୩.୨ ଐତିହାସିକ ପୃଷ୍ଠଭୂମି

ପ୍ରାଚୀନ କାଳରେ ଭାରତୀୟ ସମାଜକୁ ଚାରୋଟି ସ୍ତରରେ ବିଭକ୍ତ କରାଯାଇଥିଲା । ବ୍ରାହ୍ମଣ ମାନେ ଉଚ୍ଚତର ଶୀର୍ଷରେ ଥିଲେ, ସେମାନେ ସାଧାରଣତଃ ପୁରୋହିତ ଥିଲେ ଏବଂ ଧାର୍ମିକ ଶାସ୍ତ୍ର ଗୁଡ଼ିକର ଶିକ୍ଷା ଏବଂ ବାଖ୍ୟା ପାଇଁ ନିଜକୁ କରିଥିଲେ । ଏହାକୁ ଏକ ଉନ୍ନତ ତଥା ସମ୍ଭ୍ରାନ୍ତ ବୃତ୍ତି ଭାବରେ ବିବେଚନା କରଯାଉଥିଲା । ପରବର୍ତ୍ତୀ ବର୍ଗ ଥିଲେ କ୍ଷତ୍ରୀୟ । ସେମାନେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାର ସୌଭାଗ୍ୟ ଉପଭୋଗ କଲେ ଏବଂ ମୂଳତଃ ଏକ ଯୋଦ୍ଧା ଶ୍ରେଣୀ ଗଠନ କଲେ । ଜାତି କ୍ରମରେ ତୃତୀୟ ମାନ୍ୟତା ଥିଲା ବୈଶ୍ୟ ମାନଙ୍କର । ସେମାନଙ୍କ ମୂଖ୍ୟ ବୃତ୍ତି ଥିଲା କୃଷି ଏବଂ ବାଣିଜ୍ୟ । ସମାଜରେ ଶୁଦ୍ରଙ୍କର ସର୍ବନିମ୍ନ ସ୍ଥାନ ଥିଲା । ସେମାନଙ୍କ ମଧ୍ୟରେ ଅଧିକାଂଶ କୃଷି ଶ୍ରମିକ କିମ୍ବା ଦାସ ଥିଲେ । ଶୁଦ୍ର ମାନଙ୍କ ମଧ୍ୟରେ କିଛି କାରିଗର, କଳାକାର, ନୃତ୍ୟଶିଳ୍ପୀ ଏବଂ ସଂଗୀତଜ୍ଞ ମଧ୍ୟ ଥିଲେ । ଜାତି ପ୍ରଣାଳୀର ଅନନ୍ୟ ଗୁଣ ଓ ଜଟିଳତାକୁ ବୁଝିବା ପାଇଁ ବହୁ ପରିମାଣର ସାମାଜିକ ଓ ସାହିତ୍ୟ ପୁସ୍ତକ ମାନ ରଚନା କରା ଯାଇଅଛି । ମୂଳତଃ ବଂଶାନୁକ୍ରମିକ ବୃତ୍ତିର ଅଭ୍ୟାସ ଶେଷରେ ବିଭିନ୍ନ ଜାତିର ରୂପ ନେଇଅଛି ।

ଜାତିପ୍ରଥାର କୁତ୍ସିତ ରୂପ ଯେତେବେଳେ ଜାତିପ୍ରଥାର ଭେଦଭାବରେ ପରିଲକ୍ଷିତ ହେଲା, ସେତେବେଳେ ବୌଦ୍ଧ ଧର୍ମର ପ୍ରଚାରକ ମାନେ ଗଭୀର ଭାବରେ ବିରୋଧ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସମାନତା ନୀତି ପ୍ରଚାର କଲେ । ଯାହାର ପ୍ରତିକ୍ରିୟାରେ ମନୁସ୍ମୃତି ସମ୍ପ୍ରଦାୟୀ ମାନେ ବ୍ରାହ୍ମଣ ପରମ୍ପରାର ସୁରକ୍ଷା ପାଇଁ ଲାଗି ପଡ଼ିଲେ । ନିଜର କର୍ମ ଓ ନିର୍ଦ୍ଦିଷ୍ଟ ଆଚରଣ ଫଳରେ ହୁଏତ ଜଣେ ଜାତି ପରିବର୍ତ୍ତନ କରି ପାରୁଥିଲା । ମାତ୍ର ଏହା ଏତେ ସହଜ ନଥିଲା । ମୋଟ ଉପରେ ପାରମ୍ପରିକ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଜାତି ମାନଙ୍କୁ ଉପର କିମ୍ବା ତଳ ଗତିଶୀଳତାକୁ ଅନୁମତି ଦେଲା କିନ୍ତୁ ଜାତି ପ୍ରଣାଳୀ ପୂର୍ବପରି ଅପରିବର୍ତ୍ତିତ ଥିଲା ।

**ଅସ୍ପୃଶ୍ୟତା :** ଐତିହାସିକ ଦୃଷ୍ଟିଭଙ୍ଗୀରୁ ଜଣାଯାଏ, ଶୁଦ୍ରମାନେ ଉଚ୍ଚଜାତିର ଶୋଷଣ, ନିର୍ଯ୍ୟାତନା ଓ ଅମାନୁଷିକ ବ୍ୟବହାରର ଶିକାର ହୋଇଥିଲେ । ଅସ୍ପୃଶ୍ୟତା ପାଇଁ ଶୁଦ୍ରଙ୍କ ଜୀବନଶୈଳୀ ବଡ଼ ଦୁର୍ଦ୍ଦଶା ଦାରିଦ୍ର୍ୟତାର ଦୁଃଖଦ ଅବସ୍ଥା ସୃଷ୍ଟି କରିଥିଲା । ପାରମ୍ପରିକ ଭାବରେ ସେମାନେ ସମସ୍ତ ପ୍ରକାର ସାମାଜିକ ଓ ନାଗରିକ ଭେଦଭାବର ଶିକାର ହୋଇଥିଲେ । ନିନ୍ଦିତ ଅପରାଧିଙ୍କ ଶବ ବୋହିବା, ଗାଁ ସଫା କରିବା, ମୃତ ପଶୁମାନଙ୍କୁ ହଟାଇବା, ମୋଚି କାମ କରିବା ଇତ୍ୟାଦି କାର୍ଯ୍ୟ ମାଧ୍ୟମରେ ସେମାନେ ନିଜର ଜୀବିକା ଅର୍ଜନ କରୁଥିଲେ । ଏହିପରି ଶତାବ୍ଦୀ ଧରି ସେମାନେ ପରିତ୍ରାଣର କୌଣସି ଭରସା ବିନା ଚିରସ୍ଥାୟୀ ଦାସତ୍ୱ ଅନୁଭବ କରୁଥିଲେ । ଗ୍ରାମର ବାହାରେ ବସବାସ କରିବା ସହିତ ସର୍ବସାଧାରଣ ଜାଗାକୁ ତାଙ୍କୁ ବାରଣ କରାଯାଉଥିଲା । ସର୍ବସାଧାରଣ ବିଦ୍ୟାଳୟ ରାସ୍ତା, କୂଅ ପୋଖରୀ ବ୍ୟବହାର କରିପାରୁ ନଥିଲେ । ମନ୍ଦିର ପ୍ରବେଶ ଏବଂ ବେଦ ପାଠ ତାଙ୍କ ପାଇଁ ନିଷିଦ୍ଧ ଥିଲା ।

ସ୍ୱାଧୀନତା ପରେ ଅସ୍ପୃଶ୍ୟତାର ପ୍ରଥା କ୍ରମାଗତ ଭାବରେ ରଦ୍ଦ ହେଲା । ଏହି ବର୍ବର ଅଭ୍ୟାସକୁ ବନ୍ଦ କରିବା ପାଇଁ ଅସ୍ପୃଶ୍ୟତା ଅପରାଧ ଅଧିନିୟମ ୧୯୫୫ ପ୍ରଣୟନ କରାଗଲା । ଏହା ଏକ ଜଣାଶୁଣା ଅପରାଦ ବୋଲି ୧୯୭୬ ଅଧିନିୟମରେ ସଂଶୋଧନ କରାଯାଇଥିଲା । ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ଅସ୍ପୃଶ୍ୟତାର ରୂପ ଅଳ୍ପ ବହୁତେ ଲୁକ୍କାୟିତ ଭାବରେ ରହି ଆସିଛି ।

**ଅନୁସୂଚିତ ଜାତି :** ଅନୁସୂଚିତ ଜାତି ମୂଳତଃ ଏକ ସାମ୍ବିଧାନିକ ଶବ୍ଦ ଯାହାକି ବ୍ରିଟିସ ସରକାରଙ୍କ ଦ୍ୱାରା ଆଇନଗତ ଓ ପ୍ରଶାସନିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା । ଏପ୍ରିଲ ୧୯୩୬ରେ ବ୍ରିଟିଶ ସରକାର ଏକ ନିର୍ଦ୍ଦିଷ୍ଟ ଜାତି, ଜାତି ଏବଂ ଜନଜାତି ପୂର୍ବରୁ ଅବହେଳିତ ଭାବରେ ଜଣାଶୁଣା ସମ୍ପ୍ରଦାୟ ଗୁଡ଼ିକୁ ନିର୍ଦ୍ଧାରିତ ଜାତି ଭାବରେ ନିର୍ଦ୍ଦିଷ୍ଟ କଲେ । ଏହା ତତ୍‌କାଳୀନ ଆସାମ, ବଙ୍ଗଳା, ବିହାର, ବମ୍ବେ କେନ୍ଦ୍ରିୟ ଅଞ୍ଚଳ, ବେରାର, ମାଡ୍ରାସ, ଓଡ଼ିଶା, ପଞ୍ଜାବ ଏବଂ ସଂଯୁକ୍ତ ପ୍ରଦେଶ ପାଇଁ ଉଦ୍ଦିଷ୍ଟ ଥିଲା । ଯେଉଁମାନେ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟି କୋଣରୁ ଅବହେଳିତ ଥିଲେ, ସେମାନଙ୍କ ସଂଖ୍ୟା ଜାଣିବା ପାଇଁ କାର୍ଯ୍ୟ ସୂଚୀରେ ତାଲିକାଭୁକ୍ତ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା ବିଧାନସଭା ଓ କାର୍ଯ୍ୟନିର୍ବାହୀ ମାଧ୍ୟମରେ ସେମାନଙ୍କୁ ବିଶେଷ ସୁବିଧା ପ୍ରଦାନ କରିବା । ଭାରତର ସମ୍ବିଧାନ ଧାରା ୩୪୧ ଅନୁଯାୟୀ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି । କୌଣସି ଜାତି ବା ସଂପ୍ରଦାୟକୁ ଅନୁସୂଚିତ ଜାତି ଭାବରେ ଘୋଷଣା କରିପାରିବେ ।

**ସାମ୍ବିଧାନିକ ସୁରକ୍ଷା :** ଭାରତୀୟ ସମ୍ବିଧାନ ଅନୁସୂଚିତ ଜାତିର ସୁରକ୍ଷା ଓ ଉନ୍ନତି ପାଇଁ କେତେକ ବ୍ୟବସ୍ଥା ଗ୍ରହଣ କରିଅଛି । ସେଗୁଡ଼ିକ ହେଲା -

**(କ) ସାମାଜିକ ସୁରକ୍ଷା :** ସମ୍ବିଧାନର ଧାରା ୧୭ ଅନୁଯାୟୀ ଅସ୍ପୃଶ୍ୟତାର କୌଣସି ରୂପ ଗ୍ରହଣୀୟ ନୁହେଁ ଏବଂ ଧାରା ୨୩ ଅନୁଯାୟୀ ମଣିଷ ଚାଲାଣ କରିବା, କାହାକୁ ଶ୍ରମ ପାଇଁ ବା ଭିକ ମାଗିବାକୁ ବାଧ୍ୟ କରିବା ବାରଣ କରାଯାଇଅଛି । ଧାରା ୨୪ ଅନୁଯାୟୀ ଶିଶୁ ଶ୍ରମିକ ନିୟୋଜିତ କରିବା ଦଣ୍ଡନୀୟ ଅଟେ । ଧାରା ୨୫ ଅନୁଯାୟୀ ଅନୁସୂଚୀତ ଜାତିର ଯେ କୌଣସି ବ୍ୟକ୍ତି ଯେ କୌଣସି ମନ୍ଦିରକୁ ପ୍ରବେଶ କରିପାରିବେ । ଧାରା ୧୫(କ) ଅନୁଯାୟୀ ଦୋକାନ ରେଷ୍ଟୁରାଣ୍ଟ, ଗାଧୋଇବା ଘାଟ, ରାସ୍ତା, ସର୍ବସାଧାରଣ ସ୍ଥାନକୁ ବ୍ୟବହାର କରିବାରେ କେହି ବାରଣ କରିପାରିବେ ନାହିଁ ।

**(ଖ) ଶିକ୍ଷାଗତ ନିରାପତ୍ତା :** ଅନୁସୂଚୀତ ଜାତିର ଶିକ୍ଷାଗତ ଉନ୍ନତି ପାଇଁ ଧାରା ୧୫(୪) ଅନୁଯାୟୀ ସୁରକ୍ଷା ପ୍ରଦାନ କରାଯାଇଅଛି । ଶିକ୍ଷା ଅନୁଷ୍ଠାନରେ ସ୍ଥାନ ସଂରକ୍ଷଣ ପାଠ୍ୟ ପୁସ୍ତକ, ଛାତ୍ର ବୃତ୍ତି ପ୍ରଦାନ ପ୍ରଭୃତି ଏହାର ଅଂଶ ବିଶେଷ ଅଟେ । ଧାରା ୨୯(୨) ଅନୁଯାୟୀ ରାଜ୍ୟ ସରକାରଙ୍କ ବା ସରକାରଙ୍କ ଦ୍ୱାରା ଅନୁଦାନ ପାଉଥିବା ଅନୁଷ୍ଠାନ ଏହି ସଂରକ୍ଷଣ ନୀତିକୁ ପାଳନ କରିବେ ।

**(ଗ) ଅର୍ଥନୈତିକ ସୁରକ୍ଷା :** ସମ୍ବିଧାନ ପ୍ରତ୍ୟେକ ରାଜ୍ୟକୁ ନିର୍ଦ୍ଦେଶନାମା ପ୍ରଦାନ କରିଛି ଯେ ଅନୁସୂଚିତ ଜାତିର ସାମାଜିକ ଓ ଅର୍ଥନୈତିକ ସ୍ୱାର୍ଥକୁ ପ୍ରୋତ୍ସାହନ ଦେବା ପାଇଁ ।

**(ଘ) ରାଜନୈତିକ ସୁରକ୍ଷା :** ସମ୍ବିଧାନର ଧାରା ୩୩୦, ୩୩୨ ଏବଂ ୩୩୪ ଅନୁଯାୟୀ ଲୋକସଭା ଓ ରାଜ୍ୟ ବିଧାନସଭାର ସ୍ୱତନ୍ତ୍ର ସଂରକ୍ଷଣ ଅନୁସୂଚିତ ଜାତି ପାଇଁ ଉଦ୍ଦିଷ୍ଟ ଅଟେ । ମୂଳତଃ ଏହା ପ୍ରଥମ ଦଶ ବର୍ଷ ପାଇଁ ସ୍ଥିର କରାଯାଇଥିଲା, ମାତ୍ର ତାହା ଦଶ ଦଶ ବର୍ଷ ବୃଦ୍ଧି ଘଟି ଚାଲିଛି ।

**(ଙ) ସେବା ନିରାପତ୍ତା :** ସମ୍ବିଧାନର ଧାରା ୧୬(୪) ଅନୁଯାୟୀ ପଛୁଆ ବର୍ଗର ଲୋକମାନଙ୍କ ପାଇଁ ସରକାରୀ ଓ ବେସରକାରୀ ବିଭିନ୍ନ ବିଭାଗରେ ଚାକିରୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ଅଛି । ପଛୁଆ ବର୍ଗ

ହେଉଛି ଏକ ସାଧାରଣ ଶବ୍ଦ ଯାହା ସମ୍ବିଧାନରେ ଗ୍ରହଣ କରାଯାଇଛି । ଯେଉଁଥିରେ ଅନୁସୂଚିତ ଜାତି ଅନ୍ତର୍ଭୂକ୍ତ ଅଟେ । ସରକାରୀ ସେବା ଓ ପଦବୀରେ ନିଯୁକ୍ତି ଦେବାରେ ପ୍ରଶାସନ ବା ନିଯୁକ୍ତି ଦାତା ଦୃଷ୍ଟି ପ୍ରଦାନ କରିବେ । ଧାରା ୩୩୮ରେ ଏହି ବ୍ୟବସ୍ଥା ଅଛି ଯେ ଭାରତର ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି କରିବେ ଯାହା ସାଧାରଣତଃ "ଅନୁସୂଚିତ ଜାତି ପାଇଁ କମିଶନର" ଭାବେ ଜଣାଶୁଣା ସମ୍ବିଧାନରେ ନିର୍ଦ୍ଧାରିତ ଅଞ୍ଚଳର ପ୍ରଶାସନ ଏବଂ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ।

## ୩.୩ ବିକାଶ ପ୍ରୟାସ

ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ପଛୁଆ ଶ୍ରେଣୀ ବର୍ଗର କଲ୍ୟାଣ ନିମନ୍ତେ ପ୍ରୟାସ କରାଯାଇଅଛି । ବିଭିନ୍ନ ଯୋଜନା ଏହି କ୍ଷେତ୍ରର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଶିକ୍ଷା ଯୋଜନା, ଅର୍ଥନୈତିକ ବିକାଶ ଯୋଜନା, ସ୍ୱାସ୍ଥ୍ୟ ଯୋଜନା, ଗୃହ ଯୋଜନା, ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ଓ କଲ୍ୟାଣ ଯୋଜନା ଏହାର ଅନ୍ତର୍ଭୂକ୍ତ । ସାଧାରଣ ବିକାଶମୂଳକ କାର୍ଯ୍ୟକ୍ରମର ଲାଭ, ନିର୍ଦ୍ଧାରିତ ଜାତି ଏବଂ ଜନଜାତିଙ୍କ ଦ୍ୱାରା ପ୍ରାପ୍ତ ହେବ ବୋଲି ଆଶା କରାଯାଉଥିଲା । ଅନୁସୂଚିତ ଜନଜାତିର ବିକାଶ ପାଇଁ ପଞ୍ଚମ ଯୋଜନାରେ ଆଦିବାସୀ ଉପଯୋଜନା ପ୍ରଣୟନ କରାଯାଇଥିଲା । ସେହିପରି ଅନୁସୂଚିତ ଜାତିର ବିକାଶ ପାଇଁ ଆଉ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଷଷ୍ଠ ଯୋଜନାରେ ଅନ୍ତର୍ଭୂକ୍ତ ହୋଇଥିଲା ।

ପଞ୍ଚବାର୍ଷିକ ଯୋଜନାର ଶେଷଭାଗରେ ଏହା ହୃଦୟଙ୍ଗମ ହୋଇଛି ଯେ ଅନୁସୂଚିତ ଜାତିର ବିକାଶ ପାଇଁ ଏକ ବ୍ୟାପକ ଅର୍ଥନୈତିକ ଓ ମାନବ ସମ୍ବଳ ବିକାଶ ଉପରେ ଆଧାରିତ ରଣନୀତି ହେବା ଉଚିତ୍ । ଏହା ମଧ୍ୟ ହୃଦୟଙ୍ଗମ ହୋଇଛି ଯେ ସମାଜର ଏହି ଦଳିତ ବିଭାଗ ବିକାଶ ପ୍ରକ୍ରିୟା ବିଶେଷ କରି ଅର୍ଥନୈତିକ କାର୍ଯ୍ୟକ୍ରମର ବିଭିନ୍ନ ଧାରାରେ ଅଂଶ ଗ୍ରହଣ କରିବା ଉଚିତ୍ । ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ପରିବାର ଏବଂ ହିତାଧିକାରୀ ଭିତ୍ତିକ ବିକାଶ ମୂଳକ ଯୋଜନା ଉପରେ ଗୁରୁତ୍ୱ ଦେଇ ଷଷ୍ଠ ଯୋଜନା ସମୟରେ ସ୍ୱତନ୍ତ୍ର ଉପାଦାନ ଯୋଜନା (ଏସ୍.ସି.ପି.)ର ରଣନୀତି ପ୍ରସ୍ତୁତ କରାଯାଇଥିଲା ।

ଅନୁସୂଚିତ ଜାତିର ବିକାଶ ପାଇଁ ଉଦ୍ଦିଷ୍ଟ "ସ୍ୱତନ୍ତ୍ର ଉପାଦାନ ଯୋଜନା" (ଏସ୍.ସି.ପି.) ପାଇଁ ଚାରୋଟି ଉତ୍ସରୁ ଅର୍ଥ ପ୍ରଦାନ କରାଯାଉଥିଲା । (କ) ରାଜ୍ୟ ଯୋଜନା, (ଖ) କେନ୍ଦ୍ରୀୟ କ୍ଷେତ୍ର ଓ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ, (ଗ) ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଏବଂ (ଘ) ଆନୁଷ୍ଠାନିକ ଅର୍ଥ ବରାଦ ଅନୁସୂଚିତ ଜାତିର ବିକାଶ ପାଇଁ ଏସ୍.ସି.ପି. ସାଧାରଣ କ୍ଷେତ୍ର ଗୁଡ଼ିକରେ ଯୋଜନା ଗୁଡ଼ିକର ଚିହ୍ନଟ କରିବା ପାଇଁ ପ୍ରୟାସ କରିଥିଲା । ଏହା ମଧ୍ୟ ପ୍ରତ୍ୟେକ କ୍ଷେତ୍ର ଅଧିନରେ ଥିବା ସମସ୍ତ କାର୍ଯ୍ୟକ୍ରମ ପାଇଁ ପାଣ୍ଠିର ପରିମାଣ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଉପକୃତ ହେବାକୁ ଥିବା ପରିବାର ସଂଖ୍ୟା ସୂଚିତ କରିବାକୁ ଯୋଜନା ହୋଇଥିଲା । ଅନୁସୂଚିତ ଜାତି ମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିବାକୁ ଏହି ସବୁ ଯୋଜନା ଗୁଡ଼ିକର ଲକ୍ଷ୍ୟ ରଖାଯାଇଛି । ଅନୁସୂଚିତ ଜାତି ଜନସଂଖ୍ୟା ବହୁଳ ୨୦ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏସ୍.ସି.ପି. ପ୍ରସ୍ତୁତ କରାଯାଇ ଅଛି । ଏଥିପାଇଁ ୬ଷ୍ଠ ଯୋଜନାରେ ୩୬୧୪.୬୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ସମୁଦାୟ ୨୯୭୮.୯୦ କୋଟି ଅର୍ଥ ଖର୍ଚ୍ଚ ହୋଇଅଛି । ସପ୍ତମ ଯୋଜନାର ଏହି ଅର୍ଥ ପରିମାଣ ୬୨୦୫.୬୭ କୋଟି

ରହିଥିଲା । କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା ଗୁଡ଼ିକ ଉପରେ ମଧ୍ୟ ଏସ୍.ସି.ପି. ଯୋଜନା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ଅଛି । ଅନୁସୂଚିତ ଜାତିର ବିକାଶ ପାଇଁ ଏହି ପାଣ୍ଠିକୁ ରାଜ୍ୟଗୁଡ଼ିକ କେବଳ ଆୟ ସୃଷ୍ଟି କରୁଥିବା ବିକାଶ ମୂଳକ ଯୋଜନା ପାଇଁ ବ୍ୟବହାର କରିବାର ଲକ୍ଷ୍ୟ ଥିଲା । ଏହି ବିକାଶ ମୂଳକ ପ୍ରୟାସ, ପ୍ରାସଙ୍ଗିକ ତାଲିମ, ସେବା କାର୍ଯ୍ୟକାରିତା, ତଦାରଖ, ମନିଟରିଂ ଏବଂ ମୂଲ୍ୟାୟନ ବ୍ୟବସ୍ଥାକୁ ମଜବୁତ୍ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ ଷଷ୍ଠ ଯୋଜନାରେ ୬୦୦ କୋଟି ଏବଂ ସପ୍ତମ ଯୋଜନାରେ ୯୩୦ କୋଟି ବ୍ୟୟ ଅଟକଳ ସ୍ଥିର କରାଯାଇଥିଲା ।

ଅନୁସୂଚିତ ଜାତିର ବିକାଶ ସହିତ ପ୍ରତ୍ୟେକ୍ଷ ପ୍ରାସଙ୍ଗିକତା ଥିବା ପ୍ରତ୍ୟେକ ଯୋଜନା ଚିହ୍ନଟ କରିବାକୁ କେନ୍ଦ୍ରୀୟ ମନ୍ତ୍ରଣାଳୟକୁ କୁହାଯାଇଥିଲା । ଧାର୍ଯ୍ୟ ଗୋଷ୍ଠୀର ଜନସଂଖ୍ୟା ଅନୁପାତରେ ମନ୍ତ୍ରଣାଳୟର ଯୋଜନା ଗୁଡ଼ିକରୁ ସେମାନଙ୍କୁ ଅର୍ଥ ବିନିଯୋଗ କରିବାକୁ ମଧ୍ୟ ନିର୍ଦ୍ଦେଶା ଦିଆଯାଇଥିଲା ।

## ୩.୪ ଅନୁସୂଚିତ ଜାତି ବିକାଶ ନିଗମ

ଅନୁସୂଚିତ ଜାତି ବିକାଶ ନିଗମ ୧୮ଟି ରାଜ୍ୟ ଆସାମ, ବିହାର, ଗୁଜୁରାଟ, ହରିୟାଣା, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ ଓ ରାଜସ୍ଥାନରେ ଏବଂ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼, ଦିଲ୍ଲୀ ଓ ପଣ୍ଡଚେରୀରେ ଗଠିତ ହୋଇ ଅନୁସୂଚିତ ଜାତିର ଯେଉଁ ପରିବାର ଗୁଡ଼ିକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ସେମାନଙ୍କ ଅର୍ଥନୈତିକ ବିକାଶ ପାଇଁ ଜୋରଦାର କାର୍ଯ୍ୟକ୍ରମ କରାଯାଉଅଛି । ଏହି ନିଗମର ପ୍ରଧାନ କାର୍ଯ୍ୟ ହେଉଛି ଅନୁସୂଚିତ ଜାତି ଉଦ୍ୟୋଗୀଙ୍କ ଅର୍ଥନୈତିକ ବିକାଶ ପାଇଁ ଆନୁଷ୍ଠାନିକ ଋଣ ପ୍ରଦାନ କରିବା । ଏହା ବ୍ୟତୀତ ନିଗମ ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- (କ) ସାମାଜିକ ସର୍ବେକ୍ଷଣ ମାଧ୍ୟମରେ ଅନୁସୂଚିତ ଜାତି କ୍ଲଷ୍ଟର ଚିହ୍ନଟ କରିବା, (ଖ) ଯୋଗ୍ୟ ଅନୁସୂଚିତ ଜାତି ହିତାଧିକାରୀଙ୍କ ଚିହ୍ନଟ, (ଗ) ସେମାନଙ୍କର ଅନୁଭବ ଏବଂ ଆର୍ଥିକ ଆବଶ୍ୟକତା ପୂରଣ କରିବ, (ଘ) ଅନୁସୂଚିତ ଜାତିର ବିଭିନ୍ନ ବୃତ୍ତିଗତ ଗୋଷ୍ଠୀ ପାଇଁ ଉପଯୁକ୍ତ ଅର୍ଥନୈତିକ ବିକାଶ ଯୋଜନା ପ୍ରସ୍ତୁତ ଏବଂ (ଙ) ଅନୁସୂଚିତ ଜାତି ମାନଙ୍କୁ ଆର୍ଥିକ ଅନୁଷ୍ଠାନ ଓ ସରକାରୀ ବିକାଶ ସଂସ୍ଥା ସହିତ ଯୋଗାଯୋଗ କରାଇବା ।

ଏହି କର୍ପୋରେସନ ମାନେ ଅନୁସୂଚିତ ଜାତି ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ଦେବାରେ ବ୍ୟାଙ୍କ ସହିତ ଅଂଶୀଦାର ଭାବରେ କାର୍ଯ୍ୟ କରନ୍ତି । ଋଣ, ସବସିଡ୍ ଓ ମାର୍ଜିନ ଅର୍ଥ ବ୍ୟାଙ୍କ ମାଧ୍ୟମରେ ପରିଚାଳିତ ହୁଏ ।

### ସପ୍ତମ ଯୋଜନା ସମୟରେ ସ୍ୱତନ୍ତ୍ର ରଣନୀତି :

ଆଶାନୁରୂପ ଲକ୍ଷ୍ୟ ହାସଲ ନ ହୋଇପାରିଥିବାରୁ ସପ୍ତମ ଯୋଜନା ପ୍ରସ୍ତୁତ ସମୟରେ ନିଗମ ଗୁଡ଼ିକ ମାଧ୍ୟମରେ ଅନୁସୂଚିତ ଜାତି ପରିବାରକୁ ସହାୟତା କରିବା ପାଇଁ ଏକ ନୂତନ ପଦ୍ଧତି ଗ୍ରହଣ କରାଯାଇଥିଲା । ନିମ୍ନଲିଖିତ ପ୍ରାଥମିକତା କ୍ରମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଗୁଡ଼ିକ ତିନୋଟି ସ୍ତରରେ ଅନ୍ତର୍ଭୁକ୍ତ ହୋଇଥିଲେ । ଅତ୍ୟଧିକ ଗରିବ, ବହୁତ ଗରିବ ଓ ଗରିବ ପରିବାର, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପ୍ରତ୍ୟେକ ସ୍ତରରେ ଆୟ ସୀମା ସ୍ଥିର କରାଯାଇ ସ୍ୱୟଂ ନିଯୁକ୍ତି ଏବଂ ବେତନ ନିଯୁକ୍ତି ପଦ୍ଧତିକୁ ଏକତ୍ର କରି ଲକ୍ଷ୍ୟ ହାସଲ

କରିବାର କାର୍ଯ୍ୟକ୍ରମ ନିଆଯାଇଛି । ଆୟର ମୂଲ୍ୟାଙ୍କନ ପାଇଁ ହିତାଧିକାରୀଙ୍କ ବୃତ୍ତି ମୁଖ୍ୟ ମାନଦଣ୍ଡ ଭାବରେ ନିଆଯାଏ । କୌଣସି ପ୍ରକଳ୍ପର ମୂଲ୍ୟ ଟ.୧୨୦୦୦ଙ୍କାରୁ ଅଧିକ ହେବ ନାହିଁ ଏବଂ ସବସିଡ଼ ପରିମାଣ ମଧ୍ୟ ଟ.୪୦୦୦ଙ୍କାରୁ ଅଧିକ ହେବ ନାହିଁ ।

## ୩.୫ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

୧୯୭୮-୭୯ ମସିହାଠାରୁ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଆରମ୍ଭରୁ ଅନୁସୂଚିତ ଜାତି ଓ ଜନଜାତି ପରିବାର ମାନଙ୍କ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଅଛି । ପ୍ରାରମ୍ଭରେ ନିର୍ଦ୍ଦେଶାବଳୀ ପ୍ରଦାନ କରା ଯାଇଥିଲା ଯେ ସହାୟତା ପାଇଁ ମନୋନୀତ ଅତିକମ୍‌ରେ ୨୦ ପ୍ରତିଶତ ପରିବାର ଅନୁସୂଚିତ ଜାତି ଓ ଜନଜାତିର ହୋଇଥିବା ଦରକାର । ୧୯୮୧-୮୨ ମଧ୍ୟରେ ଏହି ଲକ୍ଷ୍ୟ ୩୦ ପ୍ରତିଶତକୁ ବୃଦ୍ଧି କରା ଯାଇଥିଲା । କୃଷି, ଶ୍ରମିକ, ବନ୍ଧା ଶ୍ରମିକ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ମଧ୍ୟରେ ଏସ୍.ସି. ଓ ଏସ୍.ଟି.ର ଅଧିକ ଅନୁପାତକୁ ଦୃଷ୍ଟିରେ ରଖି ଅନେକ ରାଜ୍ୟ ଆଇ.ଆର୍.ଡ଼ି.ପି. ଅଧୀନରେ ସର୍ବନିମ୍ନ ଲକ୍ଷ୍ୟ ଏସ୍.ସି. ଓ ଏସ୍.ଟି. ହିତାଧିକାରୀଙ୍କ ପାଇଁ ୫୦ ପ୍ରତିଶତ ରଖିଛନ୍ତି । ଷଷ୍ଠ ଯୋଜନା ସମୟରେ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏସ୍.ସି./ ଏସ୍.ଟି. ହିତାଧିକାରୀଙ୍କ ସଂଖ୍ୟା ଥିଲା ୬୪,୬୨୩୪୯ ମୋଟ ହିତାଧିକାରୀଙ୍କ ୩୯.୦୨ ପ୍ରତିଶତ । ଏହି କାର୍ଯ୍ୟକ୍ରମ ପାଇଁ ସମାନ ଭାବରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହନ କରିଛନ୍ତି । ନିମ୍ନଲିଖିତ ଉଦ୍ଦେଶ୍ୟ ପାଇଁ ଅକ୍ଟୋବର ୧୯୮୦ରେ ଜାତୀୟ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

(କ) ଗ୍ରାମାଞ୍ଚଳରେ ବେକାର ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ବା ଲାଭଜନକ ବ୍ୟବସ୍ଥା ସୃଷ୍ଟି କରିବା ।

(ଖ) ଗ୍ରାମୀଣ ଅର୍ଥନୈତିକ ଓ ସାମାଜିକ ଭିତ୍ତିଭୂମୀକୁ ବଜବୁତ୍ କରିବା ପାଇଁ ଉତ୍ପାଦନକାରୀ ବ୍ୟକ୍ତିମାନଙ୍କର ସମ୍ପତ୍ତି ବୃଦ୍ଧି କରିବା ।

(ଗ) ଗ୍ରାମାଞ୍ଚଳରେ ସାମଗ୍ରୀକ ଜୀବନଶୈଳୀରେ ଉନ୍ନତି ।

ଏହି କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମୀଣ ବିକାଶ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଛି । ଦଶ ପ୍ରତିଶତ ସମ୍ବଳ ଏସ୍.ସି./ଏସ୍.ଟି.ଙ୍କ ପ୍ରତ୍ୟେକ୍ଷ ଏବଂ ସ୍ୱତନ୍ତ୍ର ଲାଭ ପାଇଁ ଉଦ୍ଦିଷ୍ଟ । ବେତନର ୫୦ ପ୍ରତିଶତ ଖାଦ୍ୟ ଶସ୍ୟ ଆକାରରେ ଦିଆଯାଏ । ଏହି କାର୍ଯ୍ୟକ୍ରମ ସହ ଜଡ଼ିତ ଖର୍ଚ୍ଚ ସମାନ ଭାବରେ କେନ୍ଦ୍ର ଓ ରାଜ୍ୟ ସରକାର ବହନ କରନ୍ତି । ଷଷ୍ଠ ଯୋଜନା ସମୟରେ ସମୁଦାୟ ଟ.୧୮୩୪.୨୫ଙ୍କା କୋଟି ବିନିମୟ କରାଯାଉଛି ।

ଗ୍ରାମୀଣ ଭୂମିହୀନ ନିଯୁକ୍ତି ନିଶ୍ଚିନ୍ତ କାର୍ଯ୍ୟକ୍ରମ (ଆର୍.ଏଲ୍.ଜି.ପି.) ଅଗଷ୍ଟ ୧୯୮୩ ମସିହାଠାରୁ ନିମ୍ନଲିଖିତ ତିନୋଟି ଉଦ୍ଦେଶ୍ୟ ସହିତ ଆରମ୍ଭ ହୋଇଥିଲା: (କ) ଗ୍ରାମାଞ୍ଚଳର ଭୂମିହୀନଙ୍କ ପାଇଁ ନିଯୁକ୍ତି ସୁଯୋଗର ଉନ୍ନତି ତଥା ବିସ୍ତାର କରିବା । ପ୍ରତି ପରିବାରର ଅତି କମ୍‌ରେ ଜଣଙ୍କୁ ଗୋଟିଏ ବର୍ଷରେ ୧୦୦ ଦିନ କାର୍ଯ୍ୟ ଯୋଗାଇବା, (ଖ) ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସ୍ଥାୟୀ ସଂପତ୍ତି ସୃଷ୍ଟି କରିବା, (ଗ) ଗ୍ରାମୀଣ ଜୀବନ ଶୈଳୀର ସଂପୂର୍ଣ୍ଣ ଉନ୍ନତି କରିବା ସମସ୍ତ କାର୍ଯ୍ୟକ୍ରମର ଅର୍ଥ କେନ୍ଦ୍ର ସରକାର ଦ୍ୱାରା ବହନ କରାଯାଏ । ଏହି କାର୍ଯ୍ୟ ଗୁଡ଼ିକ ସାଧାରଣତଃ ଚାରି ଭାଗରେ ବିଭକ୍ତ କରାଯାଏ ।

୧. ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଏସ୍.ସି./ଏସ୍.ଟି. ଗୃହ ହୀନ ବ୍ୟକ୍ତିମାନଙ୍କୁ ଗୃହ ବା ଆବାସ ଯୋଗାଇବା।

୨. ସାମାଜିକ ଏବଂ କୃଷି ବନୀକରଣ।

୩. ଗ୍ରାମୀଣ ପରିମଳ ବ୍ୟବସ୍ଥା ଓ ପାଇଖାନା ନିର୍ମାଣ।

୪. ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା- ରାସ୍ତା, ଜଳସେଚିତ ପ୍ରକଳ୍ପ। ଏହା ବ୍ୟତୀତ ଅନେକ ରାଜ୍ୟ ସରକାର ନିଜସ୍ୱ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିଛି ରାଜ୍ୟରେ ଶିକ୍ଷିତ ବେକାରୀ ଯୁବକ ଯୁବତୀ ମାନଙ୍କୁ ଭତ୍ତା ପ୍ରଦାନ ମଧ୍ୟ କରାଯାଉଅଛି।

## ୩.୬ ପବ୍ଲିକ ସେକ୍ଟର ବ୍ୟାଙ୍କମାନଙ୍କ ଭୂମିକା

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପବ୍ଲିକ ସେକ୍ଟର ବ୍ୟାଙ୍କ ଗୁଡ଼ିକୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ୪୦ ପ୍ରତିଶତ କ୍ରେଡ଼ିଟ ପ୍ରାଥମିକ କ୍ଷେତ୍ରକୁ ଏବଂ ୨୫ ପ୍ରତିଶତ ପ୍ରାଥମିକ କ୍ଷେତ୍ରରୁ ସମାଜର ଦୁର୍ବଳ ଶ୍ରେଣୀ ଅନୁସୂଚିତ ଜାତି ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ହେବା ଉଚିତ୍। ୧୯୮୫ରେ ଶେଷ ହୋଇଥିବା ଅବଧି ମଧ୍ୟରେ ସମସ୍ତ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ ଅଗ୍ରାଧିକାର କ୍ଷେତ୍ରକୁ ଦେଇଥିବା ଅଗ୍ରୀମର ହାର ୪୨.୯ ପ୍ରତିଶତରେ ପହଞ୍ଚିଛି। ଏଥିମଧ୍ୟରୁ ୫ ପ୍ରତିଶତ ଅନୁସୂଚିତ ଜାତି ହିତାଧିକାରୀ ଏବଂ ୧.୫ ପ୍ରତିଶତ ଅନୁସୂଚିତ ଜନଜାତି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହି ବର୍ଷ ଏସ୍.ସି./ଏସ୍.ଟି. ଋଣ ଗ୍ରହିତାଙ୍କ ଆକାଉଣ୍ଟ ସଂଖ୍ୟା ୫୬.୮୧ ଲକ୍ଷ ଥିଲା ଏବଂ ସେମାନଙ୍କ ପାଇଁ ମୋଟ ଅଗ୍ରୀମ ପରିମାଣ ଟ.୧୩୫୦.୨୯ କୋଟି ଥିଲା। ବ୍ୟାଙ୍କ ଗୁଡ଼ିକ ଡ଼ି.ଆର.ଆଇ. (ଡ଼ିଫେରିଅଲ ସୁଧହାର) ସ୍କିମ ଅନ୍ତର୍ଗତ ସର୍ବନିମ୍ନ ପୂର୍ବବର୍ଷର ୧ ପ୍ରତିଶତ ଅଧିକ ହାରରେ ଅଗ୍ରଗତି କରିବାକୁ ବାଧ୍ୟ। ୧୯୮୬ ମସିହାରେ ଏହି ଯୋଜନା ଅଧୀନରେ ୪୭.୯୭ ଲକ୍ଷ ଆକାଉଣ୍ଟ ଥିଲା ଏବଂ ଅଗ୍ରୀମ ଭାବରେ ଟ.୫୬୦.୮୩ କୋଟି ବ୍ୟୟ ହୋଇଥିଲା। ଏଥି ମଧ୍ୟରେ ଏସ୍.ସି./ଏସ୍.ଟି. ଆକାଉଣ୍ଟ ସଂଖ୍ୟା ୨୩.୧୧ ଲକ୍ଷ ଥିଲା। ସେମାନଙ୍କ ପାଇଁ ଅଗ୍ରୀମ ଦିଆଯାଇଥିବା ଅର୍ଥ ଟ.୨୮୨.୦୧ କୋଟି।

- **ବିଂଶ ସୂତ୍ରୀ କାର୍ଯ୍ୟକ୍ରମ :** କେନ୍ଦ୍ର ସରକାର ୧୯୭୫ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯେଉଁଥିରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୧୯୮୬ରେ ଏକ ସଂଶୋଧିତ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା, ଯାହା ଏପ୍ରିଲ ୧, ୧୯୮୭ଠାରୁ କାର୍ଯ୍ୟକାରୀ ହେଲା। ଏହାର ୧୧ ନଂ ପଏଣ୍ଟରେ ଏସ୍.ସି./ଏସ୍.ଟି.ଙ୍କୁ ସାମାଜିକ ନ୍ୟାୟ ପ୍ରଦାନ, କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ପବ୍ଲିକ ସେକ୍ଟର ଏବଂ ରାଜ୍ୟ ସରକାରଙ୍କ ନିଯୁକ୍ତି ଏବଂ ସୁବିଧା ସୁଯୋଗରେ ସଂରକ୍ଷଣ ଯୋଗାଇବା ପାଇଁ ନିର୍ଦ୍ଦେଶ ଥିଲା। ଏହା ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।

- **ବେସରକାରୀ ସଂଗଠନ :** ବେସରକାରୀ ସଂଗଠନ ବା ଏନ୍.ଜି.ଓ. ମାନେ ଅନୁସୂଚିତ ଜାତି ଜନଜାତି ବା ଦୁର୍ବଳ ବର୍ଗଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଅନେକ ସର୍ବ ଭାରତୀୟ ସଂଗଠନ ଯେଉଁମାନେ କେନ୍ଦ୍ର କଲ୍ୟାଣ ମନ୍ତ୍ରଣାଳୟରୁ ଅନୁଦାନ ପାଇ ବିଭିନ୍ନ ରାଜ୍ୟରେ ଆଦିବାସୀ ଓ

ହରିଜନ ପରିବାରଙ୍କ କଲ୍ୟାଣ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛନ୍ତି । ୧୯୮୧-୮୨ ଏବଂ ୧୯୮୬-୮୭ରେ ଟ.୪.୧୩ କୋଟି ଅର୍ଥ ବିଭିନ୍ନ ଏନ୍.ଜି.ଓ. ସଂସ୍ଥାମାନେ ଅନୁସୂଚିତ ଜାତିର ବିକାଶ ପାଇଁ ଖର୍ଚ୍ଚ କରିଛନ୍ତି । କେତେ ଗୁଡ଼ିଏ ପ୍ରମୁଖ ସଂସ୍ଥାମାନେ ହେଲେ ହରିଜନ ସେବକ ସଂଘ, ଭାରତୀୟ ରେଡ଼ କ୍ରସ ସୋସାଇଟି, ସରଭ୍ୟାଣ୍ଡ ଅଫ ଇଣ୍ଡିଆନ ସୋସାଇଟି, ହିନ୍ଦ୍ ସୁଇପରସ୍ ସେବକ ସମାଜ ଏବଂ ରାମକୃଷ୍ଣ ମିଶନ । ଅନୁସୂଚିତ ଜାତି କଲ୍ୟାଣ ପାଇଁ ରାଜ୍ୟ ସରକାର ମାନେ ମଧ୍ୟ ବିଭିନ୍ନ ବେସରକାରୀ ଅନୁଷ୍ଠାନ ମାନଙ୍କୁ ଅନୁଦାନ ପ୍ରଦାନ କରିଥାନ୍ତି ।

## ୩.୭ ଅନୁସୂଚିତ ଜାତି ପାଇଁ ବିକାଶ ମୂଳକ କାର୍ଯ୍ୟକ୍ରମ

(କ) **ଅନୁସୂଚିତ ଜାତିର କଲ୍ୟାଣ ପାଇଁ ଜାତୀୟ ଆୟୋଗର ନିଯୁକ୍ତି :** ଏସ୍.ସି., ଏସ୍.ଟି. ମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ଜାତୀୟ ଆୟୋଗ ଗଠନ କରିଛନ୍ତି, ଏହା ଏସ୍.ସି., ଏସ୍.ଟି.ର ବିକାଶ ସହ ଜଡ଼ିତ ପ୍ରସଙ୍ଗ ଏବଂ ନୀତି ଉପରେ ଏକ ପରାମର୍ଶଦାତା ସଂସ୍ଥା ଭାବରେ କାର୍ଯ୍ୟ କରେ ।

(ଖ) **ଶିକ୍ଷାର ବିକାଶ ଓ ସୁଯୋଗ :** ଏସ୍.ସି. ଏବଂ ଏସ୍.ଟି. ପିଲାମାନଙ୍କୁ ମାଗଣା ଶିକ୍ଷା, ମାଗଣା ପୁସ୍ତକ, ଇଉନିଫର୍ମ, ଷ୍ଟେସନାରୀ, ବୃତ୍ତି, ବ୍ୟାଙ୍କ ଋଣ ପ୍ରଦାନ, ମଧ୍ୟାହ୍ନ ଭୋଜନ, ହଷ୍ଟେଲ ସୁବିଧା ଏବଂ ସଂରକ୍ଷଣ ବ୍ୟବସ୍ଥା ଆଦି ସୁବିଧା ଯୋଗାଇବା ସହ ଏହି ଜାତିର ବିକାଶ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ।

**କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ :**

ଉପରୋକ୍ତ ବିଷୟ ଗୁଡ଼ିକ ସହିତ ଏସ୍.ସି., ଏସ୍.ଟି. ଜାତିର ଶିକ୍ଷାର ବିକାଶ ପାଇଁ ନିମ୍ନଲିଖିତ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ରହିଅଛି ।

(କ) ବିଭିନ୍ନ ସେବାରେ ସେମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିବାକୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାଗଣା କୋଚିଂ ଏବଂ ତାଲିମ ।

(ଖ) ବୁକ୍ ବ୍ୟାଙ୍କ ସ୍କିମରେ ମେଡ଼ିକାଲ ଓ ଇଞ୍ଜିନିୟରିଂ ଡ଼ିଗ୍ରୀ ପାଠ୍ୟକ୍ରମ ଅନୁସରଣ କରୁଥିବା ଏସ୍.ସି., ଏସ୍.ଟି. ଛାତ୍ରମାନଙ୍କ ପାଇଁ ଆବଶ୍ୟକ ପାଠ୍ୟ ପୁସ୍ତକ ଯୋଗାଇବା ବ୍ୟବସ୍ଥା ହୋଇଅଛି ।

(ଗ) ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଉଦ୍ଦେଶ୍ୟରେ ମାଟ୍ରିକ ପରବର୍ତ୍ତି ଛାତ୍ରବୃତ୍ତି ପ୍ରଦାନ କରାଯାଉଅଛି ।

(ଘ) କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ହଷ୍ଟେଲର ସୁବିଧା ପ୍ରଦାନ କରାଯାଏ ।

(ଙ) ଆର୍ଥିକ ସହାୟତା ମାଧ୍ୟମରେ ବିଭିନ୍ନ ଗବେଷଣା ସଂସ୍ଥାରେ ଏସ୍.ସି./ଏସ୍.ଟି. ଛାତ୍ରଛାତ୍ରୀ ମାନଙ୍କୁ ଗବେଷଣା କରିବା ସୁଯୋଗ ପ୍ରଦାନ କରାଯାଏ ।

(ଚ) ଉଚ୍ଚତର ଶିକ୍ଷା, ଗବେଷଣା, ପି.ଏଚ୍.ଡ଼ି. ଡ଼ିଗ୍ରୀ ପାଇଁ ବା ବିଜ୍ଞାନ ଓ ଇଞ୍ଜିନିୟରିଂ ଉଚ୍ଚତର ଡ଼ିଗ୍ରୀ ପାଇଁ ବିଦେଶ ଯାତ୍ରା ନିମନ୍ତେ ଏସ୍.ସି./ଏସ୍.ଟି. ଛାତ୍ରଛାତ୍ରୀ ମାନଙ୍କୁ ବୃତ୍ତି ପ୍ରଦାନ କରାଯାଏ ।

## ଅର୍ଥନୈତିକ ସୁଯୋଗର ବିସ୍ତାର :

ବିଭିନ୍ନ ଅର୍ଥନୈତିକ ସଂସ୍କାର ମଧ୍ୟରେ ଭୂମିହୀନ ଶ୍ରମିକ ମାନଙ୍କୁ ଜମି ବଣ୍ଟନ କରାଯାଇଛି । ସେମାନଙ୍କ ଜମି ମାଲିକାନାର ଲାଭ ପାଇଁ ଜମି ସଂସ୍କାର କରାଯାଇଛି । କୃଷି ଉପକରଣ, ସାର, କୀଟନାଶକ, ସୁଧ ମୁକ୍ତ ଋଣ, ଦୁଗ୍ଧ ଚାଷ, କୁକୁଡ଼ା ଚାଷ, ପଶୁପାଳନ, ହସ୍ତତନ୍ତ, ବୁଣାକାର ବିକାଶ ପାଇଁ ବ୍ୟବସ୍ଥାମାନ କରାଯାଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ଆର୍ଥିକ ବିକାଶ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

## ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଏସ୍.ସି.ଙ୍କ କଲ୍ୟାଣ କାର୍ଯ୍ୟକ୍ରମ :

ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଅଛି । ଯୋଜନାଠାରୁ ଯୋଜନା ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଅର୍ଥ ବିନିଯୋଗ ହେବାର ଲକ୍ଷ୍ୟ ରଖା ଯାଇଛି । ପଞ୍ଚବାର୍ଷିକ ଯୋଜନା ସମୟରେ ଅନୁସୂଚିତ ଜାତିର ବିକାଶ ପାଇଁ କେନ୍ଦ୍ର ସରକାର ଏକ ବିସ୍ତୃତ ତ୍ରିସ୍ତରୀୟ ରଣନୀତି ପ୍ରାୟୋଜିତ କରିଛନ୍ତି । ଏଥିରେ ତିନୋଟି ଯୋଜନା କାର୍ଯ୍ୟ କରୁଅଛି ।

(କ) ସ୍ୱତନ୍ତ୍ର ଉପାଦାନ ଯୋଜନା (ଏସ୍.ସି.ପି.) ଏହି ଯୋଜନାର ମୂଳ ଲକ୍ଷ୍ୟ ହେଲା, ଏସ୍.ସି. ପରିବାର ଗୁଡ଼ିକ ସେମାନଙ୍କର ଆୟକୁ ବହୁଗୁଣିତ କରିବା ସହିତ ଆର୍ଥିକ ସ୍ଥିତିର ସୁଧାର ଆଣିବା ।

(ଖ) ଅନୁସୂଚିତ ଜାତି ବିକାଶ ନିଗମ (ଏସ୍.ସି.ଡ଼ି.ସି.) ୧୮ଟି ରାଜ୍ୟ ଓ ତିନୋଟି କେନ୍ଦ୍ର ଶାସିତ ଅଂଚଳରେ ଗଠନ କରାଯାଇଛି । ଏହି ନିଗମ ଅନୁସୂଚିତ ଜାତିର ପରିବାରକୁ ଆର୍ଥିକ ସହାୟତା ବା ଋଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ, ଆର୍ଥିକ ସେବା ଯୋଗାଉଥିବା ସଂସ୍ଥା ମାନଙ୍କ ସହିତ ଯୋଗାଯୋଗ କରାଇବାରେ ସାହାଯ୍ୟ କରେ ।

## ଅନ୍ୟାନ୍ୟ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ :

(କ) ଅନୁସୂଚିତ ଜାତିର ଲୋକମାନେ ବସବାସ କରୁଥିବା ଅଂଚଳରେ କୂପ ବା ନଳକୂପ ଖନନ ଦ୍ୱାରା ପାନୀୟ ଜଳ ଯୋଗାଣ ନିମନ୍ତେ ଯୋଜନାମାନ ପ୍ରସ୍ତୁତ ହୋଇଅଛି ।

**(ଖ) ସ୍ୱାସ୍ଥ୍ୟ ସେବା :** ମାଗଣା ଔଷଧ ପାଇବା ସହିତ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ପ୍ରତ୍ୟେକ ସରକାରଙ୍କ ପ୍ରମୁଖ ଭୂମିକା ରହିଅଛି । ଏଥିପାଇଁ ଅନୁସୂଚିତ ଜାତିର ପରିବାରଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ପ୍ରତ୍ୟେକ ସରକାର ତତ୍ପର ଅଟନ୍ତି ।

**(ଗ) ଜନତା ଘର :** ଅନୁସୂଚିତ ଜାତିର ପରିବାରକୁ ସ୍ୱଳ୍ପ ମୂଲ୍ୟର ଘର ଯୋଗାଇବା ପାଇଁ ବିଭିନ୍ନ ରାଜ୍ୟ ସରକାର ଯୋଜନାମାନ ପ୍ରସ୍ତୁତ କରିଥାନ୍ତି । କର୍ଣ୍ଣାଟକ ଓ ତାମିଲନାଡୁରେ ଏହି ଯୋଜନାକୁ 'ଜନତା ଘର' ବୋଲି କୁହାଯାଏ । ଯେପରିକି ଓଡ଼ିଶାରେ ବିଜୁ ପକ୍କାଘର ଓ ମୋ କୁଡ଼ିଆ ଯୋଜନା ଅଟେ ।

**(ଘ) ବନ୍ଧନ ଶ୍ରମିକରୁ ମୁକ୍ତି :** ବହୁ ବର୍ଷ ଧରି ଅନୁସୂଚିତ ଜାତିର ଲୋକମାନେ ମାଲିକଙ୍କ ପାଖରେ ଶ୍ରମିକ ଭାବରେ କାମ କରିବା ସହ ନିଜର ଋଣ ଶୁଝିବା ପର୍ଯ୍ୟନ୍ତ ବନ୍ଧକ ଭାବରେ ରହିଥାନ୍ତି । ୧୯୮୩ ମସିହାରେ

କେନ୍ଦ୍ର ସରକାରଙ୍କ ସହାୟତାରେ ପ୍ରାୟ ୧.୧୩ ଲକ୍ଷ ପରିବାରକୁ ମୁକ୍ତି ପ୍ରଦାନ କରାଯାଇଥିଲା ।

(ଙ) ବହୁଦିନ ଧରି ଦଳିତ ଶ୍ରେଣୀର ଲୋକମାନେ ପାଇଖାନା ସଫା କରିବା ବା ମେହେନ୍ତର ଭାବେ କାମ କରି ଆସୁ ଥିଲେ । ସୁଲଭ ଶୌଚାଳୟ ପ୍ରତିଷ୍ଠା କରାଯାଇ ସେମାନଙ୍କୁ ସେ କାର୍ଯ୍ୟରୁ ବିରତି ଦିଆଯାଇଅଛି ।

(ଚ) ବାବା ସାହେବ ଆମ୍ବେଦକର ପ୍ରତିଷ୍ଠାନ ୧୯୯୨ ମାର୍ଚ୍ଚ ୨୪ ତାରିଖରେ ପ୍ରତିଷ୍ଠା ହୋଇ ଚାରୋଟି ଯୋଜନା କାର୍ଯ୍ୟ କରି ଆସୁଅଛି ।

(କ) ଡଃ. ଆମ୍ବେଦକର ଜାତୀୟ ସର୍ବସାଧାରଣ ପାଠାଗାର

(ଖ) ଡଃ. ଆମ୍ବେଦକର ପୁରସ୍କାର

(ଗ) ଡଃ. ଆମ୍ବେଦକର ପ୍ରବାସୀ ବୃତ୍ତି

(ଘ) ବିଶ୍ୱବିଦ୍ୟାଳୟରେ ଆମ୍ବେଦକର ଚେୟାର

ଏତଦ୍‌ବ୍ୟତୀତ ଅନେକ ସ୍ୱେଚ୍ଛାସେବୀ ସଂଗଠନ ମାନେ ମଧ୍ୟ ଅନୁସୂଚିତ ଜାତିର ସାମାଜିକ ଓ ଅର୍ଥନୈତିକ ଉତ୍‌ଥାନ ନିମନ୍ତେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ଅନୁଦାନ ପାଣ୍ଠିର ସୁବିନିଯୋଗ କରିବା ସହିତ ସଚେତନ ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ପ୍ରଚେଷ୍ଟା ଚାଲିଅଛି ।

## ୩.୮ ଅନୁସୂଚିତ ଜନଜାତି

ଆଦିବାସୀ ସମାଜର ଏକ ଅନନ୍ୟ ଓ ସ୍ୱତନ୍ତ୍ର ଅସ୍ତିତ୍ୱ ସମାଜରେ ରହିଛି । ଶତାବ୍ଦୀ ଧରି ସେମାନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଲେ ଏବଂ ସେମାନଙ୍କର ପ୍ରାକୃତିକ ପରିବେଶରେ ବଞ୍ଚି ରହିଲେ । ସମାଜ ବିଜ୍ଞାନୀ, ପ୍ରଶାସକ, ତଥା ଗବେଷକ ମାନେ ସେମାନଙ୍କର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ଜୀବନ ଶୈଳୀକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଛନ୍ତି । ଉପନିବେଶକାରୀ ପ୍ରଶାସକମାନେ ପ୍ରାରମ୍ଭରୁ ଜନଜାତିର ବିକାଶ ପାଇଁ ଦୃଷ୍ଟି ଦେଇ ଆସିଥିଲେ । ସ୍ୱାଧୀନତା ପରଠାରୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମାନେ ଆଦିବାସୀ ସଂପ୍ରଦାୟର ଉନ୍ନତି ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରି ଆସିଛନ୍ତି । ତଥାପି ଆଦିବାସୀ ମାନଙ୍କ ବିକାଶମୂଳକ ଦିଗକୁ ବୁଝିବା ପାଇଁ ଏକ ପୂର୍ବ ଆବଶ୍ୟକତା ଭାବରେ, ଆଦିବାସୀ ସାମାଜିକ ଗଠନର ମୌଳିକ ଉପାଦାନ ଗୁଡ଼ିକ ସହିତ ପରିଚିତ ହେବାର ଆବଶ୍ୟକତା ରହିଛି ।

- **ଜନଜାତିର ଧାରଣା :** ଜନଜାତିର ଧାରଣା ତତ୍ତ୍ୱ ହେଉଛି ଏକ ନୃତାତ୍ତ୍ୱିକ ଶବ୍ଦ, ଏହାକୁ କେତେକ ଲେଖକ ମାନେ ଆନିମିଷ୍ଟିକ ବା ଆଦିବାସୀ ବୋଲି କୁହନ୍ତି । ଆଦିବାସୀ ମାନେ ଅର୍ଦ୍ଧ ସଭ୍ୟ ଲୋକ ଭାବରେ ପାହାଡ଼, ଜଙ୍ଗଲରେ ବାସ କରନ୍ତି । ଜୀବିକା ଅର୍ଜନ ପାଇଁ କୃଷି କରନ୍ତି । ଏକ ଜନଜାତି ସାଧାରଣତଃ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର, ଉପଭାଷା, ସାଂସ୍କୃତିକ ଏକତା ଏବଂ ଏକୀକୃତ ସାମାଜିକ ବ୍ୟବସ୍ଥା ସହିତ ଏକ ଗୋଷ୍ଠୀ ଭାବରେ ବସବାସ କରନ୍ତି । ବର୍ତ୍ତମାନ ଯେହେତୁ ଦେଶର ବିଭିନ୍ନ ସ୍ଥାନରେ ବାସ କରୁଥିବା ଆଦିବାସୀ ସଂପ୍ରଦାୟ ସାମାଜିକ, ଅର୍ଥନୈତିକ ବିକାଶର ବିଭିନ୍ନ ସ୍ତରରେ ପହଞ୍ଚିଛନ୍ତି ସେମାନଙ୍କ ମଧ୍ୟରେ କମ୍ ଅଛନ୍ତି ଉପରୋକ୍ତ ପରିଭାଷାରେ ଆବଶ୍ୟକତାକୁ କଠୋର ଭାବରେ ପୂରଣ କରୁଛନ୍ତି । କେରଳର କାଟୁନାୟାକାନ ଭଳି

ଆଦିବାସୀମାନେ ଆଜିବି ପଛୁଆ ହୋଇ ରହିଛନ୍ତି । ଏବେ ବି ସେମାନେ ଶିକାର କରିବା, ମାଛ ଧରିବା, ବୁଲି ବୁଲି ଖାଦ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି । ଅନ୍ୟ ପକ୍ଷରେ ମେଘାଳୟରେ ଖାସି ଏବଂ ଲୁଶାଇ ସଂପ୍ରଦାୟର ଆଦିବାସୀମାନେ ଆର୍ଥିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ଉନ୍ନତ ଅଟନ୍ତି । ପଶ୍ଚିମ ବଙ୍ଗର ଭୂମିଜ, ଗୁଜରାଟର ଧୋଡ଼ିଆ କିମ୍ବା ରାଜସ୍ଥାନର ମୀନା ଭଳି ଆଦିବାସୀମାନେ ପଡ଼ୋଶୀ ମାନଙ୍କ ଠାରୁ ବା ଅନ୍ୟ ବର୍ଗର ଲୋକ ମାନଙ୍କଠାରୁ କୌଣସି କ୍ଷେତ୍ରରେ କମ୍ ନୁହନ୍ତି । ସେମାନଙ୍କ ଜୀବନଶୈଳୀ ବହୁ ଉନ୍ନତ । ଏହା ସତ୍ତ୍ୱେ ଉପରୋକ୍ତ ପରିଭାଷାରେ ସୂଚିତ ହୋଇଥିବା ବଶିଷ୍ଟ ଗୁଡ଼ିକ ଏହାକୁ ସାଧାରଣ ବର୍ଗଙ୍କଠାରୁ ଭିନ୍ନ ପରିଚୟ ବା ସ୍ୱତଃ ପରିଚୟ ଦେଇଥାଏ ।

- **ଅନୁସୂଚିତ ଜନଜାତି :** ଏହା ଏକ ସାମ୍ବିଧାନିକ ତତ୍ତ୍ୱ ଯାହା ପ୍ରଶାସନିକ ଧାରଣା ଭାବରେ ବ୍ୟବହୃତ । ଏହା ଏକ ଆଦିବାସୀ ସଂପ୍ରଦାୟକୁ ବୁଝାଯାଏ, ଯାହା ଭାରତୀୟ ସମ୍ବିଧାନର ଧାରା ୩୪୨ ଅନୁଯାୟୀ ତାଲିକାଭୁକ୍ତ । ଭାରତୀୟ ସମ୍ବିଧାନ ଅନୁଯାୟୀ ଏକ ଗୋଷ୍ଠୀକୁ ଅନୁସୂଚିତ ଜନଜାତି ଭାବରେ ନିର୍ଦ୍ଦିଷ୍ଟ କରାଯାଇପାରିବ କିନ୍ତୁ ସେହି ସମୟରେ ଆଦିବାସୀ ଶବ୍ଦ କୌଣସି ସ୍ଥାନରେ ବାଖ୍ୟା ହୋଇ ନାହିଁ । ସମ୍ବିଧାନର ଧାରା ୩୪୨ ଅନୁଯାୟୀ "ରାଷ୍ଟ୍ରପତି ଯେ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳର ରାଜ୍ୟପାଳ ବା ଉପରାଜ୍ୟପାଳଙ୍କ ସହିତ ପରାମର୍ଶ କରିବା ପରେ ଜନ ବିଜ୍ଞପ୍ତି ଦ୍ୱାରା ଜନଜାତି ବା ଅନୁସୂଚିତ ଜନଜାତି ଭାବରେ ଯେ କୌଣସି ସଂପ୍ରଦାୟକୁ ଘୋଷଣା କରିପାରନ୍ତି ।" ଅନ୍ୟ ଅର୍ଥରେ ଅଣ ଆଦିବାସୀ ଜାତି କିମ୍ବା ସଂପ୍ରଦାୟ ଅନୁସୂଚିତ ଜନଜାତି ଭାବରେ ନିର୍ଦ୍ଦିଷ୍ଟ ହେବା ପାଇଁ ଯୋଗ୍ୟ ନୁହଁନ୍ତି । ଅନୁସୂଚିତ ଜନଜାତି ଭାବରେ ଆଦିବାସୀମାନଙ୍କୁ ଚିହ୍ନଟ କରିବା ପାଇଁ ଅନେକ ସମସ୍ୟା ଥିବା ସତ୍ତ୍ୱେ, ଦେଶର ନୀତି ନିର୍ମାତା ଯୋଜନା ପ୍ରସ୍ତୁତକାରୀ ପ୍ରଶାସକଙ୍କ ମଧ୍ୟରେ ଆଦିବାସୀ ସଂପ୍ରଦାୟର ସାମାଜିକ, ଅର୍ଥନୈତିକ ଓ ଶିକ୍ଷାଗତ ସମସ୍ୟା ଏବଂ ପ୍ରତିବନ୍ଧକ ପ୍ରତି ସଚେତନତା ଏବଂ ସେମାନଙ୍କର ବିକାଶ ପାଇଁ ଆନ୍ତରିକ ଇଚ୍ଛା ଶକ୍ତି ରହିଛି । ଉନ୍ନତି ମୂଳକ ପଦକ୍ଷେପ ପ୍ରଣୟନ କରିବା ପୂର୍ବରୁ ସେମାନଙ୍କ ଅଭିବୃଦ୍ଧି ଓ ବିକାଶ ପାଇଁ ଆବଶ୍ୟକ ଯତ୍ନ ଓ ସୁରକ୍ଷା ପାଇଁ ଆଦିବାସୀ ସଂପ୍ରଦାୟର ଏକ ତାଲିକା ପ୍ରସ୍ତୁତ ହେବାର ଆବଶ୍ୟକତା ଅଛି । ଏହି ପରିପ୍ରେକ୍ଷୀରେ ୧୯୩୧ ମସିହାରେ ପ୍ରଥମ ତାଲିକା "ଆଦିମ ଅଧିବାସୀ" ନାମରେ ପ୍ରକାଶ ପାଇଥିଲା । ପରବର୍ତ୍ତି ସମୟରେ ଭାରତ ସରକାରଙ୍କ ଅଧିନିୟମ ୧୯୩୫ ଅନୁଯାୟୀ "ପଛୁଆ ଜନଜାତିର" ଏକ ତାଲିକା ନିର୍ଦ୍ଦିଷ୍ଟ କରାଯାଇଥିଲା । ସମ୍ବିଧାନରେ ଲିଖିତ ଅନୁସୂଚିତ ଜନଜାତି, ୧୯୩୫ ତାଲିକା ସହିତ ଆଉ କିଛି ପଛୁଆ ଜନଜାତିର ନାମକୁ ଯୋଡ଼ି ଦିଆଯାଇଛି ।

ଅନୁସୂଚିତ ଜନଜାତି ପ୍ରାୟତଃ ପାହାଡ଼ିଆ ଅଂଚଳରେ ପୃଥକ ପୃଥକ ଭାବରେ ବାସ କରିଥାନ୍ତି । ଯେଉଁମାନେ ସମତଳ ଅଂଚଳରେ ବାସ କରନ୍ତି, ସେମାନେ ସାଧାରଣ ବସତିଠାରୁ ଦୂରରେ ପୃଥକ ଭାବରେ ରହି ନିଜସ୍ୱ ଜୀବିକା ଅର୍ଜନରେ ବ୍ୟସ୍ତ ରୁହନ୍ତି । ଯେ କୌଣସି ଧର୍ମ ଅନ୍ତର୍ଗତ ହୋଇପାରନ୍ତି । ସେମାନଙ୍କର ଭିନ୍ନ ଜୀବନଶୈଳୀ ପାଇଁ ଅନୁସୂଚିତ ଜନଜାତି ଭାବରେ ତାଲିକାଭୁକ୍ତ ହୋଇଥାନ୍ତି । ସେହିଭଳି ଅନୁସୂଚିତ ଜାତି ଓ ଜନଜାତି ତାଲିକାର ପୁନଃ ବିଚାର ପାଇଁ ଉପଦେଷ୍ଟା କମିଟି, ଲୋକୁର କମିଟି ଭାବରେ ଜଣାଶୁଣା, ଯାହାକି ଜନଜାତି ତାଲିକା ନିମନ୍ତେ କୌଣସି ସଂପ୍ରଦାୟର ପ୍ରାଥମିକ ଗୁଣ, ଚାଲି ଚଳନ, ପରମ୍ପରା, ଭୌଗଳିକ ବିଚ୍ଛିନ୍ନତା, ସଂସ୍କୃତି ଇତ୍ୟାଦି ବିଷୟ

ବସ୍ତୁକୁ ବିଚାର କରିଥାନ୍ତି। ଅନୁସୂଚିତ ଜନଜାତି ଭାବରେ ଏକ ଗୋଷ୍ଠୀର ଯୋଗ୍ୟତା ପରୀକ୍ଷା କରିବା ପାଇଁ ନିମ୍ନଲିଖିତ ମାନଦଣ୍ଡ ପୂରଣ କରିବା ଉଚିତ୍।

(କ) ଏହାର ସ୍ୱତନ୍ତ୍ର ଭାଷା, ଧାର୍ମିକ ବିଶ୍ୱାସ ସଂସ୍କୃତି ରହିବା ଉଚିତ ଯାହା ପ୍ରାଥମିକ ଭାବରେ ବିବେଚିତ ହେବା ପାଇଁ ଯୋଗ୍ୟ ଏବଂ ଗ୍ରହଣୀୟ ହେବ।

(ଖ) ଯଦି ଏହା ଅନ୍ୟ ଜାତି କିମ୍ବା ସଂପ୍ରଦାୟର ନିକଟବର୍ତ୍ତି ସ୍ଥାନରେ ବାସ କରନ୍ତି, ସେମାନଙ୍କ ସହିତ ଅନୁକରଣ କରିବା ଉଚିତ୍ ନୁହେଁ।

(ଗ) ଉଭୟ ଶିକ୍ଷାଗତ ଓ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ପଛୁଆ ହୋଇଥିବେ।

## ଅନୁସୂଚିତ ଜନଜାତିର ସାମ୍ବିଧାନିକ ସ୍ଥିତି :

ଅନୁସୂଚିତ ଜନଜାତିର ସୁରକ୍ଷା ଏବଂ ଉନ୍ନତି ପାଇଁ ସମ୍ବିଧାନ କେତେ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଅଛି। ଅନୁସୂଚିତ ଅଂଚଳ ଏବଂ ଏହାର ଗୁରୁତ୍ୱ ମଧ୍ୟ ଆଲୋଚନା କରିବାର ଆବଶ୍ୟକତା ଅଛି। ଏହି ନିର୍ଦ୍ଧାରିତ ଅଂଚଳରେ ଆଦିବାସୀମାନେ ବହୁ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରିବା ପାଇଁ ସମ୍ବିଧାନ ସୁଯୋଗ ପ୍ରଦାନ କରିଅଛି।

ସମ୍ବିଧାନର ଧାରା ୪୬ରେ ଅନ୍ତର୍ଭୁକ୍ତ ଡିରେକ୍ଟିଭ୍ ପ୍ରିନ୍ସିପିଲ୍ସ ବା ନିର୍ଦ୍ଦେଶନାମାର କାର୍ଯ୍ୟକାରିତାକୁ ସୁଗମ ଯାହା ସୁଗମ କରିଥାଏ ତାହା ନିମ୍ନମତେ ପଠନ କରାଯାଏ :-

"ଦୁର୍ବଳ ବର୍ଗର ଲୋକ ତଥା ବିଶେଷ ଭାବରେ ଅନୁସୂଚିତ ଜାତି ଓ ଜନଜାତିର ଶିକ୍ଷାଗତ ତଥା ଅର୍ଥନୈତିକ ସ୍ୱାର୍ଥକୁ ରାଜ୍ୟ ବିଶେଷ ଯତ୍ନ ସହ ପ୍ରୋତ୍ସାହିତ କରିବା ସହିତ, ସେମାନଙ୍କୁ ସାମାଜିକ ଅନ୍ୟାୟ ତଥା ସମସ୍ତ ପ୍ରକାର ଶୋଷଣରୁ ମୁକ୍ତ କରିବା ପାଇଁ ଯତ୍ନଶୀଳ ହେବା ଉଚିତ୍।

ସମ୍ବିଧାନରେ ପ୍ରଦାନ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ଧାରା ୪୬-ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ଦୁର୍ବଳ ବର୍ଗଙ୍କ ପାଇଁ ଶିକ୍ଷାଗତ ତଥା ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ରାଜ୍ୟଦ୍ୱାରା ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ଧାରା ୨୪୪, ଅନୁସୂଚିତ ଅଂଚଳ ଏବଂ ଆଦିବାସୀ କ୍ଷେତ୍ରର ପ୍ରଶାସନ ଓ ବିକାଶ।

ଧାରା ୨୭୫-କେନ୍ଦ୍ରରୁ ରାଜ୍ୟକୁ ସ୍ୱତନ୍ତ୍ର ଅନୁଦାନ।

ଧାରା ୩୩୦- ଲୋକସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ଆସନ ସଂରକ୍ଷଣ।

ଧାରା ୩୩୨- ରାଜ୍ୟର ବିଧାନସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ଆସନ ସଂରକ୍ଷଣ।

ଧାରା ୩୩୫- ବିଭିନ୍ନ ନିଯୁକ୍ତି ଓ ପଦପଦବୀରେ ସଂରକ୍ଷଣ ସୁବିଧା।

ଧାରା ୩୩୮- ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି।

ଧାରା ୩୩୯- ଅନୁସୂଚିତ ଅଂଚଳର ପ୍ରଶାସନ ଓ ଅନୁସୂଚିତ ଜନଜାତିର କଲ୍ୟାଣ ଉପରେ କେନ୍ଦ୍ରର ନିୟନ୍ତ୍ରଣ।

ଧାରା ୧୬୪- ବିହାର, ମଧ୍ୟପ୍ରଦେଶ ଓ ଓଡ଼ିଶା ରାଜ୍ୟରେ ଯେଉଁଠାରେ ଅନୁସୂଚିତ ଜନଜାତିର ଲୋକମାନେ ଅଧିକ ସଂଖ୍ୟାରେ ବସବାସ କରନ୍ତି, ସେମାନଙ୍କ ବିକାଶ ଓ କଲ୍ୟାଣକୁ ଦୃଷ୍ଟିରେ ରଖି ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଅଛି।

ଧାରା ୨୭୫- ଅନୁସୂଚିତ ଅଂଚଳ ଓ ରାଜ୍ୟ ଗୁଡ଼ିକର ଆଦିବାସୀମାନଙ୍କର ପ୍ରଶାସନ ଏବଂ କଲ୍ୟାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ।

ସମ୍ବିଧାନ ଧାରା ୩୩୮ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଜଣେ କମିଶନର ନିଯୁକ୍ତି କରାଯାଏ, ଯେକି ସମ୍ବିଧାନ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ଏହି ସଂପ୍ରଦାୟଙ୍କ ନିକଟରେ ପହଞ୍ଚେ କି ନାହିଁ ସମୀକ୍ଷା କରିବା ସହିତ ରାଷ୍ଟ୍ରପତି ମହୋଦୟଙ୍କୁ ରିପୋର୍ଟ ପ୍ରଦାନ କରନ୍ତି।

## ଅନୁସୂଚିତ ଅଂଚଳ :

ଆନ୍ଧ୍ର ପ୍ରଦେଶ, ବିହାର, ଗୁଜୁରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ହିମାଚଳ ପ୍ରଦେଶ ଓ ରାଜସ୍ଥାନରେ "ଅନୁସୂଚିତ ଅଂଚଳ" ଘୋଷିତ ହୋଇଅଛି। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଅନୁସୂଚିତ ଅଂଚଳର ବିକାଶ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଗୁଡ଼ିକର ପରିଚାଳନା କରିବାର ଦାୟିତ୍ୱ ବହନ କରନ୍ତି। ରାଜ୍ୟ ସରକାର ଆଦିବାସୀ ଅଂଚଳର ସଂପ୍ରସାରଣ ନିମନ୍ତେ ଉଦ୍ଦିଷ୍ଟ ନିୟମ ଗୁଡ଼ିକ ସମୀକ୍ଷା କରି ଅନାବଶ୍ୟକ ନିୟମାବଳୀକୁ ବାଦ ଦେଇ ପାରନ୍ତି। ଆଦିବାସୀ ଅଂଚଳରେ ଜମିର ସୁରକ୍ଷା ପାଇଁ ତଥା ଶୋଷଣ ରୋକିବା ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରିବା ମଧ୍ୟ ରାଜ୍ୟ ସରକାର ଉପରେ ନିର୍ଭର କରେ। ଅନୁସୂଚିତ ଅଂଚଳର ପ୍ରଶାସନ ସଂପର୍କରେ କେନ୍ଦ୍ର ସରକାର ନିର୍ଦ୍ଦେଶନାମା ପ୍ରଦାନ କରନ୍ତି। ଆଦିବାସୀ ସଂପ୍ରଦାୟର ଜୀବନଶୈଳୀରେ ଉନ୍ନତି ପାଇଁ ସେମାନଙ୍କ କଲ୍ୟାଣ ସହ ଜଡ଼ିତ ବିଷୟ ଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ଅଛି।

ଅନୁସୂଚିତ ଅଂଚଳ ଘୋଷିତ ରାଜ୍ୟର ରାଜ୍ୟପାଳମାନେ ପଞ୍ଚମ ପରିଚ୍ଛେଦ ଅନୁଯାୟୀ ଆବଶ୍ୟକ ହେଲେ କେନ୍ଦ୍ର ଓ ରାଜ୍ୟ ପ୍ରସ୍ତୁତ କରିଥିବା ଆଇନର ସମୀକ୍ଷା କରି ସଂଶୋଧନ କରି ପାରନ୍ତି। ଆଦିବାସୀ ଅଂଚଳର ସୁରକ୍ଷା ପାଇଁ ଆବଶ୍ୟକ ନିୟମାବଳୀ ମଧ୍ୟ ପ୍ରସ୍ତୁତ କରିପାରନ୍ତି। ପଞ୍ଚମ ପରିଚ୍ଛେଦର ପାରା ୫ ଅନୁଯାୟୀ ରାଜ୍ୟପାଳ ପ୍ରତିବର୍ଷ ଏକ ବାର୍ଷିକ ବିବରଣୀ ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରଣ କରିଥାନ୍ତି। ପାରା ୪ ଅନୁଯାୟୀ ଆଦିବାସୀ ପରାମର୍ଶଦାତା ପରିଷଦ ଗଠନ କରାଯାଇଛି। ଯେଉଁମାନେ ଅନୁସୂଚିତ ଜନଜାତିର କଲ୍ୟାଣ ତଥା ସୁରକ୍ଷା ସହ ଜଡ଼ିତ ତଥ୍ୟର ପରାମର୍ଶ ରାଜ୍ୟପାଳଙ୍କୁ ଦେଇଥାନ୍ତି। ଏହି ପରିଷଦର ତିନି ଚତୁର୍ଥାଂଶ ସଭ୍ୟ ସଂଖ୍ୟା ଅନୁସୂଚିତ ଜନଜାତିର ହୋଇଥିବା ଆବଶ୍ୟକ ଅଟେ।

## ଆଦିବାସୀ କ୍ଷେତ୍ରଗୁଡ଼ିକରେ ସାମାଜିକ ଓ ରାଜନୈତିକ ସ୍ୱାଧୀନତା :

ଧାରା ୨୪୪(୨) ଏବଂ ୨୭୫(୧) ସହିତ ସଂଲଗ୍ନ ସମ୍ବିଧାନର ଷଷ୍ଠ ସୂଚୀ ଆସାମର ଆଦିବାସୀ ଅଂଚଳକୁ ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତା ପ୍ରଦାନ କରିଥାଏ। ଯଥାକ୍ରମେ ଜିଲ୍ଲା ପରିଷଦ ଏବଂ ଆଞ୍ଚଳିକ ପରିଷଦ ସହିତ ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂ ଶାସିତ ଅଂଚଳ ଗଠନ ମାଧ୍ୟମରେ

ଏହା ହାସଲ କରାଯାଇଛି । ଏହି ପରିଷଦ ଗୁଡ଼ିକ ଜମି ଆବଣ୍ଟନ ଜଙ୍ଗଲ ଓ କେନାଲ ଜଳର ବ୍ୟବହାର, ପରିବର୍ତ୍ତିତ ଚାଷର ନିୟମାବଳୀ, ଗ୍ରାମ କିମ୍ବା ଟାଉନ କମିଟି ଗଠନ ଏବଂ ସେମାନଙ୍କର କ୍ଷମତା, ବିବାହ ଏବଂ ଅନ୍ୟାନ୍ୟ ସାମାଜିକ ରୀତିନୀତି ସମ୍ବନ୍ଧୀୟ ଆଇନ ପ୍ରସ୍ତୁତ କରିଥାନ୍ତି । ସେମାନେ ମଧ୍ୟ ସାମାଜିକ ରୀତିନିତିକୁ ଲକ୍ଷ୍ୟ ରଖି ଅଲ ଇଣ୍ଡିଆ ସିଭିଲ ଏବଂ ପେନାଲ କୋର୍ଡ଼ ଅନୁଯାୟୀ ନ୍ୟାୟ ପ୍ରଦାନ କରନ୍ତି । ସେମାନେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିପାରିବେ ଏବଂ ଜମି ରାଜସ୍ୱ ଆକଳନ କରି ଟିକସ ଲଗାଇ ପାଣ୍ଠି ସଂଗ୍ରହ କରି ପାରିବେ । ଏହି ପରିଷଦ ଗୁଡ଼ିକ ଖଣିଜ ପଦାର୍ଥ ବାହାର କରିବା ଉଦ୍ଦେଶ୍ୟରେ ଲାଇସେନ୍ସ ପ୍ରଦାନ କରନ୍ତି । ଅର୍ଥଲଗାଣ ସଂସ୍ଥା ତଥା ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକ୍ରମ ଗୁଡ଼ିକୁ ତଦାରଖ କରିବା ସହିତ ବିଭିନ୍ନ ଆଇନର ସୁରକ୍ଷା ପ୍ରତି ଧ୍ୟାନ ଦେବା ଏହି ପରିଷଦ ଗୁଡ଼ିକର କାର୍ଯ୍ୟ ଅଟେ । ଅତୀତରେ ମଧ୍ୟ ଆଦିବାସୀ ଅଂଚଳରେ ଏମିତି ଅନେକ ପରିଷଦ ଥିଲା ଏବଂ ସେଗୁଡ଼ିକ ବହୁତ ଶକ୍ତିଶାଳୀ ଅନୁଷ୍ଠାନ ଥିଲା । ଅରୁଣାଚଳ ପ୍ରଦେଶରେ ଯେଉଁଠାରେ ଆଦିବାସୀ ପରିଷଦ ଆସାମ ସୀମାନ୍ତ ଏବଂ ଆଡ଼ମିନିଷ୍ଟ୍ରେସନ ଅଫ ଜଷ୍ଟିସ (୧୯୪୫ ନିୟାମକ)ର ସାଧାରଣ ଫ୍ରେମ ୱାର୍କ ଢ଼ାଞ୍ଚାରେ କାର୍ଯ୍ୟ କରନ୍ତି, ଏହି ପାରମ୍ପରିକ ପରିଷଦ ଗୁଡ଼ିକ ବହୁତ ଶକ୍ତିଶାଳୀ । ନାଗାଲାଣ୍ଡରେ ଗ୍ରାମ ପରିଷଦ, ଜଙ୍ଗଲ ପରିଷଦ, ଆଦିବାସୀ ପରିଷଦକୁ ସ୍ୱିକୃତୀ ମିଳିଛି, ଯେଉଁମାନେ ପ୍ରଶାସନ, ବିକାଶ ମୂଳକ କାର୍ଯ୍ୟରେ ସାମିଲ ହେବା ସହିତ ନିୟମ ଉଲଂଘନ କରୁଥିବା ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କରି ପାରିବେ ।

## ୩.୯ ବିକାଶର ରଣନୀତି

ସ୍ୱାଧୀନତା ପରବର୍ତ୍ତି ଭାରତରେ ଅନୁସୂଚିତ ଜନଜାତିର ଉନ୍ନତି ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଅଛି । ସ୍ୱାଧୀନତା ପରଠାରୁ ଦେଶ ଯୋଜନାବଦ୍ଧ ବିକାଶ ମାଧ୍ୟମରେ ଯଥେଷ୍ଟ ଅଗ୍ରଗତି ଓ ସମୃଦ୍ଧତା ହାସଲ କରିଛି । ପ୍ରଥମ ପାଞ୍ଚବର୍ଷ ଯୋଜନା ୧୯୫୨ ମସିହାରେ ଆରମ୍ଭ କରାଯାଇଥିଲା । ଯେହେତୁ ଭାରତରେ ଅଧିକାଂଶ ଜନସଂଖ୍ୟା ଗ୍ରାମରେ ଅବସ୍ଥିତ, ପ୍ରତ୍ୟେକ ପାଞ୍ଚ ବର୍ଷରେ ଯୋଜନା ଗୁଡ଼ିକରେ ଗ୍ରାମାଞ୍ଚଳର ପୁନଃ ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆ ହୋଇ ଆସୁଅଛି । ଏହା ପ୍ରାରମ୍ଭରେ ସଂପ୍ରଦାୟ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ହାସଲ କରିବାକୁ ଚେଷ୍ଟା କରାଯାଉଥିଲା । ଖୁବ୍ ଶୀଘ୍ର ଏହା ହୃଦୟଙ୍ଗମ ହେଲା ଯେ ଯଥେଷ୍ଟ ସମୟ ମଧ୍ୟରେ ସମଗ୍ର ଗ୍ରାମାଞ୍ଚଳକୁ ଏହି ପ୍ରକଳ୍ପ ଗୁଡ଼ିକର ଆଭିମୂଖ୍ୟ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି । ତେଣୁ ଗ୍ରାମାଞ୍ଚଳର ଉନ୍ନତି ପାଇଁ କମ୍ୟୁନିଟି ଡ଼େଭଲପମେଣ୍ଟ ବ୍ଲକର ମଡ଼େଲ ଭାବରେ ଯୋଜନା ପ୍ରସ୍ତୁତ କରାଗଲା, ଯାହା ଗ୍ରାମାଞ୍ଚଳରେ ଆତ୍ମନିର୍ଭରଶୀଳ କରାଇବାରେ ସାହାଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ କୃଷି, ପଶୁପାଳନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ଷୁଦ୍ର ଶିଳ୍ପ ପ୍ରଭୃତି ବିଷୟ ପ୍ରତି ଗୁରୁତ୍ୱ ଦିଆଯାଏ । ମାତ୍ର ପ୍ରତି ଭୌଗଳିକ କ୍ଷେତ୍ରରେ ସମ ପରିମାଣର ଉନ୍ନତି ପରିଲକ୍ଷିତ ହେଲା ନାହିଁ । ତେଣୁ ପ୍ରତି ବ୍ଲକରେ ଆବଶ୍ୟକତାକୁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ କରାଗଲା । ସାଧାରଣ ଲୋକମାନଙ୍କର ସହଭାଗିତା ଏବଂ ବ୍ଲକ ଗୁଡ଼ିକର ସର୍ବାଙ୍ଗୀନ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ଉପଦେଷ୍ଟା ପରିଷଦ ବା ଡ଼ିଷ୍ଟ୍ରିକ୍ଟ ଆଡ଼ଭାଇଜୋରୀ କମିଟିମାନ ଗଢ଼ା ଯାଇଅଛି । ପ୍ରତ୍ୟେକ ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଲୋକଙ୍କ ଦ୍ୱାରରେ ଆବଶ୍ୟକ ସେବା ପହଞ୍ଚାଇବା ଏବଂ ସଂପୂର୍ଣ୍ଣ ଗ୍ରାମୀଣ ବିକାଶ ହାସଲ କରିବା । କିନ୍ତୁ ସୁଦୂର ଅଂଚଳ ଯେଉଁଠାରେ ସାଧାରଣ

ଭିତ୍ତିଭୂମିର ଅଭାବ ଥିଲା ସେଠାରେ ବିଶେଷ ପ୍ରୟାସ ଓ ଅଧିକ ଆର୍ଥିକ ବିନିଯୋଗ ଆବଶ୍ୟକ ଥିଲା। ଏହି ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ୧୯୫୪ ମସିହାରେ ଆଦିବାସୀ ଅଂଚଳରେ ସଂପ୍ରଦାୟ ବିକାଶ କାର୍ଯ୍ୟକ୍ରମକୁ ବଦଳାଇବାକୁ ନିଷ୍ପତ୍ତି ନିଆଗଲା। ପ୍ରାରମ୍ଭରେ ଏହି ଉଦ୍ଦେଶ୍ୟରେ ୪୩ଟି ବ୍ଲକ ଚୟନ କରାଯାଇଥିଲା। ଶୀଘ୍ର ଏହା ହୃଦୟଙ୍ଗମ ହେଲା ଯେ ଅଳ୍ପ ସମୟ ମଧ୍ୟରେ ନୂତନ କାର୍ଯ୍ୟକ୍ରମର ଅଧୀନରେ ଅନ୍ୟ କ୍ଷେତ୍ର ଆଣିବା ସମ୍ଭବ ନୁହେଁ।

- **ଆଦିବାସୀ ବିକାଶ ବ୍ଲକ :** ଆଦିବାସୀ ବିକାଶ ବ୍ଲକ ଗୁଡ଼ିକ କ୍ଷୁଦ୍ର ଭୌଗଳିକ କ୍ଷେତ୍ର ଏବଂ କମ୍ ଜନସଂଖ୍ୟା ବିଶିଷ୍ଟ ଏହି ଅଞ୍ଚଳକୁ ନେଇ ଗଠିତ ହେଲା, ଯେଉଁଥିରେ ଦୁଇ ତୃତୀୟାଂଶ ଜନବସତି ଆଦିବାସୀ ଥିଲେ। ତୃତୀୟ ପଞ୍ଚବାର୍ଷିକ ଯୋଜନା ସୁଦ୍ଧା ୫୦୦ ଏହିଭଳି ଆଦିବାସୀ ବିକାଶ ବ୍ଲକ ଗଠନ ହୋଇଥିଲା, ଦେଶର ୪୦ ପ୍ରତିଶତ ଜନସଂଖ୍ୟା ଏହା ମଧ୍ୟରେ ସଂଶ୍ଳିଷ୍ଟ ହୋଇ ପାରିଥିଲେ। ଅନ୍ୟ ଅଂଚଳ ଗୁଡ଼ିକ ଯେଉଁଠାରେ ଆଦିବାସୀ ଜନସଂଖ୍ୟା ପଚାଶ ପ୍ରତିଶତରୁ ଅଧିକ ଏବଂ ଦୁଇ ତୃତୀୟାଂଶରୁ କମ୍ ଥିଲେ ସେଠାରେ କମ୍ୟୁନିଟି ଡ଼େଭଲପମେଣ୍ଟ ବ୍ଲକ ବା ସଂପ୍ରଦାୟ ବିକାଶ ବ୍ଲକ ଗଠନ କରାଯାଇ ଏ ଅଂଚଳର ବିକାଶ ପାଇଁ ଧ୍ୟାନ ଦିଆଯାଇଥିଲା।

  ସ୍ୱାଧୀନତାର ପ୍ରଥମ ଦୁଇ ଦଶନ୍ଧି ଧରି ଗ୍ରାମାଞ୍ଚଳର ଦୃଷ୍ଟାନ୍ତ ମୂଳକ ଉନ୍ନତି କୃଷି, ପଶୁପାଳନ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇ ପାରିଥିଲା। କୃଷି ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶକୁ ଖାଦ୍ୟ ଶସ୍ୟରେ ଆତ୍ମନିର୍ଭରଶୀଳ ହେବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ଏହି ଦୃଷ୍ଟିରୁ ଧନୀ ଶ୍ରେଣୀୟ କୃଷକ ମାନେ ଯେଉଁମାନଙ୍କର ଗ୍ରାମାଞ୍ଚଳରେ ଅଧିକ ଜମିଥିଲା, ସେମାନେ ଅଧିକ ଲାଭବାନ ହେଲେ। କ୍ଷୁଦ୍ର ଏବଂ ମଧ୍ୟମ ଚାଷୀ ମାନଙ୍କଠାରୁ ଧନୀ ଚାଷୀମାନେ ଅର୍ଥନୈତିକ ଦୃଷ୍ଟିକୋଣରୁ ଅଧିକ ଫାଇଦା ପାଇଲେ। ଭୂମିହୀନ ଶ୍ରମିକମାନେ ମଧ୍ୟ ଏହାର ପ୍ରଭାବରେ କ୍ଷତିଗ୍ରସ୍ତ ହେଲେ। ଧନୀ ଓ ଗରିବଙ୍କ ମଧ୍ୟରେ ଦୂରତ୍ୱ ଅଧିକ ହେଲା। ତେଣୁ ଏହାର ତୁରନ୍ତ ନିରାକରଣ ପାଇଁ ସରକାର ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ନୂତନ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଅର୍ଥନୈତିକ ବୈଷମ୍ୟ ଦୂର କରିବା ପାଇଁ ଚେଷ୍ଟା କଲେ।

- **ଆଦିବାସୀ ବିକାଶ ସଂଗଠନ :** ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା, ଯାହାର ମୂଳ ଲକ୍ଷ୍ୟ ଥିଲା କୃଷି ଏବଂ ଅନ୍ୟାନ୍ୟ ଅର୍ଥନୈତିକ ବିକାଶ ମାଧ୍ୟମରେ ଅନୁସୂଚିତ ଜନଜାତିର ଉନ୍ନତି କରାଇବା। ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର କୃଷକ ବିକାଶ ଏଜେନ୍ସି (ଏସ୍.ଏଫ୍.ଡ଼ି.ଏ.) ଏବଂ ଅତି କ୍ଷୁଦ୍ର କୃଷକ ଏବଂ କୃଷି ବିକାଶ (ଏମ୍.ଏଫ୍.ଏ.ଏଲ୍.) ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ଦ୍ୱାରା ଅଂଚଳ ବିକାଶ ପ୍ରତି ଧ୍ୟାନ ଦେବାରୁ ଓହରିଯାଇ ବ୍ୟକ୍ତିଗତ ଭାବରେ ଆବଶ୍ୟକତା କରୁଥିବା ସାହାଯ୍ୟ ସହଯୋଗକୁ ଅଧିକ ଧ୍ୟାନ ଦିଆଗଲା। ମରୁଡ଼ି ଏବଂ ବିପର୍ଯ୍ୟୟ ସମୟରେ ଯେଉଁ ଅଂଚଳ ଅଧିକ କ୍ଷତିଗ୍ରସ୍ତ ହେଲା, ସେଭଳି ଅଂଚଳକୁ ଚିହ୍ନଟ କରି ନୂତନ ଯୋଜନା ପ୍ରସ୍ତୁତ କରାଗଲା। ଏଭଳି ଯୋଜନା ପରୀକ୍ଷାମୂଳକ ଭାବରେ ଗ୍ରହଣ କରାଯାଇଥିଲା। ପୁନଃର୍ବାର ଆଦିବାସୀ ଉନ୍ନୟନ ସଂଗଠନ ଗୁଡ଼ିକ ପ୍ରସ୍ତାହିତ କରି ଆଦିବାସୀଙ୍କ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ଯୋଜନାବଦ୍ଧ ଭାବରେ ଆରମ୍ଭ ହୋଇଥିଲା। ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଆଦିବାସୀ ଉନ୍ନୟନ ଯୋଜନାକୁ ଦୃଷ୍ଟିରେ ରଖି ଶିଲୋ ଓ କମିଟି ନିଯୁକ୍ତି ହୋଇଥିଲା, ଯାହାକି ଅନୁଧ୍ୟାନ କରି

ବିବରଣୀ ପ୍ରକାଶ କଲା ଯେ ଆଦିବାସୀ ମାନଙ୍କ ମୂଳ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଆଦିବାସୀ ବିକାଶ ବ୍ଲକ ଗଠନ ଯଥେଷ୍ଟ ନୁହେଁ। ଏହାଦ୍ୱାରା ସମସ୍ୟା ସମାଧାନ ହୋଇ ପାରିବ ନାହିଁ।

- **ଆଦିବାସୀ ଉପଯୋଜନା :** ଉପରୋକ୍ତ ସମସ୍ୟାର ଫଳପ୍ରଦ ଭାବରେ ମୁକାବିଲା କରିବା ପାଇଁ ପଞ୍ଚବାର୍ଷିକ ଯୋଜନା ଅଧୀନରେ ଆଦିବାସୀ ଉପଯୋଜନା ନାମକ ଏକ ବିକାଶ ମୂଳକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ତଦନୁସାରେ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଜନସଂଖ୍ୟା ଥିବା ସମସ୍ତ ଅଂଚଳକୁ ଉପଯୋଜନା ଅଂଚଳ ଭାବେ ଗ୍ରହଣ କରାଗଲା। ଶିଳ୍ପ ଏବଂ ସହରାଞ୍ଚଳ କୋଠାବାଡ଼ି ଏହି ଯୋଜନାରୁ ବାଦ ପଡ଼ିଥିଲା। ଏକ ତହସିଲକୁ ଯୋଜନା ଏବଂ ବିକାଶ ପାଇଁ ମୌଳିକ ଏକକ ଭାବରେ ଗ୍ରହଣ କରାଗଲା।

- **ସମନ୍ୱିତ ଆଦିବାସୀ ବିକାଶ ପ୍ରକଳ୍ପ :** ଆଦିବାସୀ ଉପଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସମନ୍ୱିତ ଆଦିବାସୀ ବିକାଶ ପ୍ରକଳ୍ପ ଆରମ୍ଭ କରାଗଲା। ମାତ୍ର ସମସ୍ୟା ହେଲା ୫୦ ପ୍ରତିଶତ ଆଦିବାସୀ ଏକକ ଜନସଂଖ୍ୟା ସ୍ଥିର କରିବା। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶ, ଓଡ଼ିଶା ଓ ବିହାର ପରି ରାଜ୍ୟରେ ଆଦିବାସୀ ଜନସଂଖ୍ୟା ନିର୍ଣ୍ଣୟ କରିବା କିଛି ସମସ୍ୟା ନଥିଲା। ମାତ୍ର ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ଆସାମ ପରି ରାଜ୍ୟରେ ସର୍ବନିମ୍ନ ୨୦,୦୦୦ ଆଦିବାସୀ ଜନସଂଖ୍ୟା ବିକାଶର କ୍ଷୁଦ୍ରତମ ଏକକ ଭାବରେ ଗ୍ରହଣ କରାଯାଇଥିଲା। ତାମିଲନାଡୁ, କେରଳ ଓ ଉତ୍ତରପ୍ରଦେଶରେ ୧୦,୦୦୦ ଆଦିବାସୀଙ୍କ ପାଇଁ ଏହି ନିୟମ ଲାଗୁ କରାଗଲା। ପଶ୍ଚିମବଙ୍ଗ ଓ ତ୍ରିପୁରାରେ ଏହାକୁ ଆହୁରି କୋହଳ କରାଯାଇ, ଯେଉଁଠାରେ ଅଧିକ ଆଦିବାସୀ ବହୁଳ ଗ୍ରାମ ଚିହ୍ନଟ ହୋଇପାରିଲା ତାହାକୁ ଗ୍ରହଣ କରାଗଲା। କର୍ଣ୍ଣାଟକ ଏବଂ ଦାମନରେ ଏକତ୍ରିତ ଆଦିବାସୀ ଗ୍ରାମ ପାଇବା କଷ୍ଟକର ଥିବାରୁ ସେଠାରେ ବିଚ୍ଛିନ୍ନ ଆଦିବାସୀ ସଂପ୍ରଦାୟଙ୍କୁ ଏହି ବିକାଶର ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଆଦିବାସୀ ଉପଯୋଜନା ୧୭ଟି ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଂଚଳରେ କାର୍ଯ୍ୟକ୍ରମ ହୋଇଥିଲା। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗୁଜରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ସିକିମ୍, ତାମିଲନାଡୁ, ତ୍ରିପୁରା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଣିପୁର, ଓଡ଼ିଶା, ରାଜସ୍ଥାନ, ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜ, ଗୋଆ ଏବଂ ଦାମନ ଡ଼ିୟୁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଲାକ୍ଷା ଦ୍ୱିପରେ ଆଦିବାସୀ ସଂଖ୍ୟା କମ୍ ଥିବାରୁ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉନାହିଁ। ସେମାନଙ୍କର ନିଜସ୍ୱ ଯୋଜନା ସ୍ଥାନୀୟ ଆଦିବାସୀ ଜନସଂଖ୍ୟାର ବିକାଶ ପାଇଁ ଉଦ୍ଦିଷ୍ଟ।

**ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ :**

(କ) ସମନ୍ୱିତ ଆଦିବାସୀ ବିକାଶ ଯୋଜନା ୫୦ ପ୍ରତିଶତ କିମ୍ବା ଅଧିକ ଅନୁସୂଚିତ ଜନଜାତି ଜନସଂଖ୍ୟା ଥିବା ସବଡ଼ିଭିଜନ/ଜିଲ୍ଲା/ତହସିଲ ପରି ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଏ।

(ଖ) ଆଦିବାସୀ ବହୁଳ ୧୦,୦୦୦ ଜନସଂଖ୍ୟା ବା ଅନୁସୂଚିତ ଜନଜାତି ୫୦ ପ୍ରତିଶତ ଜନସଂଖ୍ୟା ଅଂଚଳ ପାଇଁ ଏହା ଉଦ୍ଦିଷ୍ଟ।

## ଆଦିବାସୀ ଉପଯୋଜନାର ଆଭିମୁଖ୍ୟ :

ସପ୍ତମ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ସମୁଦାୟ ୫୦୦୦ ଜନସଂଖ୍ୟା ବିଶିଷ୍ଟ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଜନସଂଖ୍ୟା ବିଶିଷ୍ଟ ଅଂଚଳ ଚିହ୍ନଟ କରାଯାଇଥିଲା। ୧୯୮୬-୮୭ ପର୍ଯ୍ୟନ୍ତ ବିହାର, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଓ ରାଜସ୍ଥାନରେ ୧.୭ ଲକ୍ଷ ସମୁଦାୟ ଆଦିବାସୀ ଜନସଂଖ୍ୟାକୁ ଅନ୍ତର୍ଭୂକ୍ତ କରୁଥିବା ୪୭ଟି କ୍ଲଷ୍ଟର ଚିହ୍ନଟ ହୋଇଥିଲା। ଅନୁସୂଚିତ ଜନଜାତିର ବିକାଶ ପାଇଁ ନିକଟ ଅତୀତରେ ଆଦିବାସୀ ଉପଯୋଜନା ମୁଖ୍ୟ ଉପକରଣ ଭାବେ ରହି ଆସିଛି। ଷଷ୍ଠ ଯୋଜନାରେ ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣକୁ ପ୍ରାଥମିକ ଗୁରୁତ୍ୱ ଦିଆଯାଇଅଛି। ଅତି କମରେ ପଚାଶ ପ୍ରତିଶତ ଆଦିବାସୀ ପରିବାର ଏହି ଲକ୍ଷ୍ୟ ହାସଲରେ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଇବା, ଶୋଷଣକୁ ଦୂର କରିବା ଏବଂ ଅଶିକ୍ଷାକୁ ଦୂର କରିବା ଦ୍ୱାରା ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆଶା କରାଯାଉଥିଲା।

### ଆଦିବାସୀ ବିକାଶର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ହେଉଛି :

(କ) କୃଷି, ଉଦ୍ୟାନ କୃଷି, ପଶୁ ପାଳନ, କ୍ଷୁଦ୍ର ଶିଳ୍ପ ଇତ୍ୟାଦି କ୍ଷେତ୍ରରେ ହିତାଧିକାରୀ ପରିବାରର ଉତ୍ପାଦନ ସ୍ତର ବୃଦ୍ଧି କରିବ।

(ଖ) ଅର୍ଥ ଲଗାଣ ସଂସ୍ଥା, ଋଣଦାତା, ଜମି ହଡ଼ପକାରୀଙ୍କ ଶୋଷଣରୁ ମୁକ୍ତ କରିବ।

(ଗ) ଶିକ୍ଷା ଓ ତାଲିମ ମାଧ୍ୟମରେ ଜୀବନଶୈଳୀରେ ଉନ୍ନତି ଆଣିବ।

(ଘ) ବିକାଶର ଭିତ୍ତିଭୂମି ପ୍ରତିଷ୍ଠା କରିବ।

### ଆଦିବାସୀ ଉପଯୋଜନା ପାଇଁ ଅର୍ଥ :

(କ) ରାଜ୍ୟ ଯୋଜନା

(ଖ) କେନ୍ଦ୍ରୀୟ ଓ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ବା ପ୍ରକଳ୍ପ

(ଗ) ଗୃହ ମନ୍ତ୍ରଣାଳୟର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା

(ଘ) ଆନୁଷ୍ଠାନିକ ଅର୍ଥ

ପ୍ରାୟ ୧୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ବାସ କରୁଥିବା ୭୫ ପ୍ରତିଶତରୁ ଅଧିକ ଆଦିବାସୀ ଜନସଂଖ୍ୟାକୁ ଆଦିବାସୀ ଉପଯୋଜନା ଅନ୍ତର୍ଭୂକ୍ତ କରିବାରେ ସକ୍ଷମ ହୋଇଛି। ଅନୁସୂଚିତ ଜନଜାତିର ସାମଗ୍ରିକ ବିକାଶ ସହିତ ଜଡ଼ିତ ସମସ୍ୟା ଗୁଡ଼ିକ ଜଟିଳ। ଆଦିବାସୀ ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ କରିବା ସହିତ ଆହୁରି ଅନେକ କିଛି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଆବଶ୍ୟକତା ଅଛି।

## ୩.୧୦ ଅନୁସୂଚିତ ଜନଜାତି ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ

(କ) ଆଦିବାସୀ ମାନେ ଭାରତ ଜନସଂଖ୍ୟାର ଏକ ବୃହତ ଅଂଶ ଅଟନ୍ତି । କେବଳ କେନ୍ଦ୍ର ଓ ରାଜ୍ୟ ସରକାର ଏ ବାବଦରେ ବିଭିନ୍ନ ପଦକ୍ଷେପ ନେଇ ନାହାନ୍ତି, ବଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି କାର୍ଯ୍ୟରେ ଆଗଭର ହୋଇଛନ୍ତି । ସରକାର ଏହାର ଆଦିବାସୀ କଲ୍ୟାଣ ବିଭାଗ ମାଧ୍ୟମରେ ଏବଂ ଏହାର ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଆଦିବାସୀମାନଙ୍କୁ ଅଜ୍ଞତା, ନିରକ୍ଷରତା, ଦାରିଦ୍ର୍ୟତାରୁ ମୁକ୍ତି ଦେବାକୁ ଚେଷ୍ଟା କରୁଛନ୍ତି ।

(ଖ) ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା : ଆଦିବାସୀ ବିକାଶରେ ସେମାନଙ୍କର ପ୍ରୟାସକୁ ସଫଳ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ତରଫରୁ ସ୍ୱତନ୍ତ୍ର ବିକାଶ ସହାୟତା ଯୋଗାଇ ଦିଆଯାଇଥାଏ । ଏହି ସହାୟତା ମୁଖ୍ୟତଃ ଉଦ୍ୟାନ କୃଷି, କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ, ପଶୁପାଳନ, ଜଙ୍ଗଲ ସୁରକ୍ଷା, ଶିକ୍ଷା, ସମବାୟ, ମତ୍ସ୍ୟ ଚାଷ, କୁଟୀର ଶିଳ୍ପ ପାଇଁ ଯୋଗାଇ ଦିଆଯାଇଥାଏ ।

(ଗ) ଅର୍ଥନୈତିକ କାର୍ଯ୍ୟକ୍ରମ : ଅଧିକାଂଶ ଆଦିବାସୀ ଅତ୍ୟନ୍ତ ଗରିବ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ । ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି ।

(ଘ) ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ବିକାଶ : ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଆଦିବାସୀ ମାନଙ୍କ ସାମାଜିକ, ଆର୍ଥିକ ବିକାଶ ପାଇଁ ପ୍ରଚେଷ୍ଟା କରାଯାଇଅଛି । ଆଦିବାସୀ ଉପଯୋଜନା, ଆଦିବାସୀ ସମନ୍ୱିତ ଯୋଜନା ମାଧ୍ୟମରେ ଅଶିକ୍ଷା ଶୋଷଣ, ଦାରିଦ୍ର୍ୟ ଦୂର କରିବା ସହିତ ସେମାନଙ୍କ ଅର୍ଥନୈତିକ ଅବସ୍ଥା ଏବଂ ପରିବେଶର ଉନ୍ନତି ପାଇଁ ପ୍ରୟାସ କରାଯାଇଅଛି ।

### ଏଲ୍.ଏ.ଏମ୍.ପି.ଏସ୍. ପ୍ରତିଷ୍ଠା :

ବୃହତ ଆକାରର ବହୁମୁଖୀ ସମବାୟ ସମିତି (ଏଲ୍.ଏ.ଏମ୍.ପି.ଏସ୍.) ଉତ୍ପାଦନକାରୀ ଏବଂ ଅଣ ଉତ୍ପାଦକ ଋଣ ଦେବା, ଅତିରିକ୍ତ ଉତ୍ପାଦ ବିକ୍ରୟ ତଥା ଆଦିବାସୀଙ୍କୁ ବିଭିନ୍ନ ଆବଶ୍ୟକତାର କ୍ରୟ ପାଇଁ ସହାୟତା ଦେବା ପାଇଁ ଅନୁସୂଚିତ ଜନଜାତି ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିଲା । ଏହା ମାଧ୍ୟମରେ ଆଦିବାସୀ ମାନଙ୍କୁ ଉନ୍ନତି ମଞ୍ଜି, ଆଧୁନିକ କୃଷି ଉପକରଣ, ରାସାୟନିକ ପଦାର୍ଥ ଏବଂ ସାର, କୀଟନାଶକ ଇତ୍ୟାଦି ଯୋଗାଇ ଦିଆଯାଏ । ଏହା ସାମାଜିକ ମଧ୍ୟସ୍ଥି ଘରୋଇ ଅର୍ଥଲଗାଣ ଦଲାଲଙ୍କ ଶୋଷଣରୁ ଆଦିବାସୀମାନଙ୍କୁ ମୁକ୍ତି କରିବାକୁ ଚେଷ୍ଟା କରିଥାଏ । ଆଦିବାସୀ ସମବାୟ ମାର୍କେଟିଂ ଡ଼େଭଲପମେଣ୍ଟ ଫେଡ଼େରେସନ ଅଫ ଇଣ୍ଡିଆ (ଟ୍ରାଇଫେଡ୍) ୧୯୮୭ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଯାହା ଅନୁସୂଚିତ ଜନଜାତିର ଲୋକମାନଙ୍କୁ ମାର୍କେଟିଂ ସହାୟତା ପ୍ରଦାନ କରିବାର ମୂଳ ଲକ୍ଷ୍ୟ ଥିଲା । କ୍ଷୁଦ୍ର ଜଙ୍ଗଲ ଉତ୍ପାଦନ, କୃଷି ଉତ୍ପାଦନକୁ ବିକ୍ରି କରିବା ପାଇଁ ଆଉ ବେସରକାରୀ ମଧ୍ୟସ୍ଥି ବା ଶୋଷଣକାରୀଙ୍କ ଶିକାର ହେବେ ନାହିଁ ଟ୍ରାଇଫେଡ଼ ମଧ୍ୟ ଆଦିବାସୀ ମାନଙ୍କ ବିକାଶ ପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ, ଯାହା ଆଦିବାସୀ ପରିବାର ମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିବାରେ ସାହାଯ୍ୟ କରେ । କେନ୍ଦ୍ର ସରକାର ୧୯୯୨-୯୩ ଠାରୁ ବିଭିନ୍ନ ଯୋଜନା ଗୁଡ଼ିକୁ ସଫଳ କରିବା ପାଇଁ ଆଦିବାସୀ ଯୁବକ ଯୁବତୀ ମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ତାଲିମ କେନ୍ଦ୍ର

ପ୍ରତିଷ୍ଠା କରିଅଛି । ହସ୍ତଶିଳ୍ପ ଓ କୁଟୀର ଶିଳ୍ପକୁ ଉତ୍ସାହିତ କରିବା ପାଇଁ ପ୍ରୟାସ ହୋଇଛି । ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟରେ ମହମ ଶିଳ୍ପ ପାଇଁ ଉତ୍ସାହିତ କରାଯାଏ । ଆଦିବାସୀମାନେ ପରିବର୍ତ୍ତିତ ଚାଷ ପ୍ରଣାଳୀ ତ୍ୟାଗ କରି, ସ୍ଥାୟୀ ଭାବରେ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରିବା ସହିତ କୃଷିକୁ ନିଜର ଜୀବିକା କରିବା ପାଇଁ ଉତ୍ସାହିତ କରାଯାଏ । ଆସାମ, ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଓ ତ୍ରିପୁରାରେ ହଜାର ହଜାର ଆଦିବାସୀ କୃଷି ପାଇଁ ସ୍ଥାୟୀ ଭାବରେ ବସବାସ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ଯେଉଁ ଶ୍ରମିକମାନେ ଖଣି ଶ୍ରମିକ ଭାବରେ ବା ଆସାମରେ ଚା ବଗିଚା ଶ୍ରମିକ ଭାବରେ କାମ କରନ୍ତି, ସେମାନଙ୍କ ସୁରକ୍ଷା ଏବଂ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ମାନ ସରକାରଙ୍କ ତରଫରୁ ନିଆଯାଇଅଛି ।

**ଶିକ୍ଷା ସୁବିଧା :**

ସରକାରଙ୍କ ତରଫରୁ ଅନୁସୂଚିତ ଜନଜାତିଙ୍କ ଶିକ୍ଷାର ବିକାଶ ନିମନ୍ତେ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଇଅଛି । ଆଦିବାସୀ ଅଞ୍ଚଳରେ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରାଯାଏ । ଆଦିବାସୀ ପିଲାମାନଙ୍କୁ ମାଗଣା ଟ୍ୟୁସନ, ଭତ୍ତା, ଛାତ୍ରବୃତ୍ତି, ମାଗଣା ବହି ଓ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଏ । ଅନେକ ସ୍ଥାନରେ ମାଗଣା ରହିବା ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇଅଛି । ପ୍ରତ୍ୟେକ ସ୍ଥାନରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି । ବୈଷୟିକ ଶିକ୍ଷା ପାଇଁ ୨୦ ପ୍ରତିଶତ ସଂରକ୍ଷଣ ସହିତ ବୟସ ଏବଂ ଯୋଗ୍ୟତା ନମ୍ବରରେ ମଧ୍ୟ କୋହଳ କରାଯାଏ ।

କମ୍ ସାକ୍ଷରତା ଅଂଚଳରେ ବାଳିକାମାନଙ୍କ ଶିକ୍ଷା ପାଇଁ ୧୯୯୩-୯୪ ଠାରୁ ସ୍ୱତନ୍ତ୍ର ଭାବେ ଯୋଜନା ଆରମ୍ଭ ହୋଇଛି । ୮ଟି ରାଜ୍ୟରେ ୪୮ଟି ଜିଲ୍ଲାରେ, ଯେଉଁଠାରେ ମହିଳା ସାକ୍ଷରତା ହାର ୨ ପ୍ରତିଶତରୁ କମ୍ ଥିଲା, ସେଠାରେ ଏହି ଯୋଜନା ଆରମ୍ଭ କରାଯାଇଛି । ୧୯୯୮ ମସିହାଠାରୁ ଏହି ଯୋଜନା ସଂଶୋଧିତ ହୋଇ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ରାଜ୍ୟ ସରକାରଙ୍କ ମାଧ୍ୟମରେ ପରିଚାଳିତ ହେବା ସହ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆବାସିକ ଶିକ୍ଷା ସୁବିଧା ପ୍ରଦାନ କରାଯାଇଅଛି । ଅନେକ ସ୍ଥାନରେ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ମୌଳିକ ଶିକ୍ଷା ପ୍ରଦାନ ସହ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଅଛି । ଏହି ବିଦ୍ୟାଳୟ ଗୁଡ଼ିକରେ କୃଷି, ବନୀକରଣ, ପଶୁପକ୍ଷୀ, କୁକୁଡ଼ା ଚାଷ ଭଳି କ୍ଷେତ୍ରରେ ଶିକ୍ଷା ଓ ତାଲିମ ଦିଆଯାଏ ।

ଆଇ.ଏ.ଏସ୍./ଆଇ.ପି.ଏସ୍. ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତିର୍ଣ୍ଣ ହେବା ପାଇଁ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ପ୍ରସ୍ତୁତ ଶିକ୍ଷା ପ୍ରଦାନ କରାଯାଏ ।

ଅନୁସୂଚିତ ଜନଜାତିର ଛାତ୍ରୀମାନଙ୍କ ପାଇଁ ତୃତୀୟ ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ଶିକ୍ଷାର ଉନ୍ନତି ଆଣିବା ନିମନ୍ତେ ଛାତ୍ରୀ ନିବାସ ପ୍ରତିଷ୍ଠା କରିବା ଏବଂ ୧୯୮୯-୯୦ ମସିହାଠାରୁ ଛାତ୍ର ନିବାସ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇ କାର୍ଯ୍ୟକାରୀ ହେଉଅଛି ।

**ସ୍ୱାସ୍ଥ୍ୟ ସୁବିଧା :**

ଆଦିବାସୀ ଅଂଚଳରେ ଡ଼ାକ୍ତରଖାନା ପ୍ରତିଷ୍ଠା କରାଯାଇ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଅଛି । ଅନେକ ସ୍ଥାନରେ ମୋବାଇଲ ବା ଭ୍ରାମ୍ୟମାଣ ଡ଼ାକ୍ତରଖାନା ସୁବିଧା ମଧ୍ୟ କରାଯାଉଅଛି । ମ୍ୟାଲେରିଆ, କୁଷ୍ଠରୋଗ, ଟାଇଫଏଡ୍, ମିଳିମିଳା, ହାଡ଼ଫୁଟି, ଝାଡ଼ାବାନ୍ତି ପରି ଅନେକ ରୋଗର ମୁକାବିଲା ପାଇଁ ଅନେକ ପ୍ରତିଷେଧକ ଏବଂ ଉପଶମକାରୀ ପଦକ୍ଷେପ ନିଆଯାଉଛି । ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇବା ସହିତ ସଚେତନମୂଳକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଅଛି ।

**ଗବେଷଣା :**

ଆଦିବାସୀ କଳା ସଂସ୍କୃତି, ପରମ୍ପରା ଏବଂ ସମସ୍ୟାର ଅନୁଧ୍ୟାନ ବା ଗବେଷଣା କରୁଥିବା ଅନୁଷ୍ଠାନ ପ୍ରତିଷ୍ଠା କରାଯାଇ ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀର ବିକାଶ ନିମନ୍ତେ ପ୍ରୟାସ ଜାରି ରହିଛି । ବିହାର, ଓଡ଼ିଶା, ମଧ୍ୟପ୍ରଦେଶ, ଗୁଜରାଟ, କେରଳ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ ପଶ୍ଚିମବଙ୍ଗରେ ଏହିପରି ଅନୁଷ୍ଠାନଗୁଡ଼ିକ ରହିଅଛି । ଏହି ସଂସ୍ଥା ଗୁଡ଼ିକ ମଧ୍ୟରୁ କେତେକଙ୍କର ଆଦିବାସୀ କଳାକୃତି ପ୍ରଦର୍ଶିତ ସଂଗ୍ରହାଳୟ ମଧ୍ୟ ରହିଛି ।

**ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା :**

ଆଦିବାସୀ କଲ୍ୟାଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ । ଅନେକ ସେବରକାରୀ ଅନୁଷ୍ଠାନ ମାନେ ଏ କ୍ଷେତ୍ରରେ କାମ କରିବା ସହିତ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନୁଦାନରେ ଆବାସିକ ବିଦ୍ୟାଳୟ, ଚିକିତ୍ସାଳୟ, କମ୍ପ୍ୟୁଟର ତାଲିକା ଇତ୍ୟାଦି ପରିଚାଳନା କରିବାର ଦାୟିତ୍ୱ ନେଉଛନ୍ତି ।

## ୩.୧୧ ମୁଖ୍ୟ ଶବ୍ଦାବଳୀ

- **ଜନଜାତି :** ଏହା ହେଉଛି ଏକ ନୃତତ୍ୱିକ ଧାରଣା ଏହାକୁ କେତେକ ଲେଖକମାନେ ପ୍ରକୃତି ପୂଜକ ବା ଆଦିବାସୀ ଭାବରେ ସୂଚୀତ କରନ୍ତି ।
- **ଅନୁସୂଚିତ ଜାତି : ଏହା ହେଉଛି ଏକ ପ୍ରଶାସନିକ ଓ ସାମ୍ବିଧାନିକ ଧାରଣା ଏହା ଏକ ଆଦିବାସୀ ସମ୍ପ୍ରଦାୟକୁ ସୁଚିତ କରେ ଯାହାକୁ କି ସମ୍ବିଧାନର ୩୪୨ଧାରା ଅନୁଯାଇ ଅନ୍ତର୍ଭୂକ୍ତ କରାଯାଇଛି ।**
- କୁମ୍ପସ : ବହୁମୁଖୀ ଉଦ୍ଦେଶ୍ୟ ସମବାୟ ସମିତି : ଏହା ସାଧାରଣତଃ ଆଦିବାସୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥାଏ । ଆଦିବାସୀମାନଙ୍କୁ ଉତ୍ପାଦନକାରୀ ଓ ଅଣଉତ୍ପାଦନକାରୀ ଋଣଦେବାରେ ସାହାଯ୍ୟ କରିଥାଏ ।

## ୩.୧୨ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) 'ଜାତି'ର ବିଭିନ୍ନ ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

୨) ଅନୁସୂଚିତ ଜନଜାତିର ଅର୍ଥ କ'ଣ ?

## ୩.୧୩ ସହାୟକ ଗ୍ରନ୍ଥସୂଚୀ


- Chaudhari, B. (Ed); Tribal Development in India, Problems and Prospects, Delhi: Inter-India Publications, 1982.
- Chaurasia, B.P., *Scheduled Castes and Scheduled Tribes*, Allahabad: Chugh Publications, 1990.
- Freeman, James, M., *Untouchable,* London: George Allen & Unwin, 1979.
- Pati, R.N. and Jena, B.; Tribal Development in India, New Delhi: Ashish Publishing House, 1989.
- Raha M.K. and 'Coomar, P.C. (eds); Tribal India Vol I 4 II, New Delhi : Gian Publishing House, 1989.
- Roy, Ramashray, and Singh V.B., *Between Two Worlds: A Study of Harijan Elites* Delhi: Discovery Publishing House, 1987.
- Saksena, H.S., *Safeguards for Scheduled .Castes and Tribes*, New Delhi: Uppal Publishing House, 1981.
- Singh, K.S.; Tribal Society in India, Delhi: Manohar. 1985.


❑❑❑

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur